

ଓଁ ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟଃ !!!

# ଚରମ


ଦ୍ୱିତୀୟ ମହକ ❋ ତୃତୀୟ ପୁଷ୍ପ ❋ ଷଷ୍ଠ ପାଖୁଡ଼ା ❋ ତ୍ରୟୋଦଶ ସଂଖ୍ୟା ❋

ସଂପାଦକ : କେଶବଦାସ

ପ୍ରକାଶକ : ପୀତାମ୍ବର ଦାସ, ସାଧାରଣ ସଂପାଦକ,
ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ

ମୁଦ୍ରକ ଓ ଅକ୍ଷରସଜ୍ଜା : ରସଦ୍ ଆଡ୍ ଏଜେନ୍ସି, ମହତାବ ରୋଡ୍,
କଟକ, ଫୋନ- ୦୬୭୧-୨୩୧୧୪୩୧



## କାର୍ଯ୍ୟାଳୟ ଓ ପ୍ରାପ୍ତିସ୍ଥାନ

ଚରମ ପ୍ରକାଶନ ସଂସ୍ଥା, ସାହିତ୍ୟ ସଂସଦ୍,
ମାର୍ଫତ୍ : ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ କାର୍ଯ୍ୟାଳୟ,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ, ଓଡ଼ିଶା
ପିନ୍ - ୭୫୪୨୦୬
ଫୋନ୍ - (୦୬୭୧) ୨୭୬୭୧୦୧



ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍‌ର ଅନ୍ୟତମ ଅଙ୍ଗ ସାହିତ୍ୟ ସଂସଦ୍ ତରଫରୁ
ଚରମ ପ୍ରକାଶନ ସଂସ୍ଥା, କ୍ଷିତିଜ୍ୟୋତିଃ ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜି: କଟକଙ୍କ ଦ୍ୱାରା ପ୍ରକାଶିତ
ଏବଂ ରସଦ୍ ଆଡ୍ ଏଜେନ୍ସି, କଟକଙ୍କ ଦ୍ୱାରା ମୁଦ୍ରିତ ।


ପ୍ରକାଶକଙ୍କ କର୍ତ୍ତୃକ ସର୍ବସ୍ୱତ୍ୱ ସଂରକ୍ଷିତ ।



❋ ଭକ୍ତି ପ୍ରେମାଞ୍ଜଳି : ପ୍ରତି ଖଣ୍ଡ : ପନ୍ଦର ମୁଦ୍ରାଞ୍ଜଳି ❋

❋ କେଶବାବ୍ଦ : ପଞ୍ଚଚତ୍ୱାରିଂଶଦ୍ ❋ ଅଗ୍ନ୍ୟୁତ୍ସବ ମାସ ❋ ଅଗ୍ନ୍ୟୁତ୍ସବ ପୂର୍ଣ୍ଣିମା ❋

# ପ୍ରବେଶ ପରିଚିତି

❋ ତୃତୀୟ ପୁଷ୍ପ ❋
ଷଷ୍ଠ ପାଖୁଡ଼ା
ତ୍ରୟୋଦଶ ସଂଖ୍ୟା

ପୁନଃମୁଦ୍ରଣ-୨୦୧୧

❖ ବୈଦିକ ପ୍ରାର୍ଥନା ❖

ବିଶାଳ ବିଶ୍ୱସ୍ୟ ନିଧାନ ବୀଜମ୍
ବରଂ ବରେଣ୍ୟଂ ବିଧିବିଷ୍ଣୁ ସର୍ବୈଃ
ବସୁନ୍ଧରା ବାରି ବିମାନ ବହ୍ନିଃ
ବାୟୁ ସ୍ୱରୂପଂ ପ୍ରଣବଂ ବିବନ୍ଦେ ॥


| ବିଷୟ | ପୃଷ୍ଠାଙ୍କ |
|---|---|
| **ସିଂହଦ୍ୱାର** | |
| ମଙ୍ଗଳାଚରଣ | ୧ |
| ଶ୍ରୀପାଦୁକା ବନ୍ଦନା | ୧ |
| **ମୁଖଶାଳା** | |
| ସଂପାଦକୀୟ | ୨ |
| **ଶ୍ରୀମନ୍ଦିର** | |
| ଚରମର ପ୍ରଚ୍ଛଦପଟ ସମ୍ପର୍କରେ | ୩ |
| ଯତ୍ନନାର୍ଯ୍ୟସ୍ତୁ ପୂଜ୍ୟନ୍ତେ | ୬ |
| ବାଲ୍ୟକାଳୁ ଧର୍ମଧନ ସଞ୍ଚବି | ୮ |
| ଉତିଷ୍ଠିତଃ ! ଜାଗ୍ରତଃ !! | ୧୦ |
| ଶ୍ରୀ ଠାକୁରଙ୍କ ଦର୍ଶନରୁ : ମୋହ | ୧୬ |
| **ରତ୍ନବେଦୀ** | |
| ସମ୍ଭବାମି ଯୁଗେ ଯୁଗେ : ଜନନୀ, ଜଠର, ଜରାୟୁ | ୧୯ |
| କଲ୍ୟାଣ ଦେଲି ତୋତେ | ୨୫ |
| କେଶବ କୈବଲ୍ୟ କଣିକା | ୩୧ |
| ଜିଜ୍ଞାସା : ଜିଜ୍ଞାସୁ | ୩୩ |
| **ନୀଳଚକ୍ର** | |
| 'ଚରମ'ର ସଙ୍କେତ | ୩୮ |
| ଆଶ୍ରମ ସନ୍ଦେଶ | ୪୨ |
| ଜଣାଣ | ୪୪ |


## ପତ୍ରିକା ବ୍ୟବହାର ବିଧି

୧. ଶ୍ରଦ୍ଧା, ଭକ୍ତି, ନିଷ୍ଠା ଓ ବିଶ୍ୱାସର ସହିତ ପାଠ କରନ୍ତୁ ।
୨. ନିଷ୍ଠା ଓ ପବିତ୍ରତାର ସହିତ ପତ୍ରିକା ବ୍ୟବହାର କରନ୍ତୁ ଓ ସାଇତି ରଖନ୍ତୁ ।
୩. ପତ୍ରିକାରୁ ବିଗ୍ରହ ଛିଣ୍ଡାଇ ନିଅନ୍ତୁ ନାହିଁ । ଏହା ଦ୍ୱାରା ପତ୍ରିକାର ଅଙ୍ଗହାନି ହେବ । ଏହା ଅକ୍ଷମଣୀୟ ଅପରାଧ ।
୪. ଚରମର ପୁରୁଣା ସଂଖ୍ୟାମାନ ସଂଗ୍ରହ କରି ପଢ଼ନ୍ତୁ ଓ ଯତ୍ନର ସହ ସାଇତି ରଖନ୍ତୁ ।
୫. ଆମ ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ ଅନ୍ୟାନ୍ୟ ପୁସ୍ତକ/ପୁସ୍ତିକାଦି ସଂଗ୍ରହ କରି ପଢ଼ନ୍ତୁ ଓ ସାଇତି ରଖନ୍ତୁ ।
୬. ନିଜେ ପଢ଼ନ୍ତୁ ଓ ପରିବାରର ଅନ୍ୟ ସମସ୍ତଙ୍କୁ ପଢ଼ିବା ପାଇଁ ପ୍ରବର୍ତ୍ତନା ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।
୭. ପଡ଼ୋଶୀମାନଙ୍କୁ ମଧ୍ୟ ପଢ଼ିବାର ସୁଯୋଗ ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।

- ସଂପାଦକ, 'ଚରମ' ॥



ମୂଳାଧାର କର୍ଣ୍ଣଧାର ସ୍ୱାଧୀଷ୍ଠାନେ ସ୍ୱାଧୀନ ।
ମଣିପୁର ପୁରୋହିତ ଅନାହତ ପ୍ରବୀଣ ।।
ବିଶୁଦ୍ଧରେ ଶୁଦ୍ଧଚିତ ଆଜ୍ଞାଚକ୍ର ଅନୁଜ୍ଞା ।
ସହସ୍ରାର ସାର ଏକା ବ୍ରହ୍ମରନ୍ଧ୍ର ପ୍ରଜ୍ଞା ।।






## ମଙ୍ଗଳାଚରଣ

ଦିବ୍ୟେନ୍ଦୁ କାନ୍ତି କମଳାୟତାକ୍ଷଃ
ସୁହାସ୍ୟଚାସ୍ୟଂ ମଧୁରଂ ଗୀରନ୍ତେ ।
ଆରକ୍ତତୋଷ୍ଠମମଳେନ୍ଦୁ ସୁଖମ୍ ।
ପାହି କରତୋନଃ ମହାପୁରୁଷ ! ।।

## ଶ୍ରୀପାଦୁକା ବନ୍ଦନା

ଜୟଗୁରୁ ଅନ୍ତର୍ଯ୍ୟାମୀ ଜଗତ ଠାକୁର
ବନ୍ଦନା କରୁଛି ପ୍ରଭୁ ତୁମ ଶ୍ରୀ ପୟର ।।୧।।
ଯେଉଁ ପଦ ଚିନ୍ତିବାକୁ ବ୍ରହ୍ମା ଅସହାୟ
ମହେଶ୍ୱର ଧ୍ୟାନ ଯୋଗେ ହୁଅନ୍ତି ଅଥୟ ।।୨।।
ତେତିଶକୋଟି ଦେବତା ନିରତେ ଜପନ୍ତି
ଯୋଗୀ, ମୁନୀ, ତପସ୍ୱିନୀ ଭ୍ରମରେ ପଡ଼ନ୍ତି ।।୩।।
ଶକତି ମୋ ନାହିଁ ପ୍ରଭୁ ଚିନ୍ତିବାକୁ ଥରେ
ଭକତି ବି ନାହିଁ ମନେ ପାଇବାକୁ ତାରେ ।।୪।।
ନୁହଁଇ ଭକତ ଅବା ଜ୍ଞାନୀ ଯୋଗୀ ମୁହିଁ
ଜ୍ଞାନହୀନ, କର୍ମହୀନ ପାତକୀ ଅଟଇ ।।୫।।
ଯୁଗ ଯୁଗାନ୍ତରୁ ତୁମ ନାମ କୃପାନିଧି
ସନ୍ତାନ ମଙ୍ଗଳ ଆଶେ କରୁଣା ବାରିଧି ।।୬।।
ପତିତ ତାରଣ ବାନା ଉଡ଼ାଇ ବସିଛ
ଶ୍ରୀପଦେ ଶରଣ ଦିଅ ଦୋଷ ମୋ ନ ବାଛ ।।୭।।
ଶ୍ରୀପଦରୁ ଝରୁଅଛି ଆଶିଷର ବାରି
ତଥାପି ଏ ମୂଢ଼ମତି ନ ପାରୁଛି ଧରି ।।୮।।
ମୋହ, ମାୟା ବନ୍ଧନରେ ବାନ୍ଧିତ ଦେଇଛ
ପରମ ଧାମ ଶ୍ରୀପଦେ ଲୁଚାଇ ରଖିଛ ।।୯।।
ଯେଉଁ ପଦ ପାଇ ହର ହେଲେ ମୃତ୍ୟୁଞ୍ଜୟୀ
ଯେଉଁ ପଦ ଦରଶନେ ଜୀବ ତରିଯାଇ ।।୧୦।।
ସେ ପଦ ଯୁଗଳ ଆଜି ମରତେ ଖେଳୁଛି
ମୋହ ମାୟା ଫାଶ ବଳେ ଜୀବେ ନ ମିଳୁଛି ।।୧୧।।
ଧନ୍ୟ ସ୍ୱାମୀ ଧନ୍ୟ ତୁମ ଲୀଳାର କୌଶଳ
କଳାଡ଼ୋରେ ଜୀବେ ବାନ୍ଧି ଲଗାଇଛ ଖେଳ ।।୧୨।।
କ୍ଷିତିଜ୍ୟୋତି ଆଶ୍ରମରେ ନୀରବେ ରହିଛ
ସକଳ ତୀର୍ଥ ଧାମକୁ ଶ୍ରୀପଦେ ରଖିଛ ।।୧୩।।
ଯିଏ ଯେଉଁ ନାମେ କରୁଅଛି ସମ୍ବୋଧନ
ସବୁ ଆସି ହେଉଅଛି ଶ୍ରୀପଦରେ ଲୀନ ।।୧୪।।
ଯେଉଁଠି ଯେପରି ଯିଏ ଡ଼ାକୁଛି ତୁମକୁ
ଗୋପନରେ ଲକ୍ଷ୍ୟ କରି ତା ମନ ଭାବକୁ ।।୧୫।।
ଦର୍ଶନ ଦେଉଛ ଯାଚି ବରାଭୟ ଧରି
ଶ୍ରୀପଦେ ଆଶ୍ରୟ ଦେଇ ଆସୁଅଛ ଫେରି ।।୧୬।।
ଘୋଟିଲାଣି ଚାରିପାଖେ କାଳର ବାଦଲ
ସାହା ମୋର କେହି ନାହିଁ ଦେବାକୁ ମଶାଲ ।।୧୭।।
ତୁମ ବିନା ଆଉ ମୋର କେହି ନାହିଁ ସ୍ୱାମୀ
ଥରେମାତ୍ର କରୁଣା କର ହେ ଅନ୍ତର୍ଯ୍ୟାମୀ ।।୧୮।।
ଫିଟାଇ ଦିଅ ହେ ସାଇଁ ମାୟାର ବନ୍ଧନ
ଶ୍ରୀପଦ ଦର୍ଶନ କରି ହୁଏ ମୁହିଁ ଧନ୍ୟ ।।୧୯।।
ଶ୍ରୀପଦ ଚିନ୍ତାରେ ମୋର କଟିଯାଉ ଦିନ
ଶ୍ରୀପଦ ମାୟାରେ ବନ୍ଦୀ ରହୁସଦା ମନ ।।୨୦।।

ଶ୍ରୀପଦ ମୋହରେ ଛନ୍ଦି ଦିଅ ହେ ଗୋସାଇଁ
ଶ୍ରୀପଦ, ଶ୍ରୀପଦ ରଟି ତରିଯାଏ ମୁହିଁ ।।୨୧।।

# ମୁଖଶାଳା

## ସମ୍ପାଦକୀୟ

**ଓଁ ନମୋ ଭଗବତେ କେଶବଚନ୍ଦ୍ରାୟ !!**

ଉର୍ଦ୍ଧ୍ୱଗ ମାନବ ଆଜି ଦୁଃଖ, ଶୋକ, ଜରା, ବ୍ୟାଧିର ଉହିନୀରେ ଉର୍ଦ୍ଧ୍ୱଶ୍ୱାସ ହୋଇ ତ୍ରାହି ତ୍ରାହି ଚିତ୍କାର କରୁଛି । ଉର୍ଜଃ ତା'ର ମଳିନ ପଡ଼ିଯାଇଛି । ଉନମନା ହୋଇ ନିଜର ଉତ୍ତୁଙ୍ଗ ପ୍ରବୃତ୍ତିକୁ ଅନ୍ତର ମଧ୍ୟରେ ଉହ୍ୟ ରଖି ଛଳନାର ଯେଉଁ ଉର୍ଦ୍ଧ୍ୱପୁଣ୍ଡ୍ର ଧାରଣ କରିଥିଲା, ପର୍ଯ୍ୟାୟକ୍ରମେ ତାହା ଆଜି ତା'ର ଉତ୍ତରୀୟରେ ପରିଣତ ହୋଇଛି । ହୃଦୟର କୋହ, ଆଖିର ଲୁହକୁ ଗୋପନ ରଖି ସେ ଆକୁଳ ପ୍ରାର୍ଥନା କରିଚାଲିଛି, ''ହେ ଭଗବାନ୍ ! ବିଷୟା ବନ୍ଧନର ଏ ଉତବସ୍ତ୍ର ପିନ୍ଧାଇ ଆଉ କେତେ ଦିନ ମୋତେ ଉର୍ଦ୍ଧ୍ୱଲୋକରୁ ବଞ୍ଚିତ କରି ରଖିବ ?''

ଉର୍ଦ୍ଧ୍ୱରେତାଃ ହିଁ ଉର୍ଜସ୍ୱାନ ହୋଇଥାଏ । ଉର୍ଜସ୍ୱାନ ମାନବ ହିଁ ତା'ର ପୁରୁଷକାର ମାଧ୍ୟମରେ ଉର୍ଦ୍ଧ୍ୱଗାମୀ ହୋଇ କ୍ରମଶଃ ବ୍ରହ୍ମସାଯୁଜ୍ୟ ଲାଭ କରିଥାଏ । କିନ୍ତୁ ବିଷୟା ବିଷର ଏ ଉଷର ସଂସାରରେ ଜର୍ଜରିତ ଉଢ଼ ମାନବ ପକ୍ଷରେ ଉଣା ହୋଇଯାଇଥିବା ଉର୍ଜଃର ପୁନରୁତ୍ଥାନ କ'ଣ ସମ୍ଭବ ? ହଁ, ଉର୍ଜଃର ପୁନରୁଦ୍ଭବ ସଂପୂର୍ଣ୍ଣ ସମ୍ଭବ । ବ୍ରହ୍ମସାଯୁଜ୍ୟ ଲାଭ ମଧ୍ୟ ସମ୍ଭବ । ତେବେ କିପରି ?

ଉର୍ଣ୍ଣନାଭ ତା'ର ଗର୍ଭରୁ ଉର୍ଣ୍ଣା ସୃଷ୍ଟି କରେ । ତା'ରି ଭିତରେ ଥିବାଯାଏ ସଯତ୍ନେ ତାକୁ ସାଇତି ଥାଏ । ସ୍ଥାନ ପରିତ୍ୟାଗ ସମୟରେ ପୁନରାୟ ସେହି ଉର୍ଣ୍ଣାକୁ ଗର୍ଭସ୍ଥ କରେ । ଠିକ୍ ସେହିପରି ସ୍ରଷ୍ଟା ଏ ସୃଷ୍ଟିକୁ ତାଙ୍କରି ହିରଣ୍ୟ ଗର୍ଭରୁ ସୃଷ୍ଟି କରିଛନ୍ତି । ଲାଳନ ପାଳନ କରୁଛନ୍ତି । ସମୟ ଉପସ୍ଥିତ ହେଲେ ସଂହାର କରି ପୁନରପି ନିଜର ଗର୍ଭରେ ଲୀନ କରାଉଛନ୍ତି । ଏହାହିଁ ତାଙ୍କର ଚିରନ୍ତନ କ୍ରିୟା । ଆଜି ସୃଷ୍ଟିର ସେହି ସନ୍ଧିକ୍ଷଣ ଉପସ୍ଥିତ ।

ଉର୍ମିମାଳୀ ସେ କରୁଣାର । ସ୍ୱସମ୍ଭୂତ ସନ୍ତାନମାନଙ୍କୁ ଉଦ୍ଧାର କରିବାର ଲକ୍ଷ୍ୟ ନେଇ ବୈକୁଣ୍ଠଧାମ ତ୍ୟାଗକରି ମର୍ତ୍ତ୍ୟାବତରଣ କରିଛନ୍ତି ପ୍ରଭୁ ଗୋଲକବିହାରୀ । ଚକ୍ଷୁର ପ୍ରତିଟି ପଲକର ତାଳେ ତାଳେ ଅଜାଡ଼ି ଚାଲିଛନ୍ତି କରୁଣାର ଧାରା, ପ୍ରେରଣାର ଉତ୍ସ । ସେହି ଅମୃତ କଣିକାଗୁଡ଼ିକୁ ଏକତ୍ର କରାଇ ଏ ସୃଷ୍ଟିର ପ୍ରତ୍ୟେକଙ୍କୁ ବ୍ରହ୍ମସାଯୁଜ୍ୟ ଲାଭର ପ୍ରତିଶ୍ରୁତି ଦେବାର ଗୁରୁଦାୟିତ୍ୱ ବହନ କରି ଧୀରେ ଧୀରେ ଆଗେଇ ଚାଲିଛି ତାଙ୍କରି ମାନସପୁତ୍ର ଏହି 'ଚରମ' ପତ୍ରିକା । ଯଦି କେହି ତାଙ୍କୁ ବାସ୍ତବରେ ଏ ସଂସାରରୁ ମୁକ୍ତ ହୋଇ ଚରମ ପ୍ରାପ୍ତି ପାଇଁ ଉର୍ଦ୍ଧ୍ୱବାହୁରେ ଆକୁଳ ପ୍ରାର୍ଥନା କରେ, ଏବଂ ''ଚରମ''ର ଆହ୍ୱାନ ଗ୍ରହଣ କରେ, ତେବେ ତା'ର ନିବେଦନ କଦାପି ନିଷ୍ଫଳ ହେବନାହିଁ । ମମତାର ଉର୍ମିମାଳୀ ତା'ର ଉର୍ମିଳ ଜୀବନର ଉର୍ମିସମ ସମସ୍ତ ବେଦନାକୁ ନିଜେ ଗ୍ରହଣ କରି ବିଷୟାର ଉତବସ୍ତ୍ରକୁ ଛିନ୍ନ କରି ଉର୍ଦ୍ଧ୍ୱଲୋକରେ ନିଶ୍ଚୟ ସ୍ଥାନ ପାଇବ ।

ଇଚ୍ଛାମୟଙ୍କ ଇଚ୍ଛା ପୂର୍ଣ୍ଣ ହେଉ !

ସଂପାଦକ

# ଶ୍ରୀମନ୍ଦିର

## 'ଚରମ'ର ପ୍ରଚ୍ଛଦପଟ ସଂପର୍କରେ

*'ଚରମ'ର ପ୍ରଚ୍ଛଦପଟ ମୁଖ୍ୟତଃ ମୌଳିକ ଭାବରେ ସୃଷ୍ଟିତତ୍ତ୍ୱର ପ୍ରତୀକାତ୍ମକ ପ୍ରତିଛବି । 'ଚରମ' ପୃଷ୍ଠାରେ ଏହି 'ପ୍ରଚ୍ଛଦପଟ ସଂପର୍କରେ' ଦାର୍ଶନିକ ତଥ୍ୟ ସମ୍ବଳିତ ତତ୍ତ୍ୱ ପ୍ରକାଶ କରି ନିଗମ ସୃଷ୍ଟି ରହସ୍ୟର ତାତ୍ତ୍ୱିକ ଆଲୋଚନା ନିୟମିତ କରାଯାଇ ଆସୁଛି ।*

*ଏହି ଆଲୋଚନା ମାଧ୍ୟମରେ ସନାତନ କ୍ଷେତ୍ର, ସନାତନ ପୁରୁଷ, ସନାତନ ଧର୍ମ ଏବଂ ସନାତନ ଚେତନ ସଂପର୍କରେ ଆଭାସ ଆଲୋକ ମଧ୍ୟ ଦିଆଯାଇଛି ।*

*ଅଗଣିତ ଅନୁଗତ ଭକ୍ତ ପାଠକ/ପାଠିକା ଭାଇଭଉଣୀମାନେ ଏହାର ନିୟମିତ ପଠନ ଦ୍ୱାରା 'ଚରମ' ଆଭିମୁଖ୍ୟ ତଥା ଯୁଗୋପଯୋଗୀ ଅଧ୍ୟାତ୍ମ ଶିକ୍ଷା ଲାଭ କରିପାରିବେ ।*

**ସୃଷ୍ଟିତତ୍ତ୍ୱ**

## ଏକାଦଶ ସଂଖ୍ୟାର ପୂର୍ବାନୁଶ୍ରୁତିରୁ -

ଧରା ପୃଷ୍ଠରେ ବୁଦ୍ଧି, ବିବେକ, ବିଚାର, ଧର୍ମ, ଧ୍ୟାନ, ଧାରଣା ଇତ୍ୟାଦି ସହ ଜୀବନ ଧାରଣ କରୁଥିବା ମନୁଷ୍ୟ ଜାଗତିକ ବ୍ୟବହାରରେ ମାତ୍ରାତିରିକ୍ତ ଭୌତିକ ବିଷୟାସକ୍ତ ହୋଇ ଜୀବନର ଲକ୍ଷ୍ୟ ପଥରୁ ବିଚ୍ୟୁତ ହେଲେ ବ୍ୟକ୍ତିଗତ, ଦାମ୍ପତ୍ୟ, ପାରିବାରିକ, ସାମାଜିକ, ସାଂସ୍କୃତିକ ଏବଂ ରାଷ୍ଟ୍ରୀୟ ଜୀବନରେ ବିଚାର ବିଭ୍ରାଟ, କର୍ମ ବିପାକ ଏବଂ ତଜ୍ଜନିତ କୁପରିଣାମ ବହୁଳ ଭାବରେ ପରିଲକ୍ଷିତ ହୁଏ । ମାନବିକ ଧର୍ମଧାରଣାରେ କଳୁଷ ପ୍ରବେଶ କରେ । ଜୀବନ ଏବଂ ଜୀବିକା କଳୁଷିତ ହୁଏ । ଆତ୍ମିକ ଚେତନା ବା ଆତ୍ମିକ ଉନ୍ନୟନ ଅନେକତ୍ର ବାଧାପ୍ରାପ୍ତ ହୁଏ । ଶ୍ରେୟ ସଂକୁଚିତ ହୋଇ ପ୍ରେୟ ହୁଏ ପ୍ରସାରିତ । ଭୂମାର ସନ୍ଧାନ ପାଇଁ ଅନିସନ୍ଧିତ୍ସା ନ କରି ମନୁଷ୍ୟ ଭୂମିର ସଂଧାନରେ ଦିଗ୍‌ବିଦିଗଶୂନ୍ୟ ଅନ୍ଧ ଅଭିଯାନରେ ପ୍ରମତ୍ତ ହୁଏ । ବିଷୟାବିଷ ଜର୍ଜରିତ ବିଷାକ୍ତ ଜୀବନ ପୁଷ୍ପରେ ସୌରଭ ନ ଥାଏ । ଆତ୍ମାପଦ୍ମରେ ମକରନ୍ଦ ନ ଥାଏ । ଏପରି ଅସ୍ୱାଭାବିକ ପରିବେଶ ଓ ପରିସ୍ଥିତିରେ ଆଲୋକ ଘନ ଅନ୍ଧକାର ସଦୃଶ ପ୍ରତୀୟମାନ ହୁଏ, ବିଷ ଅମୃତ ତୁଲ୍ୟ ମଧୁର ସ୍ୱାଦୁଯୁକ୍ତ ହୁଏ, ଯାହା ସର୍ବାଦୌ ପରିହାର୍ଯ୍ୟ ତାହା ଏକାନ୍ତ ଅପରିହାର୍ଯ୍ୟ ବୋଲି ମନେ କରାଯାଏ । ଏତାଦୃଶ ସଂପୂର୍ଣ୍ଣ ବିପରୀତ ପଥରେ ମଣିଷ ଜାତି ଅମୃତକୁ ବିସ୍ମୃତ ହୋଇ ମୃତ୍ୟୁର ଜୟଗାନ କରି ଧ୍ୱଂସର ଲକ୍ଷ୍ୟରେ ଅଗ୍ରସର ହେବା ସମୟରେ ସ୍ୱୟଂ ବ୍ରହ୍ମ ସ୍ୱରୂପ ଯୁଗପୁରୁଷ ଧରାପୃଷ୍ଠରେ ଅବତୀର୍ଣ୍ଣ ହୁଅନ୍ତି । ଅବତୀର୍ଣ୍ଣ ହୁଅନ୍ତି ସାଧାରଣ ପରିବେଶରେ, ସାଧାରଣ ଅବସ୍ଥାରେ, ସାଧାରଣ ମଣିଷ ରୂପରେ । ମଣିଷର ଦେହ ଧରି ମଣିଷୋଚିତ୍ତ ଆଚାର ଆଚରଣ ମଧ୍ୟରେ ପ୍ରେୟ ପରିତ୍ୟାଗ କରି ଶ୍ରେୟକୁ ଆଦର୍ଶ ରୂପେ ପୁନର୍ବାର ତୋଳି ଧରନ୍ତି କଳୁଷ ପଙ୍କିଳ ସମାଜ ସମକ୍ଷରେ । ଦୀର୍ଘଦିନ ଧରି ଅପଥକୁ ପଥ ମନେକରି ଗ୍ରହଣ କରିନେଇଥିବା, ଅପଥ୍ୟକୁ ପଥ୍ୟ ଭାବି ଭକ୍ଷଣ କରୁଥିବା ମଣିଷ ତେଣୁ ପ୍ରବୃତ୍ତିର କୁଟିଳ ଇଙ୍ଗିତରେ ଏତେ ସହଜ ଓ ସରଳ ଭାବରେ ଏହି ପୁରୁଷଙ୍କୁ ଚିହ୍ନି ପାରେନା, ତେଣୁ ପାଳନ କରେନା ତାଙ୍କର ଆଦେଶ, ନିର୍ଦ୍ଦେଶ ଓ ଉପଦେଶ ।

ସାଧାରଣ ମଣିଷ ତନୁରେ ଅସାଧାରଣ ପରମଭାବ, ପଞ୍ଚଭୂତର ଦେହରେ ମହାଈଶ୍ୱରୀୟ ସତ୍ତାକୁ ଠାବ କରିବା ଇନ୍ଦ୍ରିୟଦାସାନୁଦାସ ଭୋଗବିଳାସୀ ଲାଳସାଲିପ୍ସୁ ମଣିଷ ପକ୍ଷରେ ସମ୍ଭବପର ନୁହେଁ, ସତ୍ୟ । ମାତ୍ର, ଯେଉଁ

କତିପୟ ପୂର୍ବ ସଂସ୍କାରଯୁକ୍ତ ମଣିଷ ସ୍ୱତଃ ସେହି ପରମ ପୁରୁଷଙ୍କ ଚୁମ୍ବକୀୟ ବ୍ରହ୍ମ ସତ୍ତାରେ ଆକୃଷ୍ଟ ହୋଇ ଯୁଗପୁରୁଷଙ୍କ ଲୀଳା ସତ୍ପ୍ରସଂଗରେ ସାଥୀ ଓ ସାକ୍ଷୀ ହୋଇ ସେହି ଅପୂର୍ବ ଅମୀୟ ବାର୍ତ୍ତା ସମାଜକୁ ଦିଅନ୍ତି, ସେମାନଙ୍କୁ ସର୍ବାନ୍ତକରଣରେ ଗ୍ରହଣ ନ କରିବା ବା ପରୋକ୍ଷ/ପ୍ରତ୍ୟେକ୍ଷରେ ବିରୋଧ କରିବାଠାରୁ ହୀନ ମନ୍ୟତା ଆଉ କ'ଣ ଥାଇପାରେ ? ଏତାଦୃଶ କ୍ରୀୟାକଳାପ ଦୁର୍ବଳ ମନ, କଳୁଷିତ ହୃଦୟ, କଳଙ୍କିତ ଜୀବନ, ବୁଦ୍ଧିଭ୍ରଂଶ, ବିଚାରହୀନତା, ବିବେକ ଶୂନ୍ୟତା ଆଦିର ପରିଚାୟକ ମାତ୍ର । ଯୁଗେ ଯୁଗେ ହିରଣାକ୍ଷ, ହିରଣ୍ୟକଶିପୁ, ରାବଣ, କୁମ୍ଭକର୍ଣ୍ଣ, କଂସ, ଜରାସଂଧ, ଦୁର୍ଯ୍ୟୋଧନାଦି କୌରବ ଶତଭ୍ରାତା ଏହିପରି କୁହେଳିକାଛନ୍ନ ପ୍ରପଞ୍ଚ ଜୀବନର ଉଦାହରଣ ହୋଇ ରହିଛନ୍ତି ।

ଯାହା ସତ୍ୟ, ତାହା ଯୁଗେ ଯୁଗେ ସତ୍ୟ । ଯାହା ନିତ୍ୟ, ତାହା ଯୁଗେ ଯୁଗେ ନିତ୍ୟ । ସେହିପରି ଯାହା ଉଚିତ୍, ତାହା ଯୁଗେ ଯୁଗେ ସମୁଚିତ । ସତ୍ୟଯୁଗରେ ଅଗ୍ନିର ଦାହିକା ଶକ୍ତି ଥିଲା, ଆଜି ମଧ୍ୟ ଅଛି । ତ୍ରେତୟାରେ ତୁଷାର ଶୀତଳ ଥିଲା, ଆଜି ମଧ୍ୟ ତାହା ଅପରିବର୍ତ୍ତନୀୟ । ଦ୍ୱାପରରେ ଇକ୍ଷୁଦଣ୍ଡ ସୁମିଷ୍ଟ ରସପୂର୍ଣ୍ଣ ଥିଲା, ଆଜି ମଧ୍ୟ ଇକ୍ଷୁ ରସରେ ମିଷ୍ଟତା ଭରି ରହିଛି । ଜଡ଼ଜଗତ/ଭୌତିକ ପ୍ରକୃତି ଅପରିବର୍ତ୍ତନୀୟ ରହିଥିଲେ ହେଁ, ଚେତନଶୀଳ ମଣିଷ ଆପଣାର ଚିନ୍ତା ଚେତନା, ବାକ୍ୟ ବଚନ ଓ କର୍ତ୍ତବ୍ୟ କର୍ମକୁ ସ୍ୱାଭାବିକ ରଖି ନ ପାରି ଅସ୍ୱାଭାବିକ ଭାବରେ ପଶୁ ସୁଲଭ, ଅସୁର ପ୍ରକୃତି ସଂପନ୍ନ ଓ ରାକ୍ଷସୀ ପ୍ରବୃତ୍ତିରେ ଆପନ୍ନ ହୋଇ ପଡ଼ିଛି । ଫଳତଃ କୁଟ, କପଟ, ଛଳନା, ଅଭିନୟ, ମିଥ୍ୟାଚାର, ବ୍ୟଭିଚାର, ଭ୍ରଷ୍ଟାଚାର, ହିଂସା, ଈର୍ଷା, ପରଶ୍ରୀକାତରତା, ଆତ୍ମମ୍ଭରିତା, ଆତ୍ମଶ୍ଳାଘା ଇତ୍ୟାଦି ନାରକୀୟ ଦୁର୍ଗୁଣାବଳୀ ମଣିଷ ଜୀବନକୁ ଦୁଷ୍ଟ ରୋଗାକ୍ରାନ୍ତ,, ଦୁର୍ବଳ ଓ କଳୁଷିତ କରି ଦେଇଛି । ଏହିଭଳି ଏକ ଦୟନୀୟ ପରିବେଶ ଓ ପରିସ୍ଥିତିରେ ବିଶ୍ୱସ୍ରଷ୍ଟାଙ୍କର ଶ୍ରେଷ୍ଠ ସୃଷ୍ଟି ମଣିଷ ଦୁଃଖଶୋକ ଦୁର୍ବିପାକ ଘୂର୍ଣ୍ଣିମଧ୍ୟରେ ରୁଦ୍ଧଶ୍ୱାସ ହୋଇ ଅତିଷ୍ଠ ଜୀବନ ଯାପନ କରୁଛି । ପ୍ରେମ, ପ୍ରୀତି, ସ୍ନେହ, ମମତା, ପରୋପକାର, ପରଦୁଃଖ କାତରତା, ଦୟା, କ୍ଷମା, ତିତିକ୍ଷା, ସମ୍ବେଦନଶୀଳତା, ବଂଧୁତା, ଭ୍ରାତୃତ୍ୱ ଆଦି ଦେବସୁଲଭ ସୁଗୁଣାବଳୀ କ୍ରମଶଃ ଲୋପ ହୋଇ ଶେଷରେ ଲୁପ୍ତ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ସନ୍ଦେହ, ସଂଶୟ, ଅବିଶ୍ୱାସ, ଘୃଣା, ଦ୍ୱିଧା, ଦ୍ୱନ୍ଦ୍ୱ, ସଂଘର୍ଷ, ରକ୍ତପାତ ଆଦିର କଟୁଗଂଧ ପବନର ସ୍ତରେ ସ୍ତରେ ପ୍ରତିଟି ବ୍ୟକ୍ତିତ୍ୱକୁ ପ୍ରାୟ ଆଚ୍ଛନ୍ନ କରିସାରିଛି । ହାର୍ଦ୍ଦିକତାର ପ୍ରଶ୍ନ ନାହିଁ, ମାନବିକ ସଂବେଦନଶୀଳତାର ଲେଶମାତ୍ର ନାହିଁ, ସହୃଦୟତା କେବଳ ଏକ ଆଭିଧାନିକ ଶବ୍ଦରେ ସୀମିତ ରହିଯାଇଛି । ସୃଷ୍ଟି ରହସ୍ୟର ଅନ୍ୟ ଏକ ରହସ୍ୟଘନ ତମିସ୍ରାଚ୍ଛନ୍ନ ଅୟମାରମ୍ଭ ହୁଏ । ନିତ୍ୟାନନ୍ଦ ପୂର୍ଣ୍ଣପରଂବ୍ରହ୍ମ ଧ୍ୱଂସମୁଖୀ ମାନବ ସମାଜକୁ ଉଦ୍ଧାର କରିବା ପାଇଁ ଧରାପୃଷ୍ଠରେ ଅବତରଣ କରିବା ଅଭିପ୍ରାୟରେ ମାୟାକୁ ଉପଲକ୍ଷ୍ୟ କରି ଅପୂର୍ବ ଲିଳା ରଚନା କରନ୍ତି । ଏକ ପକ୍ଷରେ ସୃଷ୍ଟିର ଅସ୍ଥିରତା ସୃଷ୍ଟି ନିମନ୍ତେ ମାୟାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଏବଂ ଅନ୍ୟ ପକ୍ଷରେ ସୃଷ୍ଟିରକ୍ଷା ନିମନ୍ତେ ନିଜସ୍ୱ ଆକୁଳତା । ସ୍ରଷ୍ଟାପୁରୁଷ ହିଁ ଏହି ଉଭୟ ଦୃଶ୍ୟ ପଟର ଏକମାତ୍ର ସୂତ୍ରଧର । ସେ ହିଁ ନାଟ୍ୟକାର, ସେ ପୁଣି ନାଟକର ନିର୍ଦ୍ଦେଶକ । ଅନ୍ୟ ସମସ୍ତେ ଓ ଅନ୍ୟ ସବୁକିଛି ସେହି ମହାନାଟକର ଅଂଶ ବିଶେଷ । ସେମାନଙ୍କର ଭୂମିକା ନିଜସ୍ୱ ନୁହେଁ, ସେମାନେ ବରଂ ପରିଚାଳିତ, ବିଧି ନିର୍ଦ୍ଦିଷ୍ଟ ବିଧାନର ବଶୀଭୂତ, କାଳ ଚକ୍ରରେ ଘୂର୍ଣ୍ଣନରତ ।

ସୃଷ୍ଟି ପ୍ରକ୍ରିୟାରେ ଉତ୍ପତ୍ତି, ସ୍ଥିତି, ଗତି, ଫଳ ଏବଂ ମୀମାଂସା ବା ଲୀଳା ସଂରଚନାରେ ସ୍ରଷ୍ଟାପୁରୁଷଙ୍କର ଇଚ୍ଛା, ଅଭିପ୍ସା ଏବଂ ଆନନ୍ଦ ହିଁ ପ୍ରଧାନ । ସେ ଏବଂ ତାଙ୍କର ମୀମାଂସା (ଲୀଳା)ହିଁ ମୁଖ୍ୟ । ସୃଷ୍ଟି ପ୍ରକ୍ରିୟା ସହିତ ପରିପାଳନ, ଲୟ ଏବଂ ଲୀଳା ନିମନ୍ତେ ସେ ସ୍ୱେଚ୍ଛାରେ ବିଚରଣ କରନ୍ତି । ପ୍ରଭୁଙ୍କର ଲୀଳା ନାଟକର ସଫଳ ରୂପାୟନ ନିମନ୍ତେ ଯୋଗମାୟା ତାଙ୍କର ଲୀଳା ସଙ୍ଗିନୀ । ଏହି ରହସ୍ୟଭେଦ କେବଳ ଜିଜ୍ଞାସୁ, ଅର୍ଥାର୍ଥୀ, ଜ୍ଞାନୀମାନଙ୍କ ଦ୍ୱାରା ସମ୍ଭବପର । ଆଦି ଅନାଦି ମଣ୍ଡଳରୁ ଅବ୍ୟକ୍ତ ବ୍ରହ୍ମ ଭଗବତ ଲୀଳା ସଂଘଟନ ନିମନ୍ତେ ଧରାଧାମକୁ

ଅବତରଣ କରନ୍ତି । ଏଥି ନିମନ୍ତେ କ୍ଷେତ୍ର ପ୍ରସ୍ତୁତି କରଣ ଉଦ୍ଦେଶ୍ୟରେ ସନ୍ଥମଣ୍ଡଳରୁ ପର୍ଯ୍ୟାୟକ୍ରମରେ ବହୁ ସାଧୁସନ୍ଥ, ସିଦ୍ଧ ମଣ୍ଡଳରୁ ବହୁ ସିଦ୍ଧପୁରୁଷ ଏବଂ ଗୁରୁମଣ୍ଡଳରୁ ବହୁ ଗୁରୁଅଙ୍ଗ ଧରାପୃଷ୍ଠକୁ ବିଭିନ୍ନ ସମୟରେ ଅବତରଣ କରିଥାନ୍ତି । ସେମାନେ ବହୁମତ/ବହୁପଥ, ଭିନ୍ନମତ/ଭିନ୍ନପଥ ପୋଷଣ ଓ ଅନୁସରଣ କରୁଥିଲେ ହେଁ ଏକମାତ୍ର ଭକ୍ତି ଯୋଗରେ ମୁକ୍ତିପଥ ନିର୍ଦ୍ଦେଶ କରି ଯାଆନ୍ତି । ଥୋକେ ଥୋକେ ଲୋକ ତାଙ୍କର ଅନୁସରଣ କରି ଅନୁଗାମୀ ହୋଇ ଥାଆନ୍ତି । ବିଭିନ୍ନ ଧର୍ମ ସମ୍ପ୍ରଦାୟର ପତାକା ତଳେ ସେମାନେ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଗୋଷ୍ଠୀ ରୂପେ ପ୍ରତିଭାତ ହୋଇଥାଆନ୍ତି । ସମସ୍ତ ନଦୀନିର୍ଝର ଏକମୁଖୀ ହୋଇ ମହାସାଗର ବକ୍ଷରେ ମିଳନ ରଚନା କରି ଆପଣା ଆପଣା ସ୍ୱାତନ୍ତ୍ର ହରାଇ ଏକାକାର ହେବାପରି, ସମସ୍ତ ସଂପ୍ରଦାୟ ତଦନୁରୂପ ଏକମୁଖୀ ହୋଇ ସନାତନୀ ନିକେତନ ତଳେ ଏକତ୍ର ହୋଇ ସଚ୍ଚିଦାନନ୍ଦ ବିଗ୍ରହ ପୂର୍ଣ୍ଣ ପରଂବ୍ରହ୍ମ ପରମେଶ୍ୱର ଯୁଗପୁରୁଷୋତ୍ତମଙ୍କ ସହିତ ସମ୍ମିଳିତ ହୋଇ ସ୍ୱାତନ୍ତ୍ର ହରାଇ ମୁକ୍ତିପଥରେ ବ୍ରହ୍ମ ବୋଧରେ ଲୀନ ହୋଇ ଏକାକାର ହେବାର ଆଧ୍ୟାତ୍ମିକ ଆହ୍ୱାନ ଉଦାତ୍ତ କମ୍ବୁକଣ୍ଠରେ ସେହି ଯୁଗପୁରୁଷ ହିଁ ଦେଇଥାଆନ୍ତି । ଏହାହିଁ ସୃଷ୍ଟି ଧର୍ମ, ପାଳନ କର୍ମ ଏବଂ ଧ୍ୱଂସ ଲୀଳାର ଅନ୍ତର୍ନିହିତ ତତ୍ତ୍ୱ । ସୃଷ୍ଟି ତତ୍ତ୍ୱର ଏହି ଅମୀୟ ଲୀଳା ରହସ୍ୟ ଅଣୁ ପରମାଣୁଠାରୁ ଆରମ୍ଭ କରି ନିଖିଳ ବ୍ରହ୍ମାଣ୍ଡକୁ ଆବୋରିଛି କହିଲେ ଅତ୍ୟୁକ୍ତି ହେବନାହିଁ । ସ୍ୱଚ୍ଛ ଉଜ୍ଜ୍ୱଳ ଦିବାଲୋକ ପରି ଏହି ସତ୍ୟ ପ୍ରତିଭାତ । ସାମାନ୍ୟତମ ବିଶ୍ୱାସର ସହିତ ଆସ୍ଥା ସ୍ଥାପନ କରି ମାନସିକ ପ୍ରସ୍ତୁତିର ଭିତ୍ତି ପତ୍ତନ ଘଟିଲେ ଏହି ସତ୍ୟ ପ୍ରାଣେ ପ୍ରାଣେ ଉପଲବ୍ଧ ହୁଏ । ଅନୁଭୂତିରେ ପ୍ରତ୍ୟକ୍ଷ କରିହୁଏ ଓ ତଜ୍ଜନିତ ବିଶ୍ୱାସ ଦୃଢ଼ୀଭୂତ ହୁଏ ।

ଯୁଗେଯୁଗେ ଯୁଗଧାରାନୁବର୍ତ୍ତୀ ବିଷୟାବିଷ ଜର୍ଜ୍ଜରିତ ମାନବ ସମାଜକୁ ଉଚିତ୍ ପଥ ନିର୍ଦ୍ଦେଶ କରି ପ୍ରେୟ ପଥକୁ ନେବାପାଇଁ, ଆତ୍ମକେନ୍ଦ୍ରିକତାରୁ ଚୈତନ୍ୟକେନ୍ଦ୍ରିକ କରିବା ଉଦ୍ଦେଶ୍ୟରେ, ବନ୍ଧନରୁ ମୋଚନ କରିବା ଲକ୍ଷ୍ୟରେ, ଭୂମିରୁ ଭୂମାକୁ ଟେକି ଧରିବା ନିମନ୍ତେ ସନ୍ଥମଣ୍ଡଳରୁ, ଗୁରୁମଣ୍ଡଳରୁ, ସିଦ୍ଧମଣ୍ଡଳରୁ ଦେବାବତରଣ କରିଥିବା ମହାତ୍ମା, ମହାପୁରୁଷ, ସିଦ୍ଧସାଧକ, ସାଧୁ, ସନ୍ଥ, ଯୋଗୀ, ଗୁରୁମାନେ ଧୂଳୀର ଧରଣୀରେ ବହୁ ଲାଞ୍ଛନା, ନିର୍ଯ୍ୟାତନା, ଅବିଶ୍ୱାସ, ପ୍ରତାରଣା, ନିନ୍ଦା, କପଟାଚାର, ଦ୍ୱନ୍ଦ, ସଂଘର୍ଷାଦିର ଶୀକାର ହୋଇଥାଆନ୍ତି । ବିପଥଗାମୀ ସମାଜ ବକ୍ଷରେ ଭୋଗ ବିଳାସ ସମ୍ଭୋଗରେ ଆଳସ୍ୟ ପରାୟଣ ଦେହ ସର୍ବସ୍ୱ ଭୌତିକ ଜୀବନ ଯାପନ କରୁଥିବା ବିଷୟାସକ୍ତ ବଦ୍ଧ ମନୁଷ୍ୟ ଇନ୍ଦ୍ରିୟପରବଶ ସ୍ୱେଚ୍ଛାଚାରର କ୍ଷଣିକ ଉତ୍ତେଜନାକୁ ସର୍ବସ୍ୱ ବୋଲି ମନେକରିଥାଏ । ଏହି ଅଗ୍ନି ବଳୟର ତ୍ରିତାପରେ ପ୍ରତିନିୟତ ସନ୍ତାପିତ ହେଉଥିଲେ ମଧ ତହିଁରୁ ଏତେ ସହଜରେ ମୁକ୍ତ ହେବାର ସାମାନ୍ୟତମ ସଂକଳ୍ପ ତା' ମନ ମଧ୍ୟରେ ସ୍ଥାନ ପାଇପାରେ ନାହିଁ । 'ଘୁଷୁରୀକୁ ପାଚିଲା କଦଳୀ ଅରୁଚି' ହେବାପରି ବିଷୟାବିଷରେ ସତତ ସନ୍ତପ୍ତ ମନୁଷ୍ୟ ଇନ୍ଦ୍ରିୟ ଲିପ୍ସାର ଅଷ୍ଟ ପାଶରେ ଆବଦ୍ଧ ହୋଇ ପ୍ରେୟକୁ ପରିତ୍ୟାଗ କରି ଶ୍ରେୟକୁ ଆଲିଙ୍ଗନ କରିପାରେ ନାହିଁ ।

ଗତାନୁଗତିକତାର ଗଡ୍ଡାଳିକା ପ୍ରବାହରେ ତଥା କଥିତ ସାମାଜିକ ଜୀବନ ପ୍ରବାହିତ ହୋଇ ପ୍ରଖର ବେଗରେ କାଳର କରାଳ ଧ୍ୱଂସ ବିବରକୁ ପ୍ରଧାବିତ ହେଉଛି । ଯୁଗାନୁକ୍ରମରେ ଏହି ସତ୍ୟ ହିଁ ପ୍ରତିଷ୍ଠିତ ହୋଇଛି । ଫଳରେ ମାନବ ଶରୀରରେ ଭୂପୃଷ୍ଠରେ ଦେବାବତରଣ କରିଥିବା ବ୍ରହ୍ମସ୍ୱରୂପ ଯୁଗପୁରୁଷ ମଧ ଯୁଗେଯୁଗେ ଅଶେଷ ଲାଞ୍ଛନା ଓ ନିର୍ଯ୍ୟାତନାର ସମ୍ମୁଖୀନ ହୋଇଅଛନ୍ତି । ପ୍ରବହମାନ ସାମାଜିକ ଧର୍ମଧାରାର ଗତିପଥ ପରିବର୍ତ୍ତନ ପ୍ରକ୍ରିୟାରେ ଯେଉଁ ବାଧା ବିପତ୍ତି ସ୍ୱାଭାବିକ ଭାବରେ ସହ୍ୟ କରିବାକୁ ହୁଏ, ତହିଁରୁ ସେମାନେ ବଞ୍ଚିତ ହୋଇନାହାନ୍ତି ସତ୍ୟ, ମାତ୍ର ସତ୍ୟ ନିତ୍ୟ ସନାତନ ଶାଶ୍ୱତ ହିଁ ପରିଶେଷରେ ପ୍ରତିଷ୍ଠା ଲାଭ କରିଛି । ସାଧୁସନ୍ଥ ଦିବ୍ୟାତ୍ମାଗଣ ସକଳ ଦୁଃଖ, ଶୋକ, ଦୁର୍ବିପାକରୁ ରକ୍ଷା ପାଇଛନ୍ତି, ଆସୁରିକ ଦୁଷ୍କୃତିର ବିଲୋପ ଘଟିଛି ଏବଂ ସନାତନ ସତ୍ୟଧର୍ମ ପ୍ରତିଷ୍ଠା ଲାଭ କରିଛି । ମୋହ ଭାଙ୍ଗିଛି, ମାୟା ଅପସାରିତ ହୋଇଛି । ପାପ କ୍ଷୟିତ ହୋଇଛି ଏବଂ

## ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ

*ନାରୀ ମାତ୍ରେ ହିଁ ନାରାୟଣୀ । ମାତା, ଭଗ୍ନୀ, ଜାୟା, କନ୍ୟା ଆଦି ବିଭିନ୍ନ ରୂପରେ ନାରୀହିଁ ପୁରୁଷ ଜୀବନ କେଦାରରେ ଅଭୂତପୂର୍ବ ରସ ସଂଚାର କରିଥାଏ । ନାରୀ ଜାତିର ମହତ୍ତ୍ୱ ରକ୍ଷା କରି ମାତୃ ଜାତିର ପୂଜାହିଁ ସମାଜର କର୍ତ୍ତବ୍ୟ । ''ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍''ର ଏକ ସଫଳ ସଂଗଠନ - 'ମାତୃ ବନ୍ଦନା ସଂଗଠନ'କୁ ଦୃଷ୍ଟିରେ ରଖି ମାତୃଜାତିର ବନ୍ଦନାକୁ ଅଗ୍ରାଧିକାର ଦେଇ ପ୍ରଭୁପାଦ ଗୁରୁସ୍ୱାମୀ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କର ଆଦେଶ ଓ ଆଶୀର୍ବାଦକୁ ଶିରୋଧାର୍ଯ୍ୟ କରି 'ଚରମ'ର ପ୍ରତି ସଂଖ୍ୟାରେ ଏହି ଶୀର୍ଷକରେ ନାନା ରୁଚିର ଯୁଗୋପଯୋଗୀ ପ୍ରବନ୍ଧମାନ ନିୟମିତ ପତ୍ରସ୍ଥ ହୋଇ ଆସୁଅଛି ।। ଏ ସଂଖ୍ୟାରେ ପଢ଼ିବା :*

### ଶକ୍ତିମୟୀ ମାତୃତ୍ୱ

ଗୋଟିଏ ରାଷ୍ଟ୍ରର ଐତିହ୍ୟ ହିଁ ଏହାର ଧର୍ମ । ଏହି ଐତିହ୍ୟ ରକ୍ଷାହିଁ ଧର୍ମ ରକ୍ଷା । ରାଷ୍ଟ୍ର ନାହିଁ ତ ଧର୍ମର ସ୍ଥିତି ନାହିଁ । ଶୃଙ୍ଖଳିତ ସମାଜ ନାହିଁ ତ ରାଷ୍ଟ୍ରର ସଂଜ୍ଞା ନାହିଁ । ଶ୍ରୀ, ଐଶ୍ୱର୍ଯ୍ୟ, ଶ୍ରେଷ୍ଠତ୍ୱ ଓ ଆନନ୍ଦରେ ଭରା ପରିବାରଟିଏ ଯେଉଁଠାରେ ନାହିଁ ସେଠାରେ ଶୃଙ୍ଖଳିତ ସମାଜର କଳ୍ପନା ନାହିଁ । ସନାତନୀ ମାଆର ଉପସ୍ଥିତି ଯେଉଁଠାରେ ନାହିଁ, ସେଠାରେ ଶ୍ରୀ, ଐଶ୍ୱର୍ଯ୍ୟ, ଶ୍ରେଷ୍ଠତ୍ୱର ସତ୍ତା ମଧ୍ୟ ନାହିଁ ।

ବେଦଭୂମି, ଦେବଭୂମି ଏହି ଭାରତର ଐତିହ୍ୟ ମାତୃବନ୍ଦନା, ମାତୃ ପୂଜନ । ଏହାର ରକ୍ଷାହିଁ ଧର୍ମ ରକ୍ଷା । ମାତୃ ଜାତିର ସତୀତ୍ୱ, ମାତୃତ୍ୱ ହିଁ ଏ ବିଶ୍ୱର ଆଦିତତ୍ତ୍ୱ, ଧର୍ମର ଭିତ୍ତିଭୂମି । ସେହି ସନାତନୀ ମାଆ ହିଁ ଘରେ ଘରେ ପ୍ରତି ପରିବାରରେ ବାତ୍ସଲ୍ୟମୟୀ, ପ୍ରେମମୟୀ ଓ ସ୍ନେହମୟୀ ନାରୀ ରୂପରେ ବିଦ୍ୟମାନ । ତାରି ଅସ୍ତିତ୍ୱରେ ଋଦ୍ଧିମନ୍ତ ଶ୍ରୀ, ଐଶ୍ୱର୍ଯ୍ୟ ଓ ଶ୍ରେଷ୍ଠତ୍ୱ ଭରା ପ୍ରତିଟି ପରିବାର । ଧର୍ମ କେଉଁଠି ବଣ ଜଙ୍ଗଲ, ପାହାଡ଼ ପର୍ବତ, ନଦୀ ଝରଣା, ମଠ ମନ୍ଦିର କି କଠୋର ସାଧନ ଭଜନରେ ନାହିଁ । ଅଛି ଏହି ନାରୀର ହୃଦୟରେ, ତା'ର ମଥାର ସିନ୍ଦୁରରେ, ସତୀତ୍ୱର ଆଧାରରେ ଏବଂ ପ୍ରତି ଘରେ, ପରିବାରରେ । ଏହି ସତ୍ୟକୁ ବିଶ୍ୱ ଦରବାରରେ ପ୍ରମାଣିତ କରିଯାଇଛନ୍ତି, ଆଦର୍ଶ ରଖିଯାଇଛନ୍ତି ଏହି ପବିତ୍ର-ପୁଣ୍ୟଭୂମି ଭାରତର ଆର୍ଯ୍ୟନାରୀ ବୃନ୍ଦ ।

କାଳଚକ୍ରର ଘୂର୍ଣ୍ଣାୟମାନ ଗତିରେ ଆଜି ଏହି ଐତିହ୍ୟ କାହିଁ କେଉଁଠି ଅଚିରେ କରାଳ ଗର୍ଭରେ ଲୁଚି ଯାଇଛି । ସୁତରାଂ ଧର୍ମର କି ଚିନ୍ତା କରିବା ? କାହାକୁ ରକ୍ଷା କରିବା ? ସନାତନୀ ମାଆକୁ ଯେଉଁ ଜାତି ଭୁଲିଯାଇଛି ତା'ର ଧର୍ମ କାହିଁ ?

ଅତୀତରେ ସେହି ଚିର ଯାଜ୍ଜ୍ୱଲ୍ୟମାନ ସ୍ମୃତିର ଦର୍ପଣରେ ଆଜିର ଏହି ସମାଜକୁ ଦେଖିଲେ, ମନେହୁଏ ସତେ ଯେପରି ମାଆ ତା'ର ମାତୃତ୍ୱ ହରାଇଛି । ସ୍ନେହ, ମମତା, କରୁଣା, ଦୟା, କ୍ଷମା, ମହନୀୟତା, ପବିତ୍ରତା ଓ ସହନଶୀଳତାକୁ ତ୍ୟାଗ କରିଛି । ରୋଷ କଷାୟ ଦୃଷ୍ଟି ଓ ପ୍ରଜ୍ୱଳିତ କ୍ରୋଧାଗ୍ନିରେ ସେ ଏ ସମଗ୍ର ବିଶ୍ୱକୁ ଧ୍ୱଂସ କରିବାକୁ ଶପଥ ନେଇଛି । ମହା ଭୟଙ୍କରୀ ମୋହିନୀମାୟାରେ ତେଜହୀନ ଏ ଜାତିଟାକୁ ନର୍କଦ୍ୱାରକୁ ଠେଲି ଦେବାକୁ ଧାଇଁ ଯାଉଛି । ଯେଉଁ ପୁଣ୍ୟଭୂମି ଭାରତ ଦିନେ ''ମାଆ ମାଆ'' ଡ଼ାକରେ ବିଭୋର ହୋଇ ଉଠୁଥିଲା, ସମଗ୍ର ବିଶ୍ୱକୁ ଦିଗ୍‌ଦର୍ଶନ ଦେଉଥିଲା, ଯାହାର ମାତୃଭକ୍ତି, ମାତୃଶକ୍ତିରେ ବିଦେଶୀ ଶତ୍ରୁର ହୃତ୍‌କମ୍ପନ ସୃଷ୍ଟି ହେଉଥିଲା ଆଜି ସେହି ପୁଣ୍ୟ ଭୂମିରେ ''ମାଆ ମାଆ'' ଡାକ ବଦଳରେ କେବଳ ''ଖାଆ ଖାଆ'' ଚିତ୍କାର ଭରିଯାଉଛି । ସେଦିନ ମହାସାଧକ ବାମାକ୍ଷେପା ଆହ୍ୱାନ ଦେଇଥିଲେ, ଯଦି ଦୁର୍ଲଭ ମାନବ ଶରୀରର ମହତ୍ତ୍ୱ ଉପଲବ୍ଧି କରିବାର ଆଗ୍ରହ ଥାଏ, ଏ ବିଶ୍ୱର, ରାଷ୍ଟ୍ରର ଧର୍ମ ରକ୍ଷା କରିବାକୁ କାମନା ଥାଏ, ତେବେ ପ୍ରଥମେ ମାଆର ସେବକ ହେବାକୁ ସାଧନା କର ।

ଯେତେଦିନ ପର୍ଯ୍ୟନ୍ତ ମାତୃଶକ୍ତି ପ୍ରସନ୍ନ ହୋଇନାହାନ୍ତି ସେତେଦିନ ପର୍ଯ୍ୟନ୍ତ ମୁକ୍ତି କାମନା ଏକ ମରିଚିକା । ସାଧନାମାନେ ଆଉ କିଛି ନୁହେଁ, ରିପୁ ସମୂହକୁ ବଶକରି ମନଟିକୁ କେବଳ ମାତୃମୁଖୀ କରିଦିଅ । କେବଳ ସୃଷ୍ଟିରକ୍ଷା (ବଂଶରକ୍ଷା) ପାଇଁ ମାଆକୁ ପବିତ୍ର ବିବାହ ବନ୍ଧନରେ ଏକ୍କ ନିର୍ଦ୍ଦିଷ୍ଟ ଅନୁଶାସନରେ ଜାୟା ରୂପରେ ଗ୍ରହଣ କର । ତାକୁ ସୌଖୀନ, ଉପଭୋଗ୍ୟର ବସ୍ତୁ ମନେ କରି ଆଉ ଅଭିଶପ୍ତ ହୁଅନା । ପ୍ରତ୍ୟେକ ନାରୀକୁ ମାଆ ରୂପରେ ଚିନ୍ତା କର । ମାଆ, ମାଆ ଡ଼ାକରେ ବକ୍ଷ ଚିରାଇ ଦିଅ । ଦେଖିବ, ତାହାରି କରୁଣାରେ ଏ ବିଶ୍ୱ କେବଳ ଆନନ୍ଦରେ ଭରିଯିବ । ଆଜି ଏହି ଆହ୍ୱାନ କେବଳ କଥାବସ୍ତୁ ହୋଇଯାଇଛି । ପୁରୁଷ ତା'ର ପୁରୁଷାକାର ହରାଇଛି । ଫଳରେ ଧୀରେ ଧୀରେ କିନ୍ତୁ ନିଶ୍ଚିତ ଭାବରେ ସୃଷ୍ଟି ଧ୍ୱଂସ ପଥରେ ଆଗେଇ ଚାଲିଛି । କିଏ ଆଜି ଏହାକୁ ରକ୍ଷା କରିବ ?

ହେ ଚିରବନ୍ଦନୀୟା ମାଆ ! କେବଳ ତୁ-ତୁ ହିଁ ରକ୍ଷା କରିପାରିବୁ ଏ ଅବକ୍ଷୟକୁ । କ'ଣ ସବୁ ଭୁଲିଗଲୁ ? ତୁ ନା ସେହି ମଂଗଳମୟୀ, ସ୍ନେହମୟୀ, ମମତାମୟୀ, ଆଦ୍ୟାଶକ୍ତି ? କାହିଁଗଲା ତୋର ସେହି ଶାଶ୍ୱତ ଆଦର୍ଶ-ସତୀତ୍ୱର ପ୍ରଖର ତେଜ - ଯେଉଁ ତେଜର ପ୍ରଭାବରେ ଦିନେ ପିତାଙ୍କ ମୁଖରେ ପତିଙ୍କର ନିନ୍ଦାଶୁଣି ଯଜ୍ଞକୁଣ୍ଡରେ ଆତ୍ମାହୁତି ଦେଇଥିଲେ ''ସତୀ'' । ଯାହାର ଫଳରେ ଧ୍ୱଂସ ହୋଇଗଲା ଦକ୍ଷଯଜ୍ଞ । ଯେଉଁ ତେଜରେ ସେଦିନ ମହାସତୀ ସାବିତ୍ରୀ ପ୍ରକୃତିର ନିୟମକୁ ଉପହାସ କରି ଯମରାଜାଙ୍କ ହାତରୁ ଆଣିଥିଲେ ମୃତସ୍ୱାମୀ ସତ୍ୟବାନଙ୍କୁ । ଯେଉଁ ତେଜର ଶିଖାରେ ଅବଗାହନ କରି ମାଆ ସୀତା ପ୍ରଜ୍ୱଳିତ ଅଗ୍ନିକୁଣ୍ଡରେ ଦେଇଥିଲେ ଅଗ୍ନିପରୀକ୍ଷା ଓ ଶେଷରେ ମେଦିନୀର ବକ୍ଷଚିରି ଆଶ୍ରୟ ନେଇଥିଲେ ଜନନୀ କୋଳରେ । କେଉଁଠି ଲୁଚାଇ ଦେଲୁ ଚିରବନ୍ଦିତ ସତୀ ନାରୀର ପରାକାଷ୍ଠା ? ଯେଉଁ ପରାକାଷ୍ଠା ଭାଙ୍ଗିବାକୁ ଯାଇ ସ୍ୱୟଂ ନାରାୟଣଙ୍କୁ ଅଭିଶାପ ନେବାକୁ ପଡ଼ିଥିଲା ତୁଳସୀଙ୍କଠାରୁ । ଯେଉଁ ପରାକାଷ୍ଠା ବଳରେ ମାଆ ଅନୁସୂୟା ଗୋଟିଏ ରାତିକୁ ସାତରାତି କରିଦେଇ ତ୍ରେତୟାର ପୁରାଣ ସୃଷ୍ଟି କରିଥିଲେ । ମାଆ ! କାହିଁ ତୋର ସେହି ତେଜସ୍ୱିନୀ ରକ୍ତିମ ସିନ୍ଦୁର ବିନ୍ଦୁ ? ଯାହାର ତେଜରେ ସୂର୍ଯ୍ୟ, ଚନ୍ଦ୍ରଙ୍କ ତେଜ ମଧ୍ୟ ମଳିନ ଦିଶେ । ଭୁଲିଯାଉଛୁ ମାଆ ! ତୋରି ମଥାର ସିନ୍ଦୁର ବିନ୍ଦୁ ହିଁ ସେଦିନ ବୈକୁଣ୍ଠବିହାରୀଙ୍କୁ ବୈକୁଣ୍ଠ ପୁରୀରୁ ଟାଣି ଆଣିଥିଲା ଏହି ଧରାଧାମକୁ ଭିକାରୀ ସଜାଇ ।

କିନ୍ତୁ ଆଜି ତୋ'ର ଏ କି ରୂପ ମାଆ ? ଅର୍ଦ୍ଧନଗ୍ନ ବେଶ, ବ୍ୟବହାରରେ ଛଳନାର ଜାଲ, ହୃଦୟରେ ନିଷ୍ଠୁରତାର ଆବରଣ, କଟାକ୍ଷରେ କାମନାର ବହ୍ନି ! ଏ ରୂପ ତ୍ୟାଗ କର ମାଆ ! ନଚେତ୍ ତୋର ଏହି କାମନାର ବହ୍ନିରେ ଏ ସୃଷ୍ଟି ଜଳି ପୋଡ଼ି ପାଉଁଶ ହୋଇଯିବ । ନିଆଁରେ ପତଙ୍ଗ ପଡ଼ିଲା ପରି ତୋରି ସନ୍ତାନମାନେ ଧ୍ୱଂସ ହୋଇଯିବେ । ପୁଣିଥରେ ମାତୃତ୍ୱର ହୃଦୟ ନେଇ ଜାଗିଉଠ୍ ମାଆ ! ତୁ ଜାଗ୍ରତ ନ ହେଲେ, ବନ୍ଧନ ନ ଖୋଲିଲେ ଏ ଅଧମ ସନ୍ତାନଗଣ ଶକ୍ତିହୀନ ହୋଇଯିବେ, ପଙ୍ଗୁ ହୋଇଯିବେ । ଏ ସୁନ୍ଦର ସୃଷ୍ଟି ଛାରଖାର ହୋଇଯିବ ।

ତେଣୁ ହେ ଜନନୀ ! ନିଜେ ଥରେ ନିଜକୁ ଦେଖିନେ । କ'ଣ ଥିଲୁ, କ'ଣ ହୋଇଛୁ । ଅଭିମାନ, କ୍ରୋଧ ସମ୍ବରଣକର, ଅର୍ଦ୍ଧନଗ୍ନ ବେଶ ପରିହାର କର । କଟାକ୍ଷରୁ କାମନାର ବହ୍ନି ଲିଭାଇ ଦେ । ନିଜର ସ୍ଥିତିକୁ ଫେରିଆ । ତୋର ସେହି ସ୍ନେହ, କରୁଣା, ମମତା, ବାତ୍ସଲ୍ୟ, ମଧୁରତା ଓ ସହନଶୀଳତାରେ ପୁଣିଥରେ ହସିଉଠୁ ପ୍ରତ୍ୟେକ ଘର, ପରିବାର, ସମାଜ ଓ ରାଷ୍ଟ୍ର । ତୋରି ସିନ୍ଦୂର ବିନ୍ଦୁର ଝଲକରେ ଉଦ୍‌ଭାସିତ ହୋଇ ଦିପ୍ତିମନ୍ତ ହୋଇଉଠୁ ଏହି ନିଦ୍ରାଳୁ ସମାଜ, ଫେରି ଆସୁ ବିସ୍ମୃତ ଗୌରବ । ରକ୍ଷାହେଉ ଏହି ସୃଷ୍ଟି, ଆଉ ଏହି ପୂତ, ପବିତ୍ର ଭାରତବର୍ଷର ଐତିହ୍ୟ ଧର୍ମ ॥

***

# ବାଲ୍ୟକାଳୁ ଧର୍ମ ଧନ ସଞ୍ଚିବି

*ଗୋଟିଏ ଚାରାଗଛକୁ ଯତ୍ନକରି ଏକ ମହାଦ୍ରୁମରେ ପରିଣତ କରିବା ଭଳି ଜଣେ ଶିଶୁକୁ ବାଲ୍ୟକାଳ ଅବସ୍ଥାରୁ ଯତ୍ନ କରି ଜଣେ ମଣିଷ ପରି ମଣିଷ ରୂପରେ ଛିଡ଼ାକରାଇବାର ସକଳ ଦାୟିତ୍ୱ ଆମର, ଆମ ସମାଜର । ଶିଶୁ ଆଜି ଅବହେଳିତ, ଅବହେଳାରୁ ବାଲ୍ୟାବସ୍ଥାରୁ କୁପଥଗାମୀ, କାନ୍ତ୍ରେଂଷ୍ଟ । ସେମାନଙ୍କୁ ଏହି ଘୋର ବିପାକରୁ ରକ୍ଷା କରି ସୁସ୍ଥ ସମାଜ ଗଠନ କରିବା ଅଭିଳାଷରେ ଚରମ ପୃଷ୍ଠାରେ ଏହି ନିୟମିତ ସ୍ତମ୍ଭର ସଂଯୋଜନା । କେବଳ କୋମଳ ଭାଷାରେ ଅନ୍ତଃସାରଶୂନ୍ୟ ଗଳ୍ପଟିଏ ପ୍ରକାଶ କରିଦେଲେ ଦାୟିତ୍ୱ ସଂପାଦନ ହୁଏ ନାହିଁ । ଏଥିପାଇଁ ବହୁଦିଗରୁ ଶିଶୁକୁ ମୁକ୍ତଚିନ୍ତା ପାଇଁ ଖୋରାକ ଯୋଗାଇବା ଆବଶ୍ୟକ । ସୁସ୍ଥଚିନ୍ତା ନିମନ୍ତେ ଏଥର ଆସନ୍ତୁ ପଢ଼ିବା ଧର୍ମବିଶ୍ୱାସ ଭାବସମ୍ବଳିତ ଗଳ୍ପଟିଏ ।*

## କେବଳ ବିଶ୍ୱାସ

ପ୍ରତିଦିନ ପରି ସେଦିନ ମଧ୍ୟ ଚପଳମତି ଦେବାଶିଷ ତା'ର ସାଙ୍ଗମାନଙ୍କ ସହ ଖେଳ ସାରି ସଂଧ୍ୟାବେଳକୁ ଘରକୁ ଫେରିଲା । ଦେଖିଲା ବାପା ଓ ମାଆ ଦୁହେଁ ଠାକୁର ଘରେ ଆଖିବୁଜି ବସିଛନ୍ତି । କିଛି ବୁଝିପାରିଲା ନାହିଁ । କିନ୍ତୁ ତା'ର ଅଭ୍ୟାସ ଅନୁସାରେ ଧାଇଁ ଯାଇ ମାଆଙ୍କ କୋଳରେ ବସିଗଲା । ମାଆ ଆଖି ଖୋଲିଲେ, ଧୀରେ ଆଉଁସି ଦେଇ କହିଲେ, ''ଧନରେ ଯା ବାହାରେ ଅପେକ୍ଷା କର । ମୁଁ ଠାକୁରଙ୍କୁ ପ୍ରଣାମ କରି ସଂଗେ ସଂଗେ ଯାଉଛି । ହେଲେ ତା'ର ମନରେ ସନ୍ଦେହ ଆସିଲା । ବାପା ଓ ମାଆ କାହିଁକି ଆଖିବୁଜି ବସିଛନ୍ତି ଓ କ'ଣ କରୁଛନ୍ତି ।

ମାଆ ଆସିବା ପରେ ପଚାରିଲା । ମାଆ ହସି ଉତ୍ତର ଦେଲେ, ''ଆମେ ଠାକୁରଙ୍କୁ ପ୍ରାର୍ଥନା କରୁଥିଲୁ'' ଦେବାଶିଷ ଆହୁରି ଆଶ୍ଚର୍ଯ୍ୟ ହୋଇ ପଚାରିଲା, ''କିଏ ସେ ଠାକୁରେ ? ତାଙ୍କ ଘର କେଉଁଠି ? ତାଙ୍କ ବାପା, ମାଆ ବି କ'ଣ ଏହିପରି ପ୍ରାର୍ଥନା କରନ୍ତି ? ତାଙ୍କୁ ପ୍ରାଥର୍ନା କଲେ କ'ଣ ହେବ ?'' ଇତ୍ୟାଦି କେତେ ପ୍ରଶ୍ନ । ମାଆ ହଡ଼ବଡ଼େଇ ଗଲେ । କାରଣ ସେ ଜାଣନ୍ତି ତାଙ୍କର ଏହି ଅବୁଝା ପୁଅଟି ବଡ଼ ଜିଦ୍‌ଖୋର । କି ଉତ୍ତର ଦେବେ ସ୍ଥିର କରି ପାରିଲେନି । ଶେଷରେ ଠାକୁରଙ୍କୁ ମନେ ମନେ ପ୍ରଣାମ କରି କହିଲେ, ''ତୁ ପିଲାଲୋକ, ସେଥିରୁ କ'ଣ ପାଇବୁ ? ବଡ଼ ହୋଇଯା ସବୁ ଜାଣିବୁ ।'' ଦେବାଶିଷ ଆହୁରି ଆଶ୍ଚର୍ଯ୍ୟ ହୋଇ ପଚାରିଲା, ''ମାଆ ! ପିଲାମାନେ କ'ଣ ଠାକୁରଙ୍କୁ ଡ଼ାକନ୍ତି ନାହିଁ ? ତାଙ୍କ କଥା କ'ଣ ଠାକୁର ଶୁଣନ୍ତି ନାହିଁ କି ବୁଝନ୍ତି ନାହିଁ ?'' ଏଥର ମାଆ କଲ୍ୟାଣୀ ଦେବୀ ଥରି ଉଠିଲେ, କହିଲେ ''ନାଁରେ ବାପ ! ସେ କଥା କହନା, ଠାକୁରେ ପିଲା ବଡ଼ ସମସ୍ତଙ୍କର । ତାଙ୍କୁ ଯିଏ ମନ ଦେଇ ଡ଼ାକେ ସେ ତା କଥା ନିଶ୍ଚୟ ଶୁଣନ୍ତି ।'' ''ତା ହେଲେ ମତେ ଶିଖାଇଦିଅ-କେମିତି ଡ଼ାକିବି-ଆଜିଠାରୁ ମୁଁ ଡ଼ାକିବି ।'' ଏ ପର୍ଯ୍ୟନ୍ତ ବାପା ସ୍ଥିର ହୋଇ ମାଆ, ପୁଅର କଥା ଶୁଣୁଥିଲେ । ହସି

ପଚାରିଲେ, ''ଦେବାଶିଷ ! ଠାକୁରଙ୍କୁ ଡ଼ାକି କ'ଣ କରିବୁ ?'' ପୁଅ ତତ୍‌କ୍ଷଣାତ୍ ବାପାଙ୍କୁ ଆଗ୍ରହରେ ପଚାରିଲା, ''ବାପା ! ତୁମେ ଓ ମାଆ ଡ଼ାକି କ'ଣ କରୁଛ ?'' ଏପରି ଏକ ପ୍ରଶ୍ନ ପାଇଁ ଦୁଇଜଣଯାକ ପ୍ରସ୍ତୁତ ନ ଥିଲେ । ମାଆ ତାକୁ କୋଳକୁ ଟାଣି ନେଲେ, ସ୍ନେହରେ ଆଉଁସି ଦେଇ କହିଲେ ''ବାପରେ ! ତାଙ୍କୁ ଡ଼ାକିଲେ, କିଛି କହିବାକୁ ପଡ଼େ ନାହିଁ । କିଛି ମାଗିବା ଦରକାର ହୁଏ ନାହିଁ । ଯାହାର ଯାହା ଦରକାର ସେ ସଂଗେ ସଂଗେ ଦିଅନ୍ତି ।'' ଆନନ୍ଦରେ ନାଚି ଉଠିଲା ଦେବାଶିଷ । ସେହିଦିନୁ ସକାଳେ ଓ ସଂଧ୍ୟାରେ ଖେଳ ଛାଡ଼ି ବାପା ଓ ମାଆଙ୍କ ପାଖରେ ଆଖିବୁଜି ବସିଲା । କେବଳ ''ଠାକୁରେ, ଠାକୁରେ'' ମନେ ମନେ କହୁଥାଏ ।

ଏହିପରି ବେଶ୍ କିଛିଦିନ ଚାଲିଗଲା ଦିନେ ସ୍କୁଲରେ ପାଠ ପଢ଼ିବା ସମୟରେ ତା'ର ଏକ ଭୁଲ୍‌ହୋଇଗଲା । ଶିକ୍ଷକ ମହାଶୟ ବେତଧରି ମାରିବାକୁ ଆସିଲେ । ବିଚାରା ଭୟରେ ଥରିଗଲା । ହଠାତ୍ ମନେ ପଡ଼ିଗଲା ମାଆଙ୍କ କଥା - ''ଠାକୁରଙ୍କୁ ଡ଼ାକିଲେ ଯାହା ଦରକାର ସେ ଦେଇଦିଅନ୍ତି ।'' ମନେମନେ ବ୍ୟାକୁଳ ହୋଇ କହିଲା, ''ହେ ଠାକୁର ! ମୋର ଭୁଲ୍ ହୋଇଯାଇଛି । ସାର୍‌ଙ୍କ ଏହି ମାଡ଼ରୁ ଆଜି ରକ୍ଷାକର ।'' ଆହା ! ଧନ୍ୟପ୍ରଭୁ ତୁମର ଲୀଳା ! କରୁଣାମୟ ଏହି ଚପଳମତି ସରଳ ଶିଶୁଟିର କଥା ଠିକ୍ ଶୁଣିପାରିଲେ । ଯେଉଁ ସାର କ୍ରୋଧରେ ବେତ ଧରି ପ୍ରହାର କରିବାକୁ ଆସୁଥିଲେ, ସେ ବେତଟିକୁ ଫିଙ୍ଗିଦେଇ ଦେବାଶିଷକୁ ଆନନ୍ଦରେ କୋଳକୁ ଟେକିନେଲେ । ଗେଲକଲେ, ''କହିଲେ ଦେବାଶିଷ ! ଆଉଦିନେ ଏପରି ଭୁଲ୍ କରିବୁନି ।'' ଶ୍ରେଣୀରେ ଥିବା ଅନ୍ୟ ପିଲାମାନେ କିଛି ବୁଝିପାରିଲେନି । ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଚାହିଁଲେ, ପରେ ଦେବାଶିଷକୁ ପଚାରିଲେ ଏ କ'ଣ ସବୁ ହେଲା । ଦେବାଶିଷ ଅତି ସରଳ ଭାବରେ କହିଲା, ମାଡ଼ ଭୟରେ ମୁଁ ଆମ ଠାକୁରଙ୍କୁ ଡ଼ାକିଲି । ଠାକୁରେ ସାର୍‌ଙ୍କୁ ସଂଗେ ସଂଗେ ବଦଳାଇ ଦେଲେ, ଏହାପରେ ଆନନ୍ଦରେ ନାଚି ନାଚି ଆସି ଘରେ ବାପା ଓ ମାଆଙ୍କୁ ସବୁକଥା କହିଲା । ସେମାନେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଗଲେ । ଏହା କ'ଣ ସତରେ ହୋଇଛି । ଦୁହେଁ ହାତ ଯୋଡ଼ି ପ୍ରାର୍ଥନା କଲେ ''ହେ ଲୀଳାମୟ, ହେ ଅନାଥ ବଂଧୁ, ହେ ଦୟାମୟ, ହେ କରୁଣାମୟ, ତୁମର ଅନନ୍ତ ଲୀଳା, ଅପାର କରୁଣା କିଏ ବା ବୁଝିବ । ବୀଜ ମନ୍ତ୍ର ଜପି ଜପି ଆଚରଣ ଯଗି ଯଗି ବର୍ଷ ପରେ ବର୍ଷ ଗଡ଼ି ଯାଉଛି । ଟିକେ ବି ଅନୁଭବ ନାହିଁ, ଅଥଚ ଏହି ସରଳ ଶିଶୁ - କେବଳ ସରଳ ମନ ଓ ବିଶ୍ୱାସରେ ଡ଼ାକିବା ମାତ୍ରେ ତୁମେ ଧରାଦେଉଛ । ପ୍ରଭୋ ! ଆମରି ଏହି ପୁଅଟିକୁ ତୁମେ ସଂପୂର୍ଣ୍ଣ ଗ୍ରହଣ କର ଓ ନିଜର ଇଚ୍ଛା ଅନୁସାରେ ତାକୁ ତିଆରି କର, ଯେପରି ପରିଣତ ବୟସରେ ସେ ଏହି ସୃଷ୍ଟିକଲ୍ୟାଣ ପାଇଁ ଉପଯୁକ୍ତ ଆଧାର ହେଉ ।

ପିଲାମାନେ ! କହିଲ ଦେଖି - ଏଥିରୁ କ'ଣ ବୁଝିଲ ? ତମେମାନେ ଯଦି ମନ ଦେଇ ଠାକୁରଙ୍କୁ ଡ଼ାକିବ ତେବେ ସବୁବେଳେ ତମମାନଙ୍କ ପାଖରେ ମଧ୍ୟ ସେ ଠିକ୍ ଏହିପରି ରହିବେ ଓ ତୁମ କଥା ଶୁଣିବେ । ଯେତେବେଳେ ଯାହା କରୁଥିବ ଖାଲି ମନେ ମନେ କହିଦେଉଥିବ - ''ହେ ଠାକୁରେ ! ତୁମେ ହିଁ ମୋର ଭରଷା'' ତା ପରେ ନିଜେ ବୁଝିପାରିବ ସେ ତୁମ ପାଇଁ ତୁମ ପାଖେ ରହି କ'ଣ କରୁଛନ୍ତି ?

***

# ଉତ୍ତିଷ୍ଠତଃ ! ଜାଗ୍ରତଃ !!

*ଯୁବ ସମାଜ ଆମର ଉତ୍ତରଦାୟାଦ । ଏହି ଉତ୍ତରଦାୟାଦଙ୍କର ସଂହତି ଓ ଶୃଙ୍ଖଳ ଉପରେ ଆମ ସମାଜର ଭବିଷ୍ୟତ ନିର୍ଭରଶୀଳ । ଯୁବଗୋଷ୍ଠିକୁ ସୁସଂହତ ଓ ସୁଶୃଙ୍ଖଳ କରି ଗଢ଼ିତୋଳିବାର ସକଳ ଦାୟିତ୍ୱ ଆମମାନଙ୍କର । ପ୍ରଭୁପାଦ ଗୁରୁସ୍ୱାମୀ ଶ୍ରୀଶ୍ରୀଶ୍ରୀ ଠାକୁର ବହୁ ସମୟରେ ଆଲୋଚନା ପ୍ରସଙ୍ଗରେ ସୁସ୍ଥ ସାମାଜିକ ଓ ଆଧ୍ୟାତ୍ମିକ ଜୀବନ ନିମନ୍ତେ ଯୁବ ସମାଜକୁ ସଜାଡ଼ିବା ବିଷୟରେ ଗୁରୁତ୍ୱ ଆରୋପ କରନ୍ତି ।*

*ଆଜିର ଯୁବଗୋଷ୍ଠୀ ଦୁଃଖଯାତନାକୁ ଭୟ କରି ପଳାୟନପନ୍ଥୀ । ସେହି ଯୁବବନ୍ଧୁମାନଙ୍କୁ ଦୁଃଖର ତାତ୍ତ୍ୱିକ ଅର୍ଥ ଓ ତାତ୍ପର୍ଯ୍ୟ ଅବଗତ କରାଇବା ପାଇଁ ଏଥର ଆସନ୍ତୁ ପଢ଼ିବା....*

## ଦୁଃଖ

ସୁଖ ହେଉ ବା ଦୁଃଖ ହେଉ ଏହା ଏକ ମାନସିକ ବିକାରଜାତ ଭାବ । ଅନେକେ ସାଧାରଣତଃ ସୁଖ ସ୍ପୃହା କରନ୍ତି ଏବଂ ଦୁଃଖ ପଡ଼ିଲେ ମିୟମ୍ରାଣ ହୋଇଯାଆନ୍ତି । ସୁଖ କାମନା ଅବଶ୍ୟ ସାମାଜିକ ଜୀବନରେ ସ୍ପୃହଣୀୟ, ମାତ୍ର ଏହି ସୁଖ ଚିରସ୍ଥାୟୀ ନୁହେଁ । ସୁଖ ଭୋଗର ଅନ୍ତରାଳରେ ଦୁଃଖ ଲୁଚି ରହିଥାଏ ଓ ସୁଖଭୋଗ ଅନ୍ତେ ପ୍ରକଟିତ ହୁଏ । 'ଚକ୍ରବଦ୍ ପରିବର୍ତ୍ତନ୍ତେ ସୁଖାନିଚ ଦୁଃଖାନିଚ' - ସୁଖ ଓ ଦୁଃଖ ଚକ୍ରାକାରରେ ଘୂରିବୁଲୁଛନ୍ତି । ଗୋଟିଏ ପରେ ଅନ୍ୟଟି ଆସେ ହିଁ ଆସେ । ତେଣୁ ଏହି ଦୁର୍ଲଭ ମାନବ ଜନ୍ମ ଓ ଜୀବନରେ ସୁଖ ଓ ଦୁଃଖ ଉଭୟ ଭୋଗିବାକୁ ହିଁ ହୁଏ । ଅବଶ୍ୟ କାହାର ସୁଖର ମାତ୍ରା ଅଧିକତର ଦୁଃଖର ମାତ୍ରା ଅଳ୍ପ, ସେହିପରି ଆଉ କାହାର ବା ସୁଖର ମାତ୍ରା ସ୍ୱଳ୍ପ ତ ଦୁଃଖର ମାତ୍ରା ଅଧିକ । କେତେକଙ୍କର ଦୁଃଖସୁଖର ମାତ୍ରା ଅଧାଅଧି । ଆମ୍ଭମାନଙ୍କର ଗୁଣସୂତ୍ର, ଗୁଣପିଣ୍ଡ, ବୈଶିଷ୍ଟ୍ୟ ଓ ସଂସ୍କାର ଭିନ୍ନଭିନ୍ନ, ତେଣୁ ସବୁକିଛି ଆମ୍ଭମାନଙ୍କର ଭିନ୍ନଭିନ୍ନ ହୋଇଥାଏ । ସେହି ନିୟମରେ ଆମ୍ଭମାନଙ୍କର ସୁଖଦୁଃଖ ଭୋଗର ମାତ୍ରାରେ ତାରତମ୍ୟ ପରିଲକ୍ଷିତ ହେବା ସ୍ୱାଭାବିକ ।

ଶ୍ରୀମଦ୍ ଭଗବଦ୍ ଗୀତା ଗାଏ - ସୁଖ ପ୍ରତି ବିଗତସ୍ପୃହ ହୁଅ, ଦୁଃଖରେ ଉଦ୍‌ବିଗ୍ନ ହୁଅନାହିଁ ।'ସ୍ଥିତଧୀ ହୁଅ । ଏତ ହେଉଛି ନୀତିର ଗୀତି । ଶାସ୍ତ୍ରର ବାଣୀ । ଏପରି ବହୁ ଉପଦେଶବାଣୀ ପୃଥିବୀର ବିଭିନ୍ନ ଭାଷାରେ ବିଭିନ୍ନ ଗ୍ରନ୍ଥରେ ପର୍ଯ୍ୟାପ୍ତ ପରିମାଣରେ ରହିଛି । ତଥାପି, ଆଜିର ସମାଜ ଜୀବନରେ ବହୁ ନୀତିହୀନ ଘଟଣା ନିମିଷକ ମଧ୍ୟରେ ଘଟିଯାଉଛି, ବହୁ ଗର୍ହିତ କାର୍ଯ୍ୟ ମଧ୍ୟ ପଲକମାତ୍ରେ ସଂପାଦିତ ହେଉଛି । ତେଣୁ, ବାସ୍ତବ ଜୀବନ ପଥରେ ତାତ୍ତ୍ୱିକ ଆଲୋଚନାର ପ୍ରତିଫଳନ କରିବା, ଆଚାର ଆଚରଣ ଓ ଦୈନନ୍ଦିନ ଜୀବନଚର୍ଯ୍ୟାରେ ବାସ୍ତବାୟିତ କରିବା ଆମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ।

ସତ କହିଲେ, ଦୁଃଖ ହିଁ ଆମର ଚିରସାଥୀ, ଚିରଦିନର ସଖା । ଦୁଃଖ ହିଁ ସ୍ଥାୟୀ, ସୁଖ କ୍ଷଣସ୍ଥାୟୀ । କଳାମେଘ କୋଳରେ ବିଜୁଳିର କ୍ଷଣିକ ପାଇଁ ଝଲକ୍ ସଦୃଶ ସୁଖ ଆସେ ପୁଣି ଆଖି ପିଛୁଳାକେ ଆମ ସଂଗ ଛାଡ଼ି ଦୂରେଇଯାଏ । ମାତ୍ର ବିଚାର କରି ଦେଖିଲେ ଦୁଃଖ ଆମର ଆଜନ୍ମ ସହଚର, ଆମରଣ ଏହା ଆମର ସଖା । ଦୁଃଖର ସ୍ୱରୂପ ସମ୍ବନ୍ଧରେ ସମ୍ୟକ୍ ଆଲୋଚନା ଏଠାରେ ଏହି ପ୍ରବନ୍ଧରେ କରାଯାଇଛି । ଦୁଃଖର ତାତ୍ତ୍ୱିକ ପରିଶୀଳନ ଦ୍ୱାରା ଦୁଃଖକାତର ଯୁବଗୋଷ୍ଠୀ ପ୍ରାଣରେ ଦୁଃଖ ପ୍ରତି କୋକୁଆ ଭୟ ବସାବାନ୍ଧି ରହିବ ନାହିଁ ବୋଲି

ଆମେ ଆଶା କର । ଆମର ଦୃଢ଼ ବିଶ୍ୱାସ ଯୁବଗୋଷ୍ଠୀ ଧୈର୍ଯ୍ୟର ସହ ଦୁଃଖର ସାମନା କରି ପାରିବେ ଓ ନିଜକୁ ଧିକ୍କାର କରିବେ ନାହିଁ, ଦୁଃଖରେ କାତର ହେବେ ନାହିଁ, ବରଂ ଅନ୍ୟପକ୍ଷରେ ସାହସର ସହିତ ଦୁଃଖଯାତନାକୁ ସହିନେବେ । ମଣିଷ ପରି ମଣିଷ ହେବେ । ମାନବ ସମାଜର ରକ୍ଷାକର୍ତ୍ତା ସଦୃଶ ନିର୍ଭୀକ ଓ ନିର୍ଭୟ ହେବେ ।

ମନେରଖିବାକୁ ହେବ - ବନ୍ଧନ ହିଁ ବନ୍ଧନ । ଦୁଃଖର ବନ୍ଧନ ହେଉ ବା ସୁଖର ବନ୍ଧନ ହେଉ - ବନ୍ଧନ ମାନେ ହିଁ ମୁକ୍ତ ନୁହେଁ । ମୁକ୍ତି, ମୋକ୍ଷ, ନିର୍ବାଣ ଓ ଚରମପ୍ରାପ୍ତି ପାଇଁ ଉଭୟ ବନ୍ଧନରୁ ମୁକ୍ତ ହେବାକୁ ହିଁ ପଡ଼େ, ପଡ଼ିବ । ଏଥି ନିମନ୍ତେ ଶରୀର ସାଧନା ସହିତ ମାନସିକ ପ୍ରସ୍ତୁତି ଏକାନ୍ତ ଅପରିହାର୍ଯ୍ୟ । ଏହା ଏପରି ଏକ ମାନସିକ ସ୍ତର ଯେଉଁଠି ସୁଖ ମଧ୍ୟରେ ଦୁଃଖ ଓ ଦୁଃଖ ମଧ୍ୟରେ ସୁଖର ସଂଧାନ କରୁକରୁ ଉଭୟ ବନ୍ଧନରୁ ମୁକ୍ତି ମିଳେ । ସୁଖ ଆସେ, ପୁଣି ଚାଲିଯାଏ, ଦୁଃଖ ଆମ ସହିତ ସର୍ବଦା ବନ୍ଧୁତା ସୂତ୍ରରେ ବାନ୍ଧିହୋଇ ରହିଥାଏ । ଆମକୁ ଏ ଦୁଇ ଅବସ୍ଥା ଚକ୍ରର ଊର୍ଦ୍ଧ୍ୱକୁ ଉଠିଯିବାକୁ ହେବ ।

ଦୁଃଖର ସ୍ୱରୂପ ସମ୍ବନ୍ଧରେ ଆଲୋଚନା ଆରମ୍ଭରେ ଅନ୍ତଃସ୍ଥ ଦୁଃଖର ସ୍ୱରୂପ ବିଷୟରେ ଅବଗତ ହେବା ଉଚିତ୍ । ଆଡ଼ମ୍ବରଯୁକ୍ତ ଚିନ୍ତାରୁ ଅନ୍ତଃସ୍ଥ ଦୁଃଖର ସୃଷ୍ଟି । ଏହି ଚିନ୍ତା ତା'ର ଭାବନା ରାଜ୍ୟକୁ କ୍ରମେ ବିସ୍ତୃତ ହୋଇ ଅନ୍ତଃସ୍ଥଳରେ ମନ୍ଥନ କ୍ରିୟା ସୃଷ୍ଟି କରେ । ଏ ପ୍ରକାର ଅନ୍ତଃସ୍ଥ ଆଲୋଡ଼ନରୁ ଅନ୍ତଃସ୍ଥ ଦୁଃଖର ଜନ୍ମ ହୁଏ ।

ପ୍ରାଣୀ ପ୍ରକୃତିର ଧର୍ମରେ ପଡ଼ି କାମନାବାସନାର ପରିତୃପ୍ତି କରିପାରେ ନାହିଁ । ଅଧିକରୁ ଅଧିକ କାମ ବାସନାର ମନର ଗୋପନ କୋଣରେ ଭାଜି ହେଉଥାଏ । ଏପରି ସ୍ଥଳେ ପ୍ରାଣୀ ତା'ର ସାମର୍ଥ୍ୟ ଓ ତଦ୍‌ଗତ ବିଷୟରେ ଆପଣାର ଯୋଗ୍ୟତା ସମ୍ବନ୍ଧରେ ଆଦୌ ଲକ୍ଷ୍ୟ ରଖିପାରେ ନାହିଁ । ଅଲଭ୍ୟକୁ ଲାଭ କରିବା ପାଇଁ କାମନାର ଯେଉଁ ମୋହରେ ପଡ଼ି ପ୍ରାଣୀ ଚିନ୍ତାକୁଳ ହୁଏ, ତାହାହିଁ ଅନ୍ତଃସ୍ଥ ଦୁଃଖ ଓ ଦୁଷ୍ପ୍ରାପ୍ୟ ପ୍ରାପ୍ତି ନିମନ୍ତେ ଆଡ଼ମ୍ବରଯୁକ୍ତ ଚିନ୍ତାରୁ ହିଁ ଏହାର ସୃଷ୍ଟି ।

ଅଲଭ୍ୟକୁ ଲାଭ କରିବାର କାମନା ଓ ଦୁଷ୍ପ୍ରାପ୍ୟ ପ୍ରାପ୍ତିର ବାସନା ପରିତ୍ୟାଗ କରି ଯେତିକି ପ୍ରାପ୍ତ ହୋଇଛି ତହିଁରେ ସନ୍ତୁଷ୍ଟ ରହିଲେ, ଅନ୍ତଃସ୍ଥଦୁଃଖ କବଳରୁ ମୁକ୍ତି ମିଳିପାରେ ।

ପ୍ରାଣୀର ମାନସିକ ସ୍ୱାସ୍ଥ୍ୟହାନୀରୁ ମାନସଦୁଃଖ ସୃଷ୍ଟି ହୋଇଥାଏ । ସାଧାରଣତଃ ଯାହା ଯେତେବେଳେ କରଣୀୟ ତାହା ଯଥା ସମୟରେ ସମାପନ ନ କରି କେବଳ ମାନସ ପଟରେ ଭାଜି ହେଲେ ସମୟର ଯଥାର୍ଥ ବିନିଯୋଗ ହୋଇପାରେ ନାହିଁ କିମ୍ବା କର୍ତ୍ତବ୍ୟ କର୍ମ ସଂପାଦିତ ହୁଏ ନାହିଁ । କାଳକ୍ରମେ ଏହା ଏକ ସମସ୍ୟା ରୂପେ ଛିଡ଼ା ହୋଇ ପ୍ରାଣୀକୁ ଚିନ୍ତା-ଅବସାଦଗ୍ରସ୍ତ କରେ । ପ୍ରାଣୀର ମାନସିକ ଶାନ୍ତି ନଷ୍ଟ ହୋଇ ସେ ମାନସିକ ସ୍ତରରେ ଅସୁସ୍ଥ ହୋଇପଡ଼େ ଓ ଅଶେଷ ଦୁଃଖ ଲାଭ କରେ । ଏହାହିଁ ମାନସ ଦୁଃଖ ।

ସଂସାର କ୍ଷେତ୍ରରେ ପ୍ରାଣୀ ବହୁମୁଖୀ ଯୋଜନାମାନ କରି ଧନ୍ଦି ହୁଏ । ପାରିବାରିକ ଜଂଜାଳ, ଅର୍ଥଉପାର୍ଜନର ମୋହ, ବିଶୃଙ୍ଖଳ କର୍ମଧାରା ମାନସିକ କ୍ରିୟାକୁ ସ୍ଥିର ରଖିପାରେ ନାହିଁ । ଫଳତଃ ଅସ୍ଥିର ମନା ହୋଇ ତା'ର ମାନସିକ ସ୍ୱାସ୍ଥ୍ୟ ନଷ୍ଟ ହୁଏ । ଯେଉଁ କାର୍ଯ୍ୟ ଯେଉଁ ସମୟରେ କରିବା କଥା ତାହା ଯଥା ସମୟରେ କରିପାରେ ନାହିଁ, ବହୁ ବିଳମ୍ବରେ ତାହା ସଂପାଦନ କରେ । ଏହି ବିଳମ୍ବ ଜନିତ ଦୁଃଖ ପାଇଁ ସେ ମାନସିକ ଯନ୍ତ୍ରଣା ପାଉଥାଏ । ଏହାକୁ ମାନସଦୁଃଖ କୁହାଯାଏ ।

ପ୍ରାଣୀ ସମୟାନୁବର୍ତ୍ତୀ, କର୍ତ୍ତବ୍ୟ ପରାୟଣ ଓ ଶୃଙ୍ଖଳିତ କର୍ମଧାରା ଅନୁସାରି ହେଲେ ମାନସିକ ଯନ୍ତ୍ରଣାରୁ ଓ ମାନସଦୁଃଖରୁ ରକ୍ଷାପାଇଥାଏ ।

ଶାରୀରିକ, ପ୍ରାକୃତିକ ଓ ନଷ୍ଟାଦିରୁ ସୃଷ୍ଟି ହେଉଥିବା ଦୁଃଖକୁ ବାହ୍ୟଦୁଃଖ କୁହାଯାଏ । ଶାରୀରିକ ଯନ୍ତ୍ରଣା, ଯଥା : ରୋଗ, କଷ୍ଟ, ସର୍ପବିଛା ଆଦିର ଦଂଶନ, ପ୍ରାକୃତିକ ବିପର୍ଯ୍ୟୟ, ଯଥା : ଝଡ଼, ତୋଫାନ, ବୃଷ୍ଟି, ଅଗ୍ନ୍ୟୁତ୍ପାତ, ଭୂମିକମ୍ପ ଏବଂ ଦ୍ରବ୍ୟାଦି ନଷ୍ଟ,ଫସଲ ନଷ୍ଟ, ଗୃହଦାହ, ସନ୍ତାନ ସନ୍ତତି ନଷ୍ଟ, ଆତ୍ମୀୟ ସ୍ୱଜନଙ୍କ ଦେହାନ୍ତରୁ ଯେଉଁ ଦୁଃଖ ଯାତ ହୁଏ ତାହାହିଁ ବାହ୍ୟ ଦୁଃଖ ।

ଉପର୍ଯ୍ୟୁକ୍ତ ତିନିଗୋଟି ଦୁଃଖର ପ୍ରତିକ୍ରିୟା ସ୍ଥୂଳ ଶରୀରରେ ପ୍ରକାଶପାଇଲେ ତାହାକୁ ସ୍ଥୂଳଦୁଃଖ କୁହାଯାଏ । ସ୍ଥୂଳଦୁଃଖର ପ୍ରତିକ୍ରିୟା ବହିର୍ଭାଗରେ ଅର୍ଥାତ୍ ସ୍ଥୂଳ ଶରୀରରେ ବାକ୍ୟ ମାଧ୍ୟମରେ ଓ ଆଚାର ଆଚରଣରେ ପ୍ରକାଶ ପାଇଥାଏ ବୋଲି ଏହାକୁ ବାହ୍ୟଦୁଃଖ ବା ସ୍ଥୂଳଦୁଃଖ ବୋଲି କୁହାଯାଏ ।

ଅନ୍ତଃସ୍ଥ, ମାନସ ଓ ଯନ୍ତ୍ରଣା ଜନିତଦୁଃଖର ପ୍ରତିକ୍ରିୟା ଯେତେବେଳେ ମନକୁ ଅତିକ୍ରମ କରି ବହିର୍ପ୍ରକାଶ ହୁଏ, ତାହା ସମସ୍ତେ ଜାଣିବାକୁ ପାଆନ୍ତି । ଏହି ଦୁଃଖର ପ୍ରତିକ୍ରିୟା ସ୍ୱରୂପ ଜୀବ କାନ୍ଦେ, ବ୍ୟସ୍ତ ବିବ୍ରତ ହୁଏ, ଅତ୍ୟଧିକ ଦୁଃଖ ହେତୁ ତା'ର ବାକ୍ୟ ଶୈଳୀର ଓ ମୁଖମଣ୍ଡଳ ଆକୃତିର ଏବଂ ସ୍ୱରର ପରିବର୍ତ୍ତନ ହୁଏ । ସ୍ଥୂଳରେ ଏହା ପ୍ରକାଶ ପାଏ ବୋଲି ଏହାକୁ ସ୍ଥୂଳଦୁଃଖ ଆଖ୍ୟା ଦିଆଯାଇପାରେ ।

**ଦୁଃଖ ମୁଖ୍ୟତଃ ତିନିଗୋଟି କାରଣରୁ ଉତ୍ପନ୍ନ ହୋଇଥାଏ -**

(୧) ପ୍ରାରବ୍ଧ ଯୋଗ (୨) ଗ୍ରହ ଦୋଷ ବା ସଂଚିତ ଯୋଗ ଏବଂ (୩) କ୍ରିୟମାଣ ଯୋଗ ।

ଯେଉଁ ଗୃହୀତ ଫଳ ପ୍ରାଣୀ ପାଇଁ ନିର୍ଦ୍ଦିଷ୍ଟ ହୋଇଥାଏ, ତାହା ବିଧିନିର୍ଦ୍ଦିଷ୍ଟ ଫଳ । ଏହା ପ୍ରାଣୀଠାରେ ଯଥା ସମୟରେ ଫଳପ୍ରସୂ ହୋଇଥାଏ । ଏହି ନିର୍ଦ୍ଦିଷ୍ଟ ଫଳ ଜୀବର ଆୟତାଧୀନ ନୁହେଁ । ଯାହା ଘଟିବାର କଥା ତାହା ପ୍ରାଣୀର ଜୀବନକାଳ ମଧ୍ୟରେ ନିର୍ଦ୍ଦିଷ୍ଟ ସମୟରେ ଘଟିଥାଏ । ଏହାକୁ ପ୍ରାରବ୍ଧଯୋଗ କୁହାଯାଏ । ପ୍ରାଣୀ ଏହି ପ୍ରାରବ୍ଧ କର୍ମଫଳ ଅବଶ୍ୟ ଭୋଗକରେ । ଏହି ପ୍ରାରବ୍ଧ ଯୋଗରେ ପଡ଼ି ପ୍ରାଣୀ ରୋଗ, ଶୋକ, ଦୈବଦୁର୍ଘଟଣ, ଆପଦବିପଦ, ମିଳନବିଚ୍ଛେଦ ଓ ରାଜଦଣ୍ଡ ଇତ୍ୟାଦି ଭୋଗକରେ । ଯଦି ପ୍ରାରବ୍ଧ ସୁକୃତଥାଏ, ପ୍ରାଣୀ ତଦନୁରୂପ ଐଶ୍ୱର୍ଯ୍ୟମଧ ଭୋଗ କରେ । ଏହି ପ୍ରାରବ୍ଧ ଭୋଗ ପ୍ରାଣୀର ପଛେପଛେ ପ୍ରତି ମୁହୂର୍ତ୍ତରେ ଗୋଡ଼ାଇଥାଏ । ପ୍ରାରବ୍ଧଯାଗ ପ୍ରଧାନତଃ ତିନୋଟି କାରଣରୁ ଗୃହୀତ ହୋଇଥାଏ । (୧) ଜନ୍ମଜନ୍ମାନ୍ତର (୨) ଲକ୍ଷ୍ୟ ଓ (୩) ବାସନା ।

ସ୍ରଷ୍ଟା ଶକଟକ ମଣ୍ଡଳରେ ସ୍ଥୂଳଜଗତର ସୃଷ୍ଟି କରିଅଛନ୍ତି । କେଉଁ ଅନାଦି କାଳରୁ ଜୀବାତ୍ମା ବିଭିନ୍ନ ପର୍ଯ୍ୟାୟ ଅତିକ୍ରମ କରି ମନୁଷ୍ୟ ଶରୀର ଧାରଣ କରିଛି । ଜନ୍ମଜନ୍ମାନ୍ତର କର୍ମ ଓ ବାସନା ଗୁଡ଼ିକ ସଂଚିତ ହୋଇ ଇହଜନ୍ମରେ ପ୍ରାରବ୍ଧ ରୂପେ ଫଳ ପ୍ରସବ କରୁଅଛି । ଏହି ପ୍ରାରବ୍ଧ ଫଳ ମଧ୍ୟ ଜନ୍ମଜନ୍ମାନ୍ତର ଭୋଗକୁ ଅବଶିଷ୍ଟ ହୋଇ ରହିଯାଇଛି । ଜନ୍ମଜନ୍ମାନ୍ତର ବାଦରେ ଜୀବ ନାନାଦି ଯୋନିରେ ଜନ୍ମ ହୋଇ ଫଳ ଭୋଗ କରୁଛି । ଜନ୍ମମୃତ୍ୟୁ ଚକ୍ରରେ ଜୀବ ସଂସ୍କାରିତ ହେଉଛି । ଆତ୍ମାର ଉର୍ଦ୍ଧ୍ୱଗତି ହେଉଛି । ପ୍ରାଣୀ ଧର୍ମମାର୍ଗ ଅବଲମ୍ବନ କଲେ ଧିରେଧିରେ ଚେତନଶୀଳ ହୁଏ, ନିଜର ସ୍ୱରୂପକୁ ମଧ ଜାଣିପାରେ । କ୍ରମଶଃ ଜନ୍ମମୃତ୍ୟୁ ରୂପକୁ ଭ୍ରମ ବୋଲି ଉପଲବ୍ଧି ଓ ପ୍ରକୃତି ବନ୍ଧନରୁ ମୁକ୍ତ ହୋଇ ବ୍ରହ୍ମଲୋକରେ ବିଚରଣ କରେ ।

ଜୀବ ମଧ୍ୟସ୍ଥ 'ମୁଁ' ଓ ଇଚ୍ଛା ଯେତେବେଳେ ବିଷୟ ଆକର୍ଷଣରେ ଏକୀଭୂତ ହୁଅନ୍ତି, ସେତେବେଳେ ଲକ୍ଷ୍ୟ ନିର୍ଦ୍ଦିଷ୍ଟ ହୁଏ । ଆମ ଜୀବନର ଗତିକୁ ଠିକ୍ ସେହି ପର୍ଯ୍ୟନ୍ତ ଯେ ନେଇଯାଏ, ତାହାହିଁ ଲକ୍ଷ୍ୟ । ପ୍ରତ୍ୟେକ ଜୀବ ସତ୍ ବା ଅସତ୍ ବିଷୟକୁ ଆଶ୍ରୟ କରି ଗତିକରେ । ବିଷୟ ଚିରସ୍ଥାୟୀ ହୋଇ ନ ଥିବାରୁ ଅର୍ଥାତ୍ ପରିମାଣ ପ୍ରାପ୍ତି

ହୋଇଥିବାରୁ ବିଷୟ ପ୍ରତି ଥିବା ଲକ୍ଷ୍ୟ ମଧ୍ୟ ପରିବର୍ତ୍ତନଶୀଳ । ଜୀବନର ବିଭିନ୍ନ ଅବସ୍ଥାରେ ଲକ୍ଷ୍ୟ ମଧ୍ୟ ଭିନ୍ନଭିନ୍ନ ହୋଇଥାଏ । ଏହିପରି ଜୀବନରେ ଜୀବର ଲକ୍ଷ୍ୟ ଅନେକ ଥାଏ । ଏହି ଲକ୍ଷ୍ୟ ପ୍ରତ୍ୟେକେ ଏକ ଏକ ସ୍ପନ୍ଦନର ରୂପ । ପ୍ରତ୍ୟେକ ସ୍ପନ୍ଦନ ଚିତ୍ତଗୁହରେ ଗୋଟିଏ ଗୋଟିଏ ରେଖାପାତ କରେ । ଜୀବ ଯେଉଁ ଲକ୍ଷ୍ୟପ୍ରତି ବେଶୀ ଅନୁରକ୍ତ ହୋଇଥାଏ, ସେହି ସ୍ପନ୍ଦନ ଚିତ୍ତଗୁହରେ ସଂସ୍କାର ତୋଳେ । ଏ ସଂସ୍କାର ପ୍ରାରବ୍ଧ ଫଳର କାରଣ ହୋଇଥାଏ ।

ପ୍ରାଣୀର ଜୀବନକାଳରେ ଚିତ୍ତଗୁହରେ ରକ୍ଷିତହୋଇଥିବା ଲକ୍ଷ୍ୟଗୁଡ଼ିକର ରେଖାର ସମଷ୍ଟିକରଣରୁ ବାସନାର ସୃଷ୍ଟି । ଏହା ପ୍ରାଣୀ ପ୍ରାରବ୍ଧ କର୍ମଫଳ ରୂପେ ଭୋଗ କରେ । ପ୍ରତ୍ୟେକ ଲକ୍ଷ୍ୟର ସ୍ପନ୍ଦନ ଚିତ୍ତଗୁହରେ ରେଖାପାତ କରନ୍ତି । ଯେଉଁ ଲକ୍ଷ୍ୟ ନେଇ ଜୀବ ଜୀବନର ଅଧିକ ସମୟ ତଦନୁରୂପ କର୍ମରେ ବିତାଇ ଥାଏ, ତାହା ଜଗନ୍ନାଥ ଦାସଙ୍କର ଭାଗବତରେ ଅଛି -

''ଏଜୀବ ଜୀବ ଗଲାବେଳେ । ଯାହାକୁ ଦେଖିଥାଏ ଡୋଳେ ॥

ଭୟେ ଚିନ୍ତଇ ତା'ର ରୂପ । ଜନ୍ମଇ ଘେନି ସେହି ରୂପ ॥''

ପ୍ରାଣୀ ପ୍ରାରବ୍ଧ କର୍ମଫଳ ବ୍ୟତୀତ ଗ୍ରହ ନକ୍ଷତ୍ରାଦିର ଚଳନରୁ ମଧ୍ୟ କେତେକ ଶୁଭାଶୁଭ ଫଳଭୋଗ କରିଥାଏ । ପ୍ରତ୍ୟେକ ଗ୍ରହ ଓ ନକ୍ଷତ୍ରଠାରେ ସ୍ରଷ୍ଟାଙ୍କ ଦ୍ୱାରା ଶୁଭ ଓ ଅଶୁଭ ଫଳ ନିରୂପିତ ହୋଇ ରହିଛି । ଜୀବର କର୍ମସଂସ୍କାରକୁ କେନ୍ଦ୍ର କରି ଜନ୍ମମଣ୍ଡଳ ସହିତ ଗ୍ରହ ଓ ନକ୍ଷତ୍ର ସଂଲଗ୍ନ ଥାଆନ୍ତି । ଶିଶୁ ଜନ୍ମ ବେଳର ଜନ୍ମନକ୍ଷତ୍ର ଯୋଗ ନେଇ କେତେକ ରୋଗ ଓ ଶୁଭାଶୁଭ ଭୋଗକ୍ରିୟା ଗୁଡ଼ିକ ସ୍ଥୂଳରେ ପ୍ରକାଶ ପାଏ । ଗ୍ରହ ଦୋଷ ହେତୁ ଏହା ଘଟିଥାଏ । ଏହି ଗ୍ରହଦୋଷ ଫଳ ନବଗ୍ରହ ଓ ସତେଇଶ ନକ୍ଷତ୍ର ଚଳନରୁ ସୃଷ୍ଟିହୁଏ । ଜୀବଦଶା ମଧ୍ୟରେ ଏହାର ପ୍ରତ୍ୟକ୍ଷ ପ୍ରଭାବ ଜୀବ ଉପରେ ପଡ଼େ । ଏହି ଗ୍ରହଦୋଷ ରୂପକ ବିପ୍ଦାତରୁ ରକ୍ଷା ପାଇବାକୁ ହେଲେ ଗୁରୁ ଗ୍ରହଣ କରି ଗୁରୁ ନିର୍ଦ୍ଦେଶିତ ପଥରେ ସାଧନା କରିବା ଏକାନ୍ତ ପ୍ରୟୋଜନ ଏବଂ ଗ୍ରହ ଶାନ୍ତିର ବିଧାନ ଲୋଡ଼ା ହୋଇଥାଏ । ଏହି ଗ୍ରହଦୋଷ ତିନିଗୋଟି କାରଣରୁ ସୃଷ୍ଟି ହୋଇଥାଏ । ଯଥା : (୧) ସଂଯୋଗ ସମୟ (୨) ପିତାମାତାଙ୍କ ସଂସ୍କାର ଏବଂ (୩) ପିତାମାତାଙ୍କର ଭାବ ॥

ଯେଉଁ ତିଥି, ବାରନକ୍ଷତ୍ର ଓ ସମୟରେ ପିତାମାତା ଉଭୟେ ମିଳିତ ହୁଅନ୍ତି, ଏହି ସଂଯୋଗ ସମୟର ଗ୍ରହ ନକ୍ଷତ୍ର ଯୋଗର ପ୍ରଭାବ ଥାଏ । ଶିଶୁ ମାତୃ ଗର୍ଭରେ ବିନ୍ଦୁ ରୂପରେ ସ୍ଥାପିତ କାଳର ଗ୍ରହନକ୍ଷତ୍ର ଯୋଗରୁ ନିର୍ଦ୍ଦିଷ୍ଟ କର୍ମଫଳ ଗ୍ରହଣ କରିଥାଏ । ନବଗ୍ରହ ଓ ସତେଇଶ ନକ୍ଷତ୍ରର ପ୍ରଭାବରେ ଏହା କାର୍ଯ୍ୟକାରି ହୁଏ । ଗ୍ରହ ନକ୍ଷତ୍ର ଚଳନରେ କାଳବେଳା ନିରୂପିତ ହୁଏ । ଏହି କାଳବେଳା ଗ୍ରହ ନକ୍ଷତ୍ର ସଂଲଗ୍ନକୁ ନେଇ ଶିଶୁର ଚରିତ୍ର, ଭାବ, ଭୋଗକରିବାକୁ ଥିବା ରୋଗ, ଶୋକ, ଦୈବଦୁର୍ଘଟଣା ଆଦି ନିର୍ଦ୍ଧାରିତ ହୋଇଥାଏ । ଏ ସମସ୍ତ ଭୋଗଦଶା ଗ୍ରହ ଦୋଷାଦୋଷ ଯୋଗରୁ ଘଟିଥାଏ ।

ଗ୍ରହନକ୍ଷତ୍ର ଚଳନ ସହିତ ଜନ୍ମମଣ୍ଡଳ ସଂଲଗ୍ନ । ଜନ୍ମମଣ୍ଡଳ ବୋଇଲେ ଭୂତମଣ୍ଡଳ, ବାୟୁମଣ୍ଡଳ, ସୌର ମଣ୍ଡଳ, ପିତୃଯାନ ମଣ୍ଡଳ, ଦେବଯାନମଣ୍ଡଳ, ବ୍ରହ୍ମମଣ୍ଡଳ, ଜ୍ୟୋତିମଣ୍ଡଳ ଓ ପୃଥିବୀ ଉପରେ ଗ୍ରହନକ୍ଷତ୍ର ଚଳନରୁ ଯେତେବେଳେ ଯେଉଁ ଗ୍ରହ ଓ ନକ୍ଷତ୍ରର ପ୍ରଭାବ ଥାଏ, ସେତେବେଳେ ତଦନୁଯାୟୀ ଜନ୍ମମଣ୍ଡଳର ସଂଲଗ୍ନ ବଳବତ୍ତର ରହେ । ଏଣୁ ସଂଯୋଗ ସମୟରେ ଜାଗ୍ରତମଣ୍ଡଳରୁ ଆତ୍ମା (ଜୀବାତ୍ମା) ଆକର୍ଷିତ ହୋଇ ଜନନୀର ଜରାୟୁ

ମଧ୍ୟକୁ ପ୍ରବେଶ କାଳରେ ପୃଥିବୀ ଉପରେ ପ୍ରଭାବ ପକାଇଥିବା ଗ୍ରହ ଓ ନକ୍ଷତ୍ରର ଶୁଭ ଓ ଅଶୁଭ ଫଳକୁ ଗ୍ରହଣ କରି ଜୀବାତ୍ମା ଯେଉଁ ମଣ୍ଡଳରୁ ଆସିଥାଏ, ସ୍ୱତଃ ସେହି ମଣ୍ଡଳର ଜ୍ଞାନ, ପ୍ରଭାବ, ଚାରିତ୍ରିକ କଳା, ରୋଗ, ଶୋକ ଆଦି ଧରିରଖେ । ଏ ସମସ୍ତ ଫଳ ପିତାମାତାଙ୍କର ସଂଯୋଗ ଓ ବିନ୍ଦୁସ୍ଥାପନ ସମୟରୁ ଶିଶୁ (ଭ୍ରୂଣ)ଠାରେ ସୂକ୍ଷ୍ମକୋଷ (ବୀଜ) ଆକାରରେ ରହିଥାନ୍ତି । କାଳକ୍ରମେ ଏଗୁଡ଼ିକର ଭୋଗ ହୁଏ ।

ଜନ୍ମଜନ୍ମାନ୍ତର ବାଦରୁ ଲକ୍ଷ୍ୟ, ଲକ୍ଷ୍ୟରୁ ବାସନା ଏବଂ ବାସନାରୁ ସଂସ୍କାର ଜାତ ହୁଏ । ସଂସ୍କାର ସମୂହର ସମଷ୍ଟି କରଣରୁ ଚରିତ୍ରର ସୃଷ୍ଟି ହୋଇଥାଏ । ଏହି ଚରିତ୍ର ଉଭୟ ପିତାମାତାଙ୍କର ସଂଯୋଗରୁ ଶିଶୁଠାରେ କେତେକାଂଶରେ ପ୍ରକାଶ ପାଇଥାଏ । ଏହାକୁ ବଂଶଗୁଣ କୁହାଯାଏ । ଏତଦ୍ ବ୍ୟତିତ ପିତାମାତାଙ୍କର ସଂଯୋଗକାଳୀନ ନିଜନିଜ ସଂସ୍କାର ଜନିତ ଭାବର ପ୍ରଭାବ ମଧ୍ୟ ବିନ୍ଦୁସ୍ଥାପନ କାଳରେ ବିନ୍ଦୁ (ଭ୍ରୂଣ)ଠାରେ ଠୁଳ ହୋଇ ସୂକ୍ଷ୍ମ କୋଷ (ବୀଜ) ଆକାରରେ ଭ୍ରୂଣରେ ଗଚ୍ଛିତ ରହେ । ପିତାମାତାଙ୍କର ସଂଯୋଗକାଳୀନ ଭାବରୁକାମ ଭୋଗ ସମୟରେ ମିଳିତ ଅବସ୍ଥାରେ କୁଭାବ ବା ପବିତ୍ରଭାବ ମଧ୍ୟବିନ୍ଦୁ ଠାରେ ସ୍ଥିତ ହୁଏ । ଏଣୁ ଭାଗବତର ବାଣୀ :

''ପିତାମାତା ସଂଯୋଗ କାଳେ ।
ବିହି ଯା' ଲେଖିଲା କପାଳେ ॥''

ପୁଣି, ଆହୁରି ମଧ୍ୟ କୁହାଯାଏ : 'ପିତାମାତା ସୁକୃତରୁ ପୁତ୍ର ହୁଏ ସୁଖୀ ।' ବିହି ଭ୍ରୂଣର କପାଳରେ ବିନ୍ଦୁସ୍ଥାପନ ମୁହୂର୍ତ୍ତରେ ଯାହା ଲେଖିଦେଇ ଥାଆନ୍ତି, ତାହା ଶିଶୁ ଜନ୍ମଅବଧି ଆମରଣ ଭୋଗକରେ । ପ୍ରବଚନ ଅଛି 'କପାଳ ଲିଖନ, କେ' କରିବ ଆନ?' ମନେ ରଖିବାକୁ ହେବ ଯେ, ବିହି ଅର୍ଥ ଏଠାରେ ବହନ କରି ଆଣିବା । ଶିଶୁ ଭ୍ରୂଣ ରୂପରେ ମାତୃଗର୍ଭରେ ବିନ୍ଦୁସ୍ଥାପନ ମୁହୂର୍ତ୍ତ ପୂର୍ବରୁ ପୂର୍ବ ଜନ୍ମର ସଂସ୍କାର ଭାବରେ ଯେଉଁ ପ୍ରାରବ୍ଧ ସଂସ୍କାର ତୋଳି ଆଣିଥାଏ ଓ ବିନ୍ଦୁସ୍ଥାପନ କାଳରେ ଗ୍ରହନକ୍ଷତ୍ର ଚଳନରୁ ଜନ୍ମମଣ୍ଡଳର ସଂଲଗ୍ନ ଜନିତ ଯେଉଁ ଫଳ ଗ୍ରହଣ କରିଥାଏ ଓ ପିତାମାତାଙ୍କ ସଂଯୋଗକାଳୀନ ଭାବଦଶାରୁ ଯେଉଁ ବଂଶ ଗୁଣ ବହନ କରି ଆଣିଥାଏ ତାହାହିଁ ତା'ର କପାଳ ଲିଖନ ବୋଲି ବୁଝାଯାଏ । ଏହି କପାଳ ଲିଖନକୁ ଆନ ବା ପରିବର୍ତ୍ତନ କରିବାର ଶକ୍ତି କେବଳ ଗୁରୁଙ୍କଠାରେ ନିହିତ । ତେଣୁ ଗୁରୁ ଗ୍ରହଣ କରି ଗୁରୁପ୍ରଦର୍ଶିତ ପଥରେ ଜୀବନଚର୍ଯ୍ୟା ଅବ୍ୟାହତ ରଖିଲେ, ଭକ୍ତି, ନିଷ୍ଠା, ସେବା, ତ୍ୟାଗ ବଳରେ ଭାଗ୍ୟ ଓ କର୍ମ ମଧ୍ୟ ବଦଳି ଯାଇପାରେ ॥

ଶୃଙ୍ଗାର କ୍ରୀଡ଼ା ଏକ ପବିତ୍ର ଭାବ । ସୁନ୍ଦର, ସୁସ୍ଥ, ଚରିତ୍ରବାନ୍, ମେଧାବୀ ସନ୍ତାନ ଉତ୍ପାଦନ କରି ସମାଜକୁ ଉପହାର ଦେବା ନିମନ୍ତେ ବୈବାହିକ ଦାମ୍ପତ୍ୟ ଜୀବନରେ ଶୃଙ୍ଗାର ଓ ରତିକ୍ରୀଡ଼ାର ଗୁରୁତ୍ୱ ଅପ୍ରମିତ । ଏଥି ନିମନ୍ତେ ଗୁରୁଙ୍କର ଉପଦେଶ ବଚନ ଓ ଶାସ୍ତ୍ର ଉପଦେଶ ବାଣୀ ମାନିବାକୁ ହୁଏ । ସଂଯୋଗ ସମୟରେ ଉଭୟଙ୍କର ଭାବ ଯଦି ଏକ ବିନ୍ଦୁରେ ମିଳିତ ନହୁଏ, ତେବେ ରତିକ୍ରୀଡ଼ାରେ ତୃପ୍ତି ମିଳି ନ ଥାଏ । ଫଳତଃ ଏ ସମୟରେ ବିନ୍ଦୁସ୍ଥାପନ ହେଲେ ଶିଶୁ ବିକୃତ ଓ ବିକଳାଙ୍ଗ ଜନ୍ମ ହୁଏ । ଏହି ତୃପ୍ତି ଅତୃପ୍ତିର ଉନ୍ନତ ଓ ଅନୁନ୍ନତ ଭାବ ପୋଷଣକୁ ହିଁ ପିତାମାତାଙ୍କର ଭାବ କୁହାଯାଏ ।

କେବଳ କାମ ଭୋଗ ଆଶାର ପରିତୃପ୍ତି ପାଇଁ ପରସ୍ପର ସଂଯୋଗ ଓ ମିଳନରୁ ମୁଖ୍ୟତଃ କାମ ବାସନା ଚରିତାର୍ଥ ହୁଏ ସିନା, ମାତ୍ର ସୁସନ୍ତାନ ଲାଭ ସୁଦୂର ପରାହତ ହୁଏ । କାରଣ କେବଳ କାମଭାବ ପରସ୍ପରକୁ ଆକର୍ଷଣ କରୁଥିବା ବେଳେ ବିନ୍ଦୁସ୍ଥାପନ ହୋଇଥାଏ ଓ ଉନ୍ନତ ଭାବର ସ୍ଥାନ ମିଳନରେ ଆଦୌ ନ ଥାଏ । ପିତାମାତାଙ୍କର ସଂଯୋଗ କ୍ରିୟାବେଳେ ପବିତ୍ର ଉନ୍ନତ ଭାବ ପରସ୍ପରଠାରେ ଥିଲେ, ସୁସନ୍ତାନ ଜାତ ହୁଏ ଓ ଉନ୍ନତ

ଭାବର ଲକ୍ଷଣ ମାନ ଶିଶୁର ଜୀବନରେ ପ୍ରକାଶ ପାଇବାର ଇଚ୍ଛା ଗୃହୀତ ହୋଇଥାଏ । ବିନ୍ଦୁସ୍ଥାପନ ସମୟରେ ପିତୃଯାନ ମଣ୍ଡଳର ନକ୍ଷତ୍ର ଯୋଗ ଗ୍ରହ ସହିତ ସଂଯୋଗ କାଳରେ ଯଦି ପିତାମାତା ସଂଯୋଗ କ୍ରିୟାରେ ବ୍ରହ୍ମମଣ୍ଡଳ ଭାବ ପ୍ରକାଶ ପାଉଥାଏ, ତେବେ ଆତ୍ମା ବିନ୍ଦୁସ୍ଥିତ ହେବାପୂର୍ବରୁ ବ୍ରହ୍ମମଣ୍ଡଳ ସ୍ପର୍ଶ କରି ଜରାୟୁରେ ପ୍ରବେଶ କରେ । ଏହାଦ୍ୱାରା ସନ୍ତାନଠାରେ ପିତୃଯାନର ଭାବ ଅତୀବ ବ୍ରହ୍ମମଣ୍ଡଳର ଭାବ କିୟଦାଂଶ ପରିସ୍ଫୁଟ ହୋଇଥାଏ । କିନ୍ତୁ, ଅପବିତ୍ର ଅନୁନ୍ନତ କାମଭାବ ନେଇ ଓ ଗ୍ରହନକ୍ଷତ୍ର ଚଳନାଦିକୁ ଲକ୍ଷ୍ୟ ନ ଦେଇ ଆକସ୍ମିକ ମିଳନରୁ କଦାକାର, ବିକୃତ, ବିକଳାଙ୍ଗ ଶିଶୁ ବା ଚରିତ୍ରହୀନ, ବୁଦ୍ଧି ବିବେକହୀନ କଦାକାର ଭାବ ନେଇ ଅନୁନ୍ନତ ସ୍ୱଭାବର ଶିଶୁ ଜନ୍ମ ହୋଇଥାଏ ।

ଜୀବ ଧରାପୃଷ୍ଠରେ ଦୈନନ୍ଦିନ ଜୀବନଚର୍ଯ୍ୟାରେ ଯେଉଁସବୁ କର୍ମ କରିଚାଲେ, ତହିଁର ଫଳ ଏହି ଜନ୍ମରେ ନୂତନ ଭାବେ କ୍ରିୟମାଣ ରୂପରେ ଅବଶ୍ୟ ଭୋଗ କରେ । ଜୀବ ସାଂସାରିକ ଜୀବନରେ ବିଷୟର ଆକର୍ଷଣରୁ ଜାଣିଶୁଣି ଚତୁରତା ଭାବରୁ ଏ ପ୍ରକାର କର୍ମ କ୍ରମଶଃ ବଢ଼ାଇଚାଲେ । ଫଳରେ କର୍ମଧାରା ଜୀବର ଆୟତ ବାହାରକୁ ଚାଲିଯାଏ । ସେ ଏହାକୁ ଆଉ ନିୟନ୍ତ୍ରଣ କରିପାରେ ନାହିଁ । କଥାରେ ନାହିଁ, 'ଲାଉ ଚୋର, କଖାରୁ ଚୋର, ହେଉଁ ହେଉଁ ବଡ଼ା ଚୋର ।।' ଏ ପ୍ରକାର କର୍ମକୁ କ୍ରିୟମାଣ କର୍ମ କୁହାଯାଏ ଓ ଏହାର ଫଳକୁ କ୍ରିୟାମାଣ ଯୋଗ ଫଳ କୁହାଯାଏ । ଜୀବ ଉକ୍ତ କ୍ରିୟାମାଣ କର୍ମକୁ ଦୁଇଗୋଟି ପଥରେ କାର୍ଯ୍ୟକାରୀ କରି ଅଜ୍ଞାତରେ ଫଳଭୋଗ କରେ । ଗୋଟିଏ ବିଷୟ ପଥ ଏବଂ ଅନ୍ୟଟି ପୀୟୁଷ ପଥ । ବିଷୟ ପଥରେ କ୍ରିୟମାଣ କର୍ମ କରୁଥିବା ଜୀବ ଅନିତ୍ୟ ବିଷୟ ବାସନା ଚରିତାର୍ଥ କରିବାକୁ ଯାଇ ବିଷୟ ଭୋଗର ଆଶାରେ ଯୁକ୍ତ ହୁଏ ଓ କ୍ରମଶଃ ତାହା ଚତୁରତାର ସହ ବଢ଼ାଇବାକୁ ଲାଗେ। ଏ ପ୍ରକାର କର୍ମଫଳରୁ କ୍ରିୟମାଣ ଯୋଗଫଳ ସ୍ୱରୂପ ଅଶେଷ ଦୁଃଖ, ଶୋକ, ରୋଗ, ଯନ୍ତ୍ରଣା ଆଦି ଭୋଗ କରେ । ପୀୟୁଷ ପଥରେ ଗୁରୁଗ୍ରହଣ କରି ଗୁରୁ ନିର୍ଦ୍ଦେଶିତ ପଥରେ ଆତ୍ମପ୍ରକାଶ ଓ ଆତ୍ମୋନ୍ନୟନ ନିମନ୍ତେ ଆଦର୍ଶ ଲକ୍ଷ୍ୟରଖି ସାଧନା ଯୁକ୍ତ ହୁଏ ଓ କ୍ରମଶଃ ଧୀମଭାର ସହିତ ଏହାକୁ କ୍ରମବର୍ଦ୍ଧନଶୀଳ କରି ସେବା, ତ୍ୟାଗ, ନିଷ୍ଠା, ଭକ୍ତି, ପ୍ରେମ, ଆଦି ସ୍ୱର୍ଗୀୟ ଭାବ ତୋଳି ବ୍ରହ୍ମଉପଲବ୍ଧି ପଥରେ ପର୍ଯ୍ୟାୟକ୍ରମେ ଗୋଟିଏ ପରେ ଗୋଟିଏ ସୋପାନ ଆରୋହଣ କରି ଅଗ୍ରଗତି କରେ । ଏତାଦୃଶ କ୍ରିୟାମାଣ କର୍ମର ଫଳ ସ୍ୱରୂପ ସୁଖ, ଶାନ୍ତି, ଆନନ୍ଦ ଲାଭକରେ ।

ଏହିପରି ଭାବରେ ଦୁଃଖରୁ ସୁଖ, ସୁଖରୁ ଶାନ୍ତି, ଏବଂ ଶାନ୍ତିରୁ ଆନନ୍ଦ ଲାଭ କରାଯାଇପାରେ । କ୍ରିୟାମାଣ କର୍ମ ପୀୟୁଷ ପଥରେ ପରିଚାଳିତ ହେଲେ ଦୁଃଖ/ସୁଖର ବନ୍ଧନରୁ ମୁକ୍ତ ହୋଇ ଆନନ୍ଦ ଭାବରେ ଜୀବାତ୍ମା ଅବସ୍ଥାନ କରେ ।

# ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ

# ମୋହ

*ପ୍ରଭୁପାଦ ଗୁରୁସ୍ୱାମୀ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନ ସମ୍ବନ୍ଧରେ ଅଧିକରୁ ଅଧିକ ଜାଣିବା ନିମନ୍ତେ ବିଶ୍ୱ ବିଦ୍ୟାଳୟରୁ ଉଚ୍ଚଶିକ୍ଷା ପ୍ରାପ୍ତ ଯୁବକ ଯୁବତୀ /ପୌଢ଼ ପୌଢ଼ା ଏପରିକି ଅଧ୍ୟୟନରତ ଛାତ୍ର ଛାତ୍ରୀମାନଙ୍କର ଅଧିକରୁ ଅଧିକ ଆଗ୍ରହ ପ୍ରକାଶ ପାଉଛି । ଏହା ଏକ ଶୁଭ ଲକ୍ଷଣ । 'ଚରମ'ର ଆଧ୍ୟାତ୍ମିକ ବିପ୍ଳବରେ ଅଧିକରୁ ଅଧିକ ସଂଖ୍ୟାରେ ଯୋଗ ଦେଇ ସଂଯୋଗ ବଶତଃ ଶ୍ରୀ ପ୍ରଭୁଙ୍କର ଧର୍ମ ଦର୍ଶନ ଜାଣିବା ନିମନ୍ତେ ଅନୁସନ୍ଧିତ୍ସୁ ହେବା ନିଶ୍ଚିତ ଏକ ଶୁଭ ସଂକେତ । ଜିଜ୍ଞାସୁ, ଅନୁସନ୍ଧିତ୍ସୁ ବିଦ୍ୟାର୍ଥୀଗଣଙ୍କର ନିଷ୍ଠା ଓ ଆନ୍ତରିକତାରେ ପ୍ରୀତ ହୋଇ ଭକ୍ତବତ୍ସଳ ଭାବଗ୍ରାହୀ ଶ୍ରୀଶ୍ରୀଶ୍ରୀ ଠାକୁର 'ଚରମ' ପୃଷ୍ଠାରେ 'ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ' ଶୀର୍ଷକରେ 'ଚରମ'ର ତୃତୀୟ ସଂଖ୍ୟା (ପ୍ରଥମ ପୁଷ୍ପ:ତୃତୀୟ ପାଖୁଡ଼ା)ରୁ ଏ ଯାବତ୍ 'ମୋହ' ସମ୍ପର୍କରେ ଧାରାବାହିକ ଆଲୋଚନା ପତ୍ରସ୍ଥ ହୋଇ ଆସିବାର ସୁବ୍ୟବସ୍ଥା କରି ଦେଇଛନ୍ତି । ଏହା ନିୟମିତ ପରିବେଷିତ ହେଉଛି । ଏହି ପରିବେଷଣର ପୂର୍ବାନୁବୃତ୍ତିରୁ ଏଥର ଆସନ୍ତୁ ପଢ଼ିବା :*

## ସେବାସାତ୍ତ୍ୱିକ ମୋହ

**ଶିଷ୍ୟ ଉବାଚ :**

ସେବାସାତ୍ତ୍ୱିକ ମୋହ ପୁଣି । ଦ୍ୱିତୀୟେ କୁହନ୍ତୁ ହେ ଶୁଣି ॥

ପ୍ରଥମେ ଦ୍ରବ୍ୟସାତ୍ତ୍ୱିକ ମୋହ ସମ୍ବନ୍ଧରେ ଜାଣିବା ପରେ ଦ୍ୱିତୀୟରେ ସେବାସାତ୍ତ୍ୱିକ ମୋହ ସଂପର୍କରେ ଜାଣିବା ନିମନ୍ତେ ଜିଜ୍ଞାସୁ ଶିଷ୍ୟ ଶ୍ରୀଗୁରୁସ୍ୱାମୀଙ୍କ ସନିଧାନରେ ବିନୟ ପୂର୍ବକ ଯୋଡ଼ ହସ୍ତରେ ପ୍ରାର୍ଥନା କରନ୍ତି । ପ୍ରିୟ ଜ୍ଞାନୀ ପୁତ୍ରର ଏତାଦୃଶ ସବିନୟ ପ୍ରାର୍ଥନାରେ ପ୍ରଭୁ ସନ୍ତୁଷ୍ଟ ହୋଇ କହନ୍ତି :

**ଶ୍ରୀଗୁରୁସ୍ୱାମୀ ଉବାଚ :**

ଯେ ବସ ଗୁରୁଙ୍କ ସେବାର । ସୁଉଚ୍ଚେ ତୋଳେ ନିଜ ସ୍ୱର ॥
ସେବକ ପଣେ ନାମ ବହି । ଅନ୍ୟେ ବଖାଣି କହୁଥାଇ ॥
ସେବାର ଉପକରଣଟି । ଉପଚାରରେ ନ ଲାଗେଟି ॥
ଯଥା ସମୟେ ଯଥା ସେବା । ନ କରି, ମନମୁଖୀ ଅବା ॥
ହୁଅଇଁ ସେବକ ଯେ ଶିଷ୍ୟ । ସେବାସାତ୍ତ୍ୱିକ ମୋହ ବଶ ॥

କେତେକ ଶିଷ୍ୟ ଓ ସେବକ ଗୁରୁସେବାର ଉଚ୍ଚସ୍ୱର ତୋଳି ନିଜକୁ ସେବକ ପଣରେ ପ୍ରତିଷ୍ଠିତ କରି, ସେବକର ନାମ ବହି ଅନ୍ୟ ଶିଷ୍ୟମାନଙ୍କୁ ବଖାଣି ନାନା କଥା କହୁଥାଆନ୍ତି । ମାତ୍ର ନିଜେ ଶ୍ରୀଗୁରୁସ୍ୱାମୀଙ୍କର

ସେବା ନୀତି ନିଷ୍ଠାରେ ପାଳନ ନ କରି ମନ ମୁଖୀ ସେବା ଦାନ କରନ୍ତି । ଶ୍ରୀଗୁରୁଙ୍କ ସେବା ପରିଚର୍ଯ୍ୟା ନିମନ୍ତେ ନାନାଦି ଉପକରଣମାନ ସଂଗ୍ରହ କରି ରଖନ୍ତି, ମାତ୍ର ସେସବୁ ଉପକରଣ ଗୁରୁଙ୍କର ସ୍ଥୂଳ ସେବା ଉପଚାରରେ ଯଥାରୀତି ଯଥା ସମୟରେ ଲଗାନ୍ତି ନାହିଁ । ଶ୍ରୀଗୁରୁସ୍ୱାମୀଙ୍କର ରୁଚି, ଇଚ୍ଛା, ଆବଶ୍ୟକତା ପ୍ରତି ସାମାନ୍ୟତମ ଧ୍ୟାନ ବା ଲକ୍ଷ୍ୟ ନ ଦେଇ ମନମୁଖୀ ଭାବରେ ଆପଣା ରୁଚି, ଇଚ୍ଛା ଏବଂ ସୁବିଧା ଅନୁସାରେ ଗୁରୁଙ୍କର ସେବା ପରିଚର୍ଯ୍ୟା ସଂପାଦନ କରିଥାଆନ୍ତି । ଏତାଦୃଶ ମନମୁଖୀ ସେବା କରୁଥିବା ଶିଷ୍ୟ ବା ସେବକ ସେବାସାତ୍ତ୍ୱିକ ମୋହ ବଶରୁ ଏପରି କରିଥାଆନ୍ତି । ଏହି ସେବାସାତ୍ତ୍ୱିକ ମୋହ ଗୁର୍ବାଗଂଜନ ମୋହର ଦ୍ୱିତୀୟ ପ୍ରକରଣ ଅଟେ ।

ସମାଜରେ ଏପରି କେତେକ ସେବକ ଶିଷ୍ୟ ଅଛନ୍ତି ଯେଉଁମାନେ ଗୁରୁଦେବଙ୍କର ସେବା ନିମନ୍ତେ ଉପକରଣମାନ ସଂଗ୍ରହ କରନ୍ତି, ମାତ୍ର ସେସବୁ ଉପକରଣ ସାଇତି ରଖି ବାରମ୍ବାର ଦେଖିବାକୁ ଭଲ ପାଆନ୍ତି । ଦ୍ରବ୍ୟସାତ୍ତ୍ୱିକ ମୋହ ହେତୁ ଗୁରୁଙ୍କ ସେବା ଉପକରଣମାନଙ୍କରେ ସେମାନଙ୍କର ଅନ୍ତଃକରଣରେ ସୂକ୍ଷ୍ମ ଆସକ୍ତିଭାବ ସୃଷ୍ଟି ହୁଏ । ତେଣୁ ସେମାନେ ଦ୍ରବ୍ୟାସକ୍ତି ଫଳରୁ ଅକୁଣ୍ଠିତ ଚିତ୍ତରେ ତାହା ଗୁରୁଙ୍କର ବ୍ୟବହାର ନିମନ୍ତେ ଯଥା ସମୟରେ ପ୍ରଦାନ କରିପାରନ୍ତି ନାହିଁ । ଅତି ଆବଶ୍ୟକ ପଡ଼ିଲେ କୁଣ୍ଠିତ ହୋଇ ବଡ଼ କଷ୍ଟରେ ସେମାନେ ତାହା ଗୁରୁଙ୍କ ସେବାରେ ଲଗାଇଥାଆନ୍ତି । ନିଜର ଖିଆଲ ଖୁସିରେ ବା ଆପଣାର ଇଚ୍ଛା, ରୁଚି ଓ ସୁବିଧା ଅନୁସାରେ ଏପରି ମନୋଭାବ ସମ୍ପନ୍ନ ସେବକ ଶିଷ୍ୟମାନେ ଆପଣାର ଅଜ୍ଞାତସାରରେ ସେବାସାତ୍ତ୍ୱିକ ମୋହର ବଶୀଭୂତ ହୋଇ ଯାଆନ୍ତି । ସେମାନେ ସାଧାରଣତଃ ଗୁରୁଙ୍କର ପୂଜାଦ୍ରବ୍ୟର ଲୋଭ ତ୍ୟାଗ କରିପାରି ନ ଥାଆନ୍ତି । ଫଳତଃ ବିଧି ବିଧାନ ଲଂଘନ କରି ମନମୁଖୀ ହୋଇଯାଆନ୍ତି । ସେମାନେ ଇହଜନ୍ମରେ ଗୁରୁଙ୍କ କୃପା ବା ଭଗବଦ୍ କରୁଣା ପ୍ରାପ୍ତିରୁ ବଞ୍ଚିତ ହୁଅନ୍ତି ଏବଂ ପରବର୍ତ୍ତୀ ଜନ୍ମରେ ପଶୁଯୋନିରେ ଜନ୍ମ ନିଅନ୍ତି । ଏହାହିଁ ସଂକ୍ଷେପରେ ସେବାସାତ୍ତ୍ୱିକ ମୋହର ପ୍ରକରଣ । ବିଭିନ୍ନ ଉଦାହରଣ ଦେଇ ଏହି ସେବାସାତ୍ତ୍ୱିକ ମୋହର ବ୍ୟାଖ୍ୟାକୁ ସୁନ୍ଦର ଓ ସୁବିସ୍ତୃତ କରାଯାଇପାରେ । ଏତଦ୍ ବ୍ୟତୀତ ବିଭିନ୍ନ ଶିଷ୍ୟ, ଭକ୍ତ, ସେବକ ଅନୁଗତମାନଙ୍କର ଦୈନନ୍ଦିନ ଆଚରଣ ଓ ସେବାବିଧିର ଅଭ୍ୟାସକୁ ଲକ୍ଷ୍ୟ କଲେ ମଧ୍ୟ ଏହାର ଯଥେଷ୍ଟ ଦୃଷ୍ଟାନ୍ତ ମିଳିପାରେ ।

## କୃତିସାତ୍ତ୍ୱିକ ମୋହ

**ଶିଷ୍ୟ ଉବାଚ :**

ଦିଅ ହେ ପ୍ରଭୁ, ଭାବଗ୍ରାହୀ । କୃତି ସାତ୍ତ୍ୱିକ ମୋହ କହି ।।

କୃତି ସାତ୍ତ୍ୱିକ ମୋହ ସମ୍ବନ୍ଧରେ ଜାଣିବା ନିମନ୍ତେ ଶିଷ୍ୟ ଶ୍ରୀଶ୍ରୀ ଗୁରୁସ୍ୱାମୀଙ୍କ ଶ୍ରୀପଦ୍ମପାଦରେ ସବିନୟ ପ୍ରାର୍ଥନା କରନ୍ତେ, ଭାବଗ୍ରାହୀ କରୁଣାସାଗର ପ୍ରଭୁ ଶିଷ୍ୟର ମନସ୍କାମନା ପୂର୍ଣ୍ଣକରି କହନ୍ତି ।

**ଶ୍ରୀଗୁରୁସ୍ୱାମୀ ଉବାଚ :**

କୃତି ବା ଯଶ କାମନାରେ । କେତେକ ଲିପ୍ତ ସାଧନାରେ ।।
ପ୍ରତ୍ୟେକ୍ଷ ଅନୁଭୂତି ନାହିଁ । ଗୁରୁଜ୍ଞାନକୁ ନିଜ ପାଇଁ ।।
ଆପଣା ନାମରେ ଭଣିତା । କରନ୍ତି ଯେଉଁ ରଚୟିତା ।।
ଆପଣା କୃତିର ପ୍ରଚାର । କରନ୍ତି ଆପଣା ନାମର ।।
କୃତି ସାତ୍ତ୍ୱିକ ମୋହ ବଶେ । ବଦ୍ଧ ଆପଣା ଜନ୍ମ ନାଶେ ।।


ତମମାନଙ୍କ ମଧ୍ୟରୁ ଅଧିକ ସଂଖ୍ୟକ ସାଧକ ଅସଲ ଧାରା ଓ କର୍ମଯୋଗ ସାଧନାରେ ମନଧ୍ୟାନ ନ ଦେଇ ଅଧିକ ମାତ୍ରାରେ ଆପଣାର କୃତିତ୍ୱ, ଯଶ, ଖ୍ୟାତି, ପ୍ରଶଂସା ଓ ନାମ ଇତ୍ୟାଦି ଲାଭ କରିବା ନିମନ୍ତେ ଏତେ ବେଶୀ ଲିପ୍ତ ଓ ଆସକ୍ତ ହୋଇ ପଡ଼ିଛ ଯେ, ସତେ ଯେପରି ଗୁରୁଦ୍ୱାରରେ ଏହି ଅଳୀକ ଆତ୍ମପ୍ରଶଂସା ଲାଭହିଁ ତମର ସାଧନାରେ ପରିଣତ ହୋଇଯାଇଛି । ପ୍ରତ୍ୟକ୍ଷ ଅନୁଭୂତି ନ ଥିଲେ ମଧ୍ୟ କେତେକ ଶିଷ୍ୟ ଗୁରୁଙ୍କଠାରୁ ପ୍ରାପ୍ତ ଜ୍ଞାନକୁ ପ୍ରବଚନ ମାଧ୍ୟମରେ ଅନ୍ୟମାନଙ୍କ ଆଗରେ ଆପଣାର କ୍ଷରିତ ଜ୍ଞାନ ବୋଲି କହି ନିଜ ନାମରେ ଭଣିତା କରି ନାନାଦି ଗଦ୍ୟ, ପଦ୍ୟ ଆଦି ରଚନା କରି ଆତ୍ମ ପ୍ରତିଷ୍ଠାର ଅଳୀକ ନିଶାରେ ଆସକ୍ତ ହେଉଛନ୍ତି । ଶ୍ରୀଗୁରୁଙ୍କ ଶ୍ରୀଚରଣପଙ୍କଜରେ ଶରଣ ପଶି ଆଶ୍ରୟ ଲାଭ କରି ଗୁରୁଙ୍କ ମହିମା ପ୍ରଚାର, ପ୍ରସାର ଓ ପ୍ରତିଷ୍ଠା କରିବାକୁ ପାଶୋରିଯାଇ ଆତ୍ମପ୍ରଶଂସା ଓ ଆତ୍ମପ୍ରତିଷ୍ଠାରେ ମୋହଗ୍ରସ୍ତ ହୋଇପଡୁଛନ୍ତି ।

ତମମାନଙ୍କର ଏତାଦୃଶ କର୍ମଧାରାକୁ ବିଶ୍ଳେଷଣ କଲେ, ତମେ ନିଜେହିଁ ବୁଝିପାରିବ ଯେ, ଏହା କୃତି ସାତ୍ତ୍ୱିକ ମୋହ ବଶରୁ ସଂଗଠିତ ହେଉଅଛି । କୃତିସାତ୍ତ୍ୱିକ ମୋହଗ୍ରସ୍ତ ବ୍ୟକ୍ତି ସର୍ବଦା ଆପଣାର କୃତିତ୍ୱ ଓ ନାମଯଶ ନିଜ ମୁହଁରେ ଅନ୍ୟମାନଙ୍କ ଆଗରେ ବାରମ୍ବାର ପ୍ରଚାର କରି ନିଜକୁ ଅନ୍ୟ ସମସ୍ତ ଶିଷ୍ୟ (ଗୁରୁ ଭାଇ ଭଉଣୀ)ଙ୍କ ଠାରୁ ନିଜକୁ ବଡ଼ ବୋଲି ଆରୋପ କରେ ଏବଂ ନିଜ ପାଇଁ ଅନ୍ୟମାନଙ୍କଠାରୁ ପ୍ରଶଂସା ଦାବି କରେ । ଗୁରୁଙ୍କ ଶ୍ରୀମୁଖରୁ ଶୁଣିଥିବା ବାକ୍ୟ, ତତ୍ତ୍ୱ ଓ ଶାସ୍ତ୍ରାନୁଶୀଳନ ଓ ବ୍ୟାଖ୍ୟାକୁ ନିଜର ଜ୍ଞାନ ବୋଲି ପ୍ରଚାର କରି ନିଜକୁ ଜଣେ ଅଦ୍ୱିତୀୟ ଶ୍ରେଷ୍ଠଜ୍ଞାନୀ ବୋଲି ଅଭିମାନ କରେ । ଗୁରୁଙ୍କଠାରୁ ଜ୍ଞାନଚର୍ଚ୍ଚା ଶୁଣି ତାହା ମନେ ରଖିଥାଏ ସତ, ମାତ୍ର ନିଜେ ନିଜର ବାସ୍ତବ କର୍ମ ଓ ଜୀବନ ଚର୍ଯ୍ୟାରେ ଅଭ୍ୟାସ ନ କରି ଅନ୍ୟମାନଙ୍କୁ କହି ନିଜର ପାଣ୍ଡିତ୍ୟ ଦେଖେଇହୁଏ । ପ୍ରତ୍ୟକ୍ଷ ସୂକ୍ଷ୍ମାନୁଭୂତି ନ ଥାଇ ଗୁରୁବାକ୍ୟକୁ ଗୁରୁଙ୍କ ନାମରେ ନ କହି ନିଜ ନାମରେ କହି ଅନ୍ୟମାନଙ୍କଠାରୁ ନିଜକୁ ଭକ୍ତ ତାଲିକାର ଶୀର୍ଷରେ ରଖି ଆମୋଦିତ ହୁଏ । ଏତଦ୍ୱାରା ଗୁରୁଙ୍କୁ ସମ୍ମୁଖରେ ନ ରଖି ପ୍ରଚ୍ଛନ୍ନରେ ରଖିଦିଏ ଓ ନିଜକୁ ନିଜେ ଆପଣା ତୁଣ୍ଡରେ ବଡ଼ ବୋଲି କହିବୁଲେ । ଏମାନେ ନିଜକୁ ଯେତେ ବଡ଼ ଜ୍ଞାନୀ ବୋଲି ପ୍ରଚାର କଲେ ମଧ୍ୟ କୃତିସାତ୍ତ୍ୱିକ ମୋହ ବଶରୁ ଆପଣାର ଇହ ଜନ୍ମକୁ ନଷ୍ଟ ଭ୍ରଷ୍ଟ କରି ନରକ ଯନ୍ତ୍ରଣା, ନାନାଦି ଲାଞ୍ଛନା, ଅପମାନ, ଅପଯଶ ଅପକୀର୍ତ୍ତି ଇତ୍ୟାଦି ଜୀବନକାଳରେ ଭୋଗ କରନ୍ତି । ଚରମରେ ତା'ର ଆତ୍ମା ନରକଗତି ଲାଭକରେ । ନରକଗାମୀ ହୋଇ ସେ ବହୁ ଯମଯନ୍ତ୍ରଣା ଭୋଗେ । ଜୀବଦ୍ଦଶାରେ ସାଧନା ସାଧନ କରିପାରେ ନାହିଁ କି ସିଦ୍ଧି ମଧ୍ୟ ଲାଭ କରିପାରେ ନାହିଁ । ତେଣୁ, ତମେମାନେ କସ୍ମିନକାଳେ ଗୁର୍ବାଗଂଜନ ମୋହାବିଷ୍ଟ ନ ହୋଇ ପରମାର୍ଥ ପ୍ରାପ୍ତି ନିମନ୍ତେ ପ୍ରତ୍ୟହ ପ୍ରତି ମୁହୂର୍ତ୍ତରେ ଆତ୍ମସମୀକ୍ଷା କରି ଆଚରଣ ଶୁଦ୍ଧ ହେବା ଉଚିତ୍ ।



# ରହସ୍ୟ

## ସମ୍ଭବାମି ଯୁଗେ ଯୁଗେ



### ଜନନୀ ଜଠର ଜରାୟୁ

*ଶରୀର ଏକ ସମୁଦ୍ର । ସୃଷ୍ଟିର ଆରମ୍ଭରୁ ଅଦ୍ୟାବଧି ଏ ସମୁଦ୍ର ମନ୍ଥନ କରି ସମସ୍ତ ରହସ୍ୟ ଭେଦ କରିବା କାହାରି ଦ୍ୱାରା ସମ୍ଭବ ହୋଇନାହିଁ । ହୁଅନ୍ତା ବା କିପରି ? ସ୍ରଷ୍ଟା ଯେ ଏକ ବିଚିତ୍ର କର୍ମା । ତାଙ୍କର ଏ ଅବୋଧ ରହସ୍ୟ କେବଳ ତାଙ୍କୁ ହିଁ ଜଣା । ଆଜି ଏ ଯୁଗ ସନ୍ଧିରେ ସେ ପରମ କାରୁଣିକ ନିଜେ ତାଙ୍କର ମର୍ତ୍ତ୍ୟାବତରଣ ଅନୁଭୂତି ଛଳରେ ପର୍ଯ୍ୟାୟ କ୍ରମେ ଉନ୍ମୋଚନ କରି ଚାଲିଛନ୍ତି ଯୁଗଯୁଗ ଧରି ଅମିମାଂସିତ ରହିଥିବା ଏହି ଅଗମ୍ୟ ରହସ୍ୟକୁ । ସେହି ଦିବ୍ୟାନୁଭୂତିକୁ ଧରାପୃଷ୍ଠରେ ବିଛାଡ଼ି ଦେବାର ଗୁରୁଦାୟିତ୍ୱ ବହନ କରି ଚାଲିଛି ଏହି ସ୍ତମ୍ଭ......*

## ପୂର୍ବାନୁଶ୍ରୁତି : 'ଚରମ' ତୃତୀୟ ପୁଷ୍ପ : ପଞ୍ଚମ ପାଖୁଡ଼ା : ଦ୍ୱାଦଶ ସଂଖ୍ୟାରୁ -

### (୩୬) ନାଦଗର୍ଦ୍ଦଣ କୋଷ -

କିନ୍ତୁ ଯଦି ଉପଯୁକ୍ତ ସମୟରେ ସୁଚିକିତ୍ସା କରାଯାଇପାରେ ତେବେ ଅଳ୍ପାୟୁ ଜନିତ ଅଘଟଣରୁ ରକ୍ଷା ମିଳି ପୂର୍ଣ୍ଣ ଆୟୁ ଭୋଗ ପର୍ଯ୍ୟନ୍ତ ସାମର୍ଥ୍ୟ ଯୋଗାଇଥାଏ । ବ୍ରହ୍ମ ସାଯୁଜ୍ୟ ଲାଭ, ବ୍ରହ୍ମ ଆଶୀର୍ବାଦ ଲାଭ ପାଇଁ ମଧ୍ୟ ଏହି କୋଷ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଏହାରି ସାହାଯ୍ୟରେ ଜୀବକୁ ଦୁଇଟି ମାଧ୍ୟମରେ ଆଶୀର୍ବାଦ ପ୍ରାପ୍ତ ହୋଇଥାଏ । ଯଥା - ୧. ପ୍ରତ୍ୟକ୍ଷ ଆଶୀର୍ବାଦ, ୨. ପରୋକ୍ଷ ଆଶୀର୍ବାଦ ।

**୧. ପ୍ରତ୍ୟକ୍ଷ ଆଶୀର୍ବାଦ :-** ଯୋଗୀ, ମୁନି, ସିଦ୍ଧ ସାଧକମାନେ ପ୍ରତ୍ୟକ୍ଷ ଆଶୀର୍ବାଦ ପ୍ରାପ୍ତ । ଏହି କୋଷର ପ୍ରଭାବରେ ସେମାନେ ସିଦ୍ଧ ହୋଇ ସଂସାରର ଯାବତୀୟ ବିଷୟା ଜନିତ ଯନ୍ତ୍ରଣାରୁ ମୁକ୍ତ ହୋଇଥାନ୍ତି । ରୋଗ, ଶୋକ, ବ୍ୟାଧି ସେମାନଙ୍କୁ ସ୍ପର୍ଶ କରି ପାରେ ନାହିଁ । ଯଦି ବା କେତେବେଳେ ରୋଗର ସମ୍ମୁଖୀନ ହୁଅନ୍ତି, ତେବେ ଏହି କୋଷର ସିଦ୍ଧ ପ୍ରକ୍ରିୟା ମାଧ୍ୟମରେ ଅକ୍ଳେଶରେ ସେଗୁଡ଼ିକୁ ଧ୍ୱଂସ କରିଥାଆନ୍ତି । କୌଣସି ବାହ୍ୟ ଔଷଧ ବ୍ୟବହାର ନ କରି କେବଳ ସାଧନଲବ୍ଧ ଆଶୀର୍ବାଦକୁ ହିଁ ସମ୍ବଳ ଭାବେ ଗ୍ରହଣ କରିଥାଆନ୍ତି । ଫଳରେ ପୂର୍ଣ୍ଣଆୟୁ ଭୋଗ କରିବାରେ ସେମାନଙ୍କର କୌଣସି ବାଧା ରହେ ନାହିଁ ।

ଅନେକ ଉଦ୍ଭିଦ ମଧ୍ୟ ଏହି ପର୍ଯ୍ୟାୟରେ ଥାଆନ୍ତି । ଯଥା : ଚାକୁଣ୍ଡା, ଓଉ, ଶାଳ, ପିଆଶାଳ, କୁରୁମ, ବର, ଓସ୍ତ ଏବଂ ଏହିପରି ଅନେକ ବୃକ୍ଷ । ଯେଉଁମାନଙ୍କ ପାଇଁ କେହି କୌଣସି ଯତ୍ନ ନିଏ ନାହିଁ । ପ୍ରକୃତିର ସମସ୍ତ ପ୍ରତିକୂଳତା ସତ୍ତ୍ୱେ ଏମାନେ ତିଷ୍ଠି ପାରନ୍ତି । ଏମାନଙ୍କର ଏହି କୋଷ ଏପରି ଏକ ସ୍ୱତନ୍ତ୍ରତା ବହନ କରିଥାଏ ଯେ, ବିନା ଆଶ୍ରୟରେ ଏମାନେ ବଂଚି ରହି ପାରନ୍ତି । କିନ୍ତୁ ଅଧିକ ଶକ୍ତିମନ୍ତ କୋଷ ଧାରଣ କରିଥିବା ଜୀବର ଆଘାତରୁ

ନିଜକୁ ରକ୍ଷା କରିବାର କ୍ଷମତା ଏମାନଙ୍କ ଭିତରେ ଥିବା କୋଷର ନ ଥାଏ । ଉଦାହରଣ ସ୍ୱରୂପ ଯଦି କେହି କୌଣସି ଅସ୍ତ୍ର ସାହାଯ୍ୟରେ ହେଉ ବା ନିଜର ସାମର୍ଥ୍ୟ ଅନୁସାରେ ହେଉ ଏଗୁଡ଼ିକୁ କାଟି ପକାନ୍ତି ବା ଭାଙ୍ଗି ଦିଅନ୍ତି ସେ ବିପର୍ଯ୍ୟୟରୁ ନିଜକୁ ରକ୍ଷା କରିବାର କ୍ଷମତା ଏମାନଙ୍କର ନ ଥାଏ । ତେଣୁ ଏମାନେ ବ୍ରହ୍ମଙ୍କର ପ୍ରତ୍ୟକ୍ଷ ଆଶୀର୍ବାଦ ଶ୍ରେଣୀଭୁକ୍ତ ହୋଇଥିଲେ ହେଁ ଏମାନଙ୍କର ଏହି ନାଦ ଗର୍ଦ୍ଦଣ କୋଷ ସେତେଟା ପରିପୁଷ୍ଟ ହୋଇ ନଥାଏ । ମାତ୍ର ଯୋଗୀମାନଙ୍କର ଏହି ପ୍ରତିରୋଧ ଶକ୍ତି ଥାଏ । କାରଣ ସେମାନଙ୍କର ନାଦଗର୍ଦ୍ଦଣ କୋଷ ସେହି ଅବସ୍ଥାରେ ପହଁଚି ଯାଇଥାଏ ।

ଜଙ୍ଗଲରେ ଘୁରି ବୁଲୁଥିବା ଜନ୍ତୁ ଯଥା - ବାଘ, ଭାଲୁ, ସିଂହ, ହାତୀ ଇତ୍ୟାଦି ସେମାନଙ୍କର ଜୀବନ ଧାରଣ ତଥା ବଂଚି ରହବା ପାଇଁ ଅନ୍ୟ କାହାରି ସାହାଯ୍ୟ ଉପରେ ନିର୍ଭର କରନ୍ତ ନାହିଁ । କାରଣ ସେମାନଙ୍କର ଏହି କୋଷ ପ୍ରତ୍ୟକ୍ଷ ଆଶୀର୍ବାଦ କରାଇ ସ୍ୱାବଲମ୍ବୀ କରାଇବାରେ ସାହାଯ୍ୟ କରେ । କିନ୍ତୁ ଠିକ୍ ପୂର୍ବପରି ଯଦି କେହି ପରୋକ୍ଷ ହେଉ ବା ପ୍ରତ୍ୟକ୍ଷ ହେଉ ସେମାନଙ୍କୁ ପ୍ରଚଣ୍ଡ ଆଘାତ କରେ ଏବଂ ସେଇ ଆଘାତକୁ ସହ୍ୟ କରିବା ପାଇଁ ସେମାନଙ୍କର ଏହି ନାଦଗର୍ଦ୍ଦଣ କୋଷ ପର୍ଯ୍ୟାପ୍ତ ହୋଇ ନ ଥାଏ, ତେବେ ଅକାଳ ମୃତ୍ୟୁକୁ ଏମାନେ ଆଡ଼େଇ ପାରନ୍ତି ନାହିଁ ।

ପ୍ରତ୍ୟେକ ପକ୍ଷୀ ମଧ୍ୟ ଏହି ଆଂଶିକ ପ୍ରତ୍ୟକ୍ଷ ଆଶୀର୍ବାଦ ପର୍ଯ୍ୟାୟଭୁକ୍ତ । ସେମାନଙ୍କର ଏହି କୋଷ ମଧ୍ୟ ଠିକ୍ ପୂର୍ବବର୍ଣ୍ଣିତ ଉଦ୍ଭିଦ ଓ ଜନ୍ତୁମାନଙ୍କ ପରି ହୋଇଥାଏ । ତେଣୁ ନିଜର ବଂଚି ରହିବା ପାଇଁ ଅନ୍ୟର ଆବଶ୍ୟକତା ନ ଥିଲେ ମଧ୍ୟ ଜୀବନର ପ୍ରତିରୋଧ ଶକ୍ତି ଧାରଣ କରିବା ପାଇଁ ଏମାନଙ୍କର ନାଦଗର୍ଦ୍ଦଣ କୋଷ ଯଥେଷ୍ଟ ଶକ୍ତି ସଂଚୟ କରାଇ ପାରେ ନାହିଁ ।

**୨. ପରୋକ୍ଷ ଆଶୀର୍ବାଦ :**

ଯୋଗୀ ତଥା ଉପର ଲିଖିତ ଜୀବଙ୍କର କେତୋଟି ପର୍ଯ୍ୟାୟକୁ ଛାଡ଼ି ଦେଲେ ଏ ସୃଷ୍ଟିର ଅନ୍ୟ ସମସ୍ତ ଜୀବ ପରୋକ୍ଷ ଆଶୀର୍ବାଦଯୁକ୍ତ ହୋଇଥାନ୍ତି । ଜନ୍ମ ମାତ୍ରେ ପ୍ରତ୍ୟେକ ଜୀବ - ମାନବ, ପଶୁ, ପକ୍ଷୀ, କୀଟ, ପତଙ୍ଗ, ଉଦ୍ଭିଦ, ବୃକ୍ଷ, ଲତା ପାଇଁ ସ୍ରଷ୍ଟା ଏକ ଆୟୁ ସୀମା ନିର୍ଦ୍ଧାରଣ କରିଥାଆନ୍ତି । କିନ୍ତୁ ଏହି ଲକ୍ଷ୍ୟ ସ୍ଥଳରେ ପହଁଚିବା ଯାଏ ଅନେକ ପ୍ରକୃତିବାଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଯଦି ସେହି ବାଧାର କବଳରୁ ରକ୍ଷା କରିବାର ଯତ୍ନ ନିଆ ନ ଯାଏ, ତେବେ ପୂର୍ଣ୍ଣ ଆୟୁ ଭୋଗ କରିବା ସମ୍ଭବପର ହୁଏ ନାହିଁ । ପ୍ରତିକାର, ପ୍ରତିରୋଧ କରିବାର ପ୍ରେରଣା ଏହି ନାଦ ଗର୍ଦ୍ଦଣ କୋଷ ହିଁ ଯୋଗାଇଥାଏ । ସେଥିରୁ କେତୋଟି ଉଦାହରଣ ନିମ୍ନରେ ପ୍ରଦତ୍ତ ହେଲା -

**(କ) ମନୁଷ୍ୟ :-** ଶିଶୁଟିଏ ଜନ୍ମ ହେଲା ମାତ୍ରେ ଯଦି ତାର ଉପଯୁକ୍ତ ଲାଳନ ପାଳନ କରାନଯାଏ, ତେବେ ସେ ଶିଶୁଟି ବଞ୍ଚିପାରିବ ନାହିଁ । କାରଣ ତା'ର ଶରୀରରେ ନାଦଗର୍ଦ୍ଦଣ କୋଷର ପୁଷ୍ଟତା ହୋଇ ନ ଥାଏ । ତେଣୁ ବର୍ଦ୍ଧିତ ଉନ୍ନତ ନାଦଗର୍ଦ୍ଦଣକୋଷ ଧାରଣ କରିଥିବା ବ୍ୟକ୍ତି ତା'ର ନିଜର ଏହି କୋଷର ପ୍ରେରଣାରେ ଶିଶୁଟିର ଯତ୍ନ ନେଇଥାଏ । ଫଳରେ ସେହି ପ୍ରକାରର ନାଦଗର୍ଦ୍ଦଣ କୋଷ କିନ୍ତୁ ଅନ୍ୟର ମାଧ୍ୟମରେ ସ୍ରଷ୍ଟାଙ୍କର ପରୋକ୍ଷ ଆଶୀର୍ବାଦ ବହନ କରି ଆଣେ । ଠିକ୍ ସେହିପରି ଶରୀର ରୋଗାକ୍ରାନ୍ତ ହୋଇଗଲେ, ଯଦି ସେହି ଭାବରେ ଉନ୍ନତ ନାଦଗର୍ଦ୍ଦଣ କୋଷର ସାହାଯ୍ୟ ନିଆ ନ ଯାଏ, ତେବେ ଶରୀର ରକ୍ଷା ହୋଇ ପାରିବ ନାହିଁ । ଯଥା - ସେହି ମଣିଷ କିନ୍ତୁ ଚିକିତ୍ସା ବିଜ୍ଞାନରେ ପାରଦର୍ଶିତା ଲାଭ କରିଥିବାରୁ ଜଣେ ଚିକିତ୍ସକ ହୋଇ ପାରିଛି । ତେଣୁ ଚିକିତ୍ସକ ଶରୀରରେ ଥିବା ନାଦଗର୍ଦ୍ଦଣ କୋଷ ରୋଗାକ୍ରାନ୍ତର ଚିକିତ୍ସା ପାଇଁ ଚିକିତ୍ସକକୁ ପ୍ରେରଣା ଯୋଗାଇଥାଏ । ଫଳରେ ଚିକିତ୍ସକର ପ୍ରଦତ୍ତ ନିଦାନରେ ଆକ୍ରାନ୍ତ ଶରୀରରୁ ରୋଗ ଉପଶମ ହୁଏ ଏବଂ ବ୍ୟକ୍ତିଟି

ପୂର୍ଣ୍ଣ ଆୟୁ ଭୋଗ କରିବାକୁ ସକ୍ଷମ ହୁଏ । ଏଠାରେ ରୋଗଗ୍ରସ୍ତ ବ୍ୟକ୍ତିଟି ପାଇଁ ଚିକିତ୍ସକ ଜରିଆରେ ସ୍ରଷ୍ଟାଙ୍କର ପରୋକ୍ଷ ଆଶୀର୍ବାଦ ପ୍ରାପ୍ତ ହୁଏ । ନିଜର ସାଧନକ୍ରିୟା ଦ୍ୱାରା ନାଦଗର୍ଦ୍ଦଣ କୋଷର ସିଦ୍ଧିପ୍ରାପ୍ତ ନ ହୋଇ ବ୍ରହ୍ମସାଯୁଜ୍ୟ ଲାଭ ନ କରି ପ୍ରତ୍ୟକ୍ଷ ଆଶୀର୍ବାଦ ପ୍ରାପ୍ତ ନ ହୋଇଥିବା ବ୍ୟକ୍ତି ଯଦି ଭ୍ରମାତ୍ମକ ଭାବ ଯଥା - ''ସବୁ ସ୍ରଷ୍ଟାଙ୍କର ଇଚ୍ଛା, ତାଙ୍କର ଇଚ୍ଛା ହେଲେ ସୁସ୍ଥ ହେବି ଇତ୍ୟାଦି'' ବହନ କରି ନିଜର ଚିକିତ୍ସା ପାଇଁ ଯତ୍ନବାନ ନ ହୁଏ, ତେବେ ଶରୀର ନଷ୍ଟ ହୋଇ ଅକାଳ ମୃତ୍ୟୁ ଘଟିବା ନିଶ୍ଚିତ ହୋଇଯିବ ।

ଏହି କୋଷ ସୌର ଜଗତର ଗ୍ରହ, ନକ୍ଷତ୍ର ମାନଙ୍କର ପ୍ରଭାବକୁ ମଧ୍ୟ ଲକ୍ଷ୍ୟ ରଖିଥାଏ । ଭ୍ରୁଣ ମାତୃଗର୍ଭରେ ସ୍ଥାନ ପାଇବା ସମୟରେ ସୌର ଜଗତକୁ ଗ୍ରହ ଓ ନକ୍ଷତ୍ରମାନେ ଯେଉଁ ପ୍ରଭାବ ପକାଇଥାନ୍ତି ତା'ରି ଅନୁସାରେ ଜୀବର ଚରିତ୍ର ଗଠନ, ଆଚରଣ, ସୁଖ, ଦୁଃଖ ଓ ଶେଷରେ ମୃତ୍ୟୁର କାରଣରୂପେ ଏହି କୋଷ ସାଧାରଣ ଜୀବକୁ ସଂପୂର୍ଣ୍ଣ ଭାବରେ ନିୟନ୍ତ୍ରଣ କରିଥାଏ । ଗ୍ରହ, ନକ୍ଷତ୍ରର ସଂଯୋଗ ଓ ଏହି କୋଷର ପ୍ରେରଣାରେ ଜୀବ ସାଧାରଣତଃ ତିନୋଟି ପର୍ଯ୍ୟାୟରେ ମୃତ୍ୟୁ ବରଣ କରିଥାଏ । ଯଥା - ସ୍ୱାଭାବିକ ବା କାଳ ମୃତ୍ୟୁ, ଅକାଳ ମୃତ୍ୟୁ ଓ ଅପମୃତ୍ୟୁ ।

**୧. ସ୍ୱାଭାବିକ ମୃତ୍ୟୁ :-** ପୂର୍ଣ୍ଣଆୟୁ ଭୋଗ କରିବା ପରେ ପରିଣତ ବୟସ ଉପସ୍ଥିତ ହେଲେ ଆତ୍ମା ଘଟ (ଶରୀର) ପରିତ୍ୟାଗ କରେ । ତାହାକୁ ସ୍ୱାଭାବିକ ବା କାଳ ମୃତ୍ୟୁ କୁହାଯାଏ । ଏହା ଗ୍ରହ, ନକ୍ଷତ୍ର ଓ ଏହି କୋଷର ପୂର୍ଣ୍ଣନିୟନ୍ତ୍ରଣାଧୀନ ହୋଇଥିବାରୁ ବାଧା ଦେଇ ମଧ୍ୟ ଏହାକୁ କେହି ଉପେକ୍ଷା କରିପାରିବ ନାହିଁ ।

**୨. ଅକାଳ ମୃତ୍ୟୁ :-** ଗ୍ରହ, ନକ୍ଷତ୍ରର ପ୍ରଭାବରେ ଜୀବର ସାମାଜିକ, ଶାରୀରିକ ଓ ମାନସିକ ସ୍ଥିତି ବିପର୍ଯ୍ୟସ୍ତ ହୋଇଥାଏ, ନିଜର ଜୀବନ ପ୍ରତି ବିତୃଷ୍ଣା ଭାବ ଆସିଥାଏ । ସେତେବେଳେ ଏହି ନାଦଗର୍ଦ୍ଦଣ କୋଷ ଗ୍ରହଚକ୍ରରେ ପ୍ରଭାବିତ ହୋଇ ବାରମ୍ବାର ଜୀବକୁ ଉଚାଟ କରେ ଶରୀର ତ୍ୟାଗ କରିଯିବା ପାଇଁ । ଜୀବ ତଦନୁସାରେ ନିଜ ଉପରୁ ନିୟନ୍ତ୍ରଣ ହରାଇ ଆତ୍ମହତ୍ୟା କରିବାକୁ ସଂକଳ୍ପ ନିଏ । ଗୋପନ ଭାବରେ ବିଷ ପାନ କରିଦିଏ, ବେକରେ ରଶି ଲଗାଇ ଦିଏ, ଗଭୀର ଜଳକୁ ଝମ୍ପ ପ୍ରଦାନ କରେ ବା ଚଳନ୍ତା ଯାନ ସମ୍ମୁଖକୁ ଡେଇଁ ପଡ଼ି ଯବରଦସ୍ତ ଭାବରେ ଆତ୍ମାକୁ ଶରୀରରୁ ପୃଥକ କରିନିଏ । ଏଗୁଡ଼ିକ ଆୟୁ ପୂର୍ଣ୍ଣ ହେବା ପୂର୍ବରୁ ସଂଘଟିତ ହୋଇଥାଏ । ଏହାକୁ ଅକାଳ ମୃତ୍ୟୁ କହନ୍ତି । ମାତ୍ର ଏହି ଆତ୍ମହତ୍ୟା କରିବା ସମୟରେ ଯଦି ଅନ୍ୟ କେହି ଉପସ୍ଥିତ ହୋଇ ବାଧା ଦେଇଦିଏ, ତେବେ ନିଶ୍ଚିତ ଅକାଳ ମୃତ୍ୟୁରୁ ସେ ବ୍ୟକ୍ତିଟି ରକ୍ଷା ପାଇଯାଏ । ରୋଗଗ୍ରସ୍ତ ହୋଇ ଉପଯୁକ୍ତ ଚିକିତ୍ସା ଅଭାବରୁ ବରଣ କରୁଥିବା ମୃତ୍ୟୁ ମଧ୍ୟ ଏହି ଅକାଳ ମୃତ୍ୟୁ ଶ୍ରେଣୀଭୁକ୍ତ ।

**୩. ଅପମୃତ୍ୟୁ :** ଏହା ମଧ୍ୟ ଉପର ଲିଖିତ ସଂଯୋଗରୁ ସଂଘଟିତ ହୋଇଥାଏ । କିନ୍ତୁ ତଫାତ୍ ଏହି ଯେ, ଏହି ମୃତ୍ୟୁକୁ ଜୀବ ଇଚ୍ଛା କରି ନଥାଏ । ଆକସ୍ମିକ ଦୁର୍ଘଟଣା ମାଧ୍ୟମରେ ଏହା ଆସିଥାଏ । ଉଦାହରଣ ସ୍ୱରୂପ ଗଭୀର ଜଳରେ ସ୍ନାନ କରୁଥିବା ସମୟରେ ଜଣେ ହଠାତ୍ ବୁଡ଼ିଗଲା । ଏକ ଅତି ଉଚ୍ଚ ସ୍ଥାନରୁ ଅସାବଧାନତାରେ ଜଣେ ତଳେ ପଡ଼ିଗଲା । ଏକ ଯାତ୍ରୀବାହୀ ଯାନ କୌଣସି କାରଣରୁ ଦୁର୍ଘଟଣାଗ୍ରସ୍ତ ହୋଇଯିବାରୁ ସେଥିରେ ଥିବା ଅଧିକାଂଶ ଯାତ୍ରୀଙ୍କର ମୃତ୍ୟୁ ହୋଇଗଲା । କ୍ରୋଧ ବଶତଃ ହେଉ ବା ପ୍ରତିହିଂସାର ଫଳ ସ୍ୱରୂପ ହେଉ ଜଣେ ଜଣକୁ ହତ୍ୟା କରିବା ଇତ୍ୟାଦି ଏହାକୁ ଅପମୃତ୍ୟୁ କୁହାଯାଏ । ଏହା ଆୟୁପୂର୍ଣ୍ଣ ହେବାର ପୂର୍ବରୁ ଅଚାନକ ଆସିଥାଏ । ଏଗୁଡ଼ିକ ମଧ୍ୟ ସତର୍କତା ଓ ସାବଧାନତା ମାଧ୍ୟମରେ ଏଡ଼ାଇ ଦିଆଯାଇପାରେ । ଏହି ପ୍ରତିଷେଧ ବ୍ୟବସ୍ଥା ମଧ୍ୟ ନାଦଗର୍ଦ୍ଦଣ କୋଷ ଦ୍ୱାରା ସମାହିତ ହୋଇଥାଏ ।

ସମସ୍ତ ପ୍ରତିକାର, ପ୍ରତିରୋଧ ଓ ପ୍ରତିଷେଧ ସତ୍ତ୍ୱେ ଯଦି ଜୀବକୁ ମୃତ୍ୟୁ ମୁଖରୁ ରକ୍ଷା କରାଯାଇ ନ ପାରିଲା ତେବେ ତା'ର ଆୟୁପୂର୍ଣ୍ଣ ବୋଲି ଧରିନେବାକୁ ହେବ ।

ସୁତରାଂ ନକ୍ଷତ୍ର ପ୍ରଭାବ ବା ଯେ କୌଣସି କାରଣ ହେଉ କେବଳ କାଳ ମୃତ୍ୟୁକୁ ବାଦ ଦେଲେ ଅନ୍ୟାନ୍ୟ କ୍ଷେତ୍ରରେ ପ୍ରତ୍ୟକ୍ଷ ଭାବରେ ନିଜ ଚେଷ୍ଟା ବା ପରୋକ୍ଷ ଭାବରେ ଅନ୍ୟର ସାହାଯ୍ୟରେ ଏହି ନାଦଗର୍ଦ୍ଦଣ କୋଷକୁ ନିୟନ୍ତ୍ରଣ କରାଯାଇ ସ୍ଥଳ ବିଶେଷରେ ଅକାଳ ଓ ଅପମୃତ୍ୟୁକୁ ପ୍ରତିହତ କରାଯାଇ ପାରିବ । ଏହାହିଁ ସ୍ରଷ୍ଟାଙ୍କର ପରୋକ୍ଷ ଆଶୀର୍ବାଦ ।

ସେହିପରି ଜଣେ ସଂସାରୀ-(ଗୃହସ୍ଥ) : ତା'ର ଏହି ନାଦଗର୍ଦ୍ଦଣ କୋଷ ତାକୁ ତା'ର ପରିବାର ଭରଣପୋଷଣ କରାଇବାର ପ୍ରେରଣା ଓ ସାମର୍ଥ୍ୟ ଦେଇଥାଏ ଏବଂ ତାହାରି ମାଧ୍ୟମରେ ସ୍ରଷ୍ଟାଙ୍କର ପରୋକ୍ଷ ଆଶୀର୍ବାଦକୁ ଗ୍ରହଣ କରିଥାଏ । ଯଥା : ଜଣେ ଯଦି କୌଣସି କର୍ମ ନ କରି କେବଳ ଘରେ ବସି ଚିନ୍ତା କରେ ଯେ, ସବୁତ ତାଙ୍କରି (ସ୍ରଷ୍ଟା) ଇଚ୍ଛା । ସେ ଯେତିକି ଚାହିଁବେ ସେତିକି ହେବ - ମୁଁ ଅଯଥାରେ କାହିଁକି ଜମି ଚାଷ କରିବାକୁ ଯିବି ବା ଚାକିରୀ କରିବାକୁ ଯିବି ଇତ୍ୟାଦି, ତେବେ ତା'ର ପ୍ରଚଣ୍ଡ ଭୁଲ୍ ହୋଇଯିବ । କାରଣ ଏ ଚିନ୍ତାଧାରା କେବଳ ସିଦ୍ଧିପ୍ରାପ୍ତ ତଥା ପ୍ରତ୍ୟକ୍ଷ ଆଶୀର୍ବାଦଯୁକ୍ତ ଯୋଗୀମାନଙ୍କ ପାଇଁ ଉଦ୍ଦିଷ୍ଟ । କର୍ମ ନ କଲେ ସ୍ରଷ୍ଟା କଦାପି ଆସି କାହାରିକୁ ଖାଇବାକୁ, ପିନ୍ଧିବାକୁ ଦେବେନାହିଁ ବା ଭରଣପୋଷଣ କରାଇବେ ନାହିଁ । କେବଳ କର୍ମ କଲେ କର୍ମଫଳ ମାଧ୍ୟମରେ ପରୋକ୍ଷ ଆଶୀର୍ବାଦ ଦେଇ ବଂଚାଇ ରଖିବେ । ଜଣେ ଚାଷୀ - ଯଦି ଠିକ୍ ଭାବରେ ଚାଷ ନ କରେ, ତେବେ କ'ଣ ଫସଲ ଆପେ ଆପେ ଘରକୁ ଆସିପାରିବ ? ଜଣେ ବ୍ୟବସାୟୀ - ସେ ଯଦି ଉପଯୁକ୍ତ ଭାବରେ ପରିଶ୍ରମ ନ କରି ବ୍ୟବସାୟରେ ସାଫଲ୍ୟ ଅର୍ଜନ ନ କରେ ତେବେ ଅର୍ଥ କ'ଣ ଆପଣା ଛାଏଁ ଆସିଯିବ ? ଜଣେ କର୍ମଚାରୀ - ସେ ଯଦି କର୍ମକ୍ଷେତ୍ରକୁ ନ ଯାଏ, ନିଜର କର୍ତ୍ତବ୍ୟ ପାଳନ ନ କରେ ତେବେ ପାରିଶ୍ରମିକ (ଦରମା) କ'ଣ ମନକୁ ଘରେ ପହଞ୍ଚିଯିବ ? ଜଣେ ବିଦ୍ୟାର୍ଥୀ - ସେ କଠୋର ପରିଶ୍ରମ ନ କରି କେବଳ ବହିଗୁଡ଼ିକୁ ସାଇତି ରଖି ପୂଜା କରେ, ତେବେ କ'ଣ ଭଗବାନ ତା ପରୀକ୍ଷା ଖାତାରେ ଉତ୍ତର ଲେଖି ଦେଇ ଆସିବେ ? ନା, କଦାପି ସମ୍ଭବ ନୁହେଁ । କାରଣ ଏମାନେ ପ୍ରତ୍ୟକ୍ଷ ଆଶୀର୍ବାଦଭୁକ୍ତ ହୋଇ ନ ଥାନ୍ତି । ତେଣୁ ଯାହାର ଯେଉଁ କର୍ମ ସେ ତାକୁହିଁ କଲେ ତାହାରି ମାଧ୍ୟମରେ ସ୍ରଷ୍ଟା ତାଙ୍କର ଆଶୀର୍ବାଦ ପରୋକ୍ଷ ଭାବରେ ଦାନ କରି ତା'ର ପରିଶ୍ରମର ଫଳ ପ୍ରାପ୍ତ କରାଇ ଥାଆନ୍ତି । ତେଣୁ ଯାହାର ନାଦଗର୍ଦ୍ଦଣ କୋଷ ଯେତେ ଉନ୍ନତ ସ୍ତରରେ ପହଞ୍ଚିପାରିଛି, ସେ ଏହି ତତ୍ତ୍ୱକୁ ସେତେ ଗଭୀର ଭାବରେ ଅନୁଶୀଳନ କରି ଜୀବନରେ ସୁଖୀ ହୋଇ ପାରିଛି ।

(ଖ) ଉଦ୍ଭିଦ, ଗଛଲତା :- ଏମାନଙ୍କ ମଧ୍ୟ ଏହି ନାଦଗର୍ଦ୍ଦଣ କୋଷ ଥାଏ । କିନ୍ତୁ ଠିକ୍ ପୂର୍ବପରି ଅନ୍ୟର ସାହାଯ୍ୟରେ ନିଜକୁ ରକ୍ଷା କରିବାକୁ ଚାହିଁଥାଏ । ଯଥା - ବାଡ଼ିରେ ଘାସ ଗଛ ଅଛି, ଯଦି ବାଡ଼ି ପରିଷ୍କାର କରିବାକୁ ତାକୁ କାଟି ଦିଆ ନ ଯାଏ, ତେବେ ସେ ହୁଏତ ଅନେକ ଦିନ ବଂଚି ରହି ପାରନ୍ତା । କିନ୍ତୁ ମନୁଷ୍ୟ ତା'ର ନିଜର ଏହି ଉନ୍ନତ ନାଦଗର୍ଦ୍ଦଣ କୋଷର ପ୍ରେରଣାରେ ଅନାୟାସରେ କାଟି ଫିଙ୍ଗି ଦେଇ ପାରୁଛି । କାରଣ ମନୁଷ୍ୟର ଶକ୍ତି ତା'ଠାରୁ ଅନେକ ଗୁଣରେ ଅଧିକ ହୋଇଯାଉଛି । ଗୋରୁମାନେ ମଧ୍ୟ ଏହାକୁ ଆହାର ଭାବରେ ଗ୍ରହଣ କରି ତାକୁ ଶେଷ କରି ଦେଉଛନ୍ତି ।

ଧାନଗଛ - ତାକୁ ଯଦି ଯତ୍ନ ନ ନିଆଯାଉଛି, ତେବେ ସେ ବଢ଼ି ପାରୁନାହିଁ କିମ୍ବା ପ୍ରଜନନକ୍ଷମ ହୋଇ ତା'ର ଧର୍ମ ପାଳନ କରିପାରୁନାହିଁ । କିନ୍ତୁ ଅପର ପକ୍ଷରେ ତାଳ ଗଛଟିଏ, ତାହାର କୌଣସି ଯତ୍ନର ଆବଶ୍ୟକତା

ନାହିଁ । ମାତ୍ର ସେ ଯେପର୍ଯ୍ୟନ୍ତ ବାହ୍ୟ ଆଘାତ ନ ପାଉଛି, ଆପେ ଆପେ ବଂଚିରହୁଛି ଓ ତା'ର ସମସ୍ତ ଧର୍ମ ପାଳନ କରିପାରୁଛି । ଏହା କେବଳ ଏହି ନାଦଗର୍ଦ୍ଦଣ କୋଷର ପ୍ରଭାବରେ ସମ୍ଭବ ହୋଇପାରୁଛି । ଧାନ ଗଛଟି ବଂଚିରହିବା ପାଇଁ ପରୋକ୍ଷ ଆଶୀର୍ବାଦ ଉପରେ ନିର୍ଭର କରୁଥିବା ସମୟରେ ତାଳଗଛଟି ପ୍ରତ୍ୟକ୍ଷ ଭାବରେ ନାଦଗର୍ଦ୍ଦଣ କୋଷର ପ୍ରଭାବରେ ସ୍ୱାବଲମ୍ବୀ ହୋଇପାରୁଛି । ଠିକ୍ ସେହିପରି ଛଚିନ୍ଦା ଫଳଟିଏ । ଏହାର ମୌଳିକ ଧର୍ମ ବଙ୍କା ହୋଇ ରହିବା । କିନ୍ତୁ ଫଳଟି ସୃଷ୍ଟି ହେବା ମାତ୍ରେ ଯଦି ଗୋଟିଏ ଓଜନିଆ ବସ୍ତୁ ସୂତାରେ ବାନ୍ଧି ଦିଆଯାଏ, ତେବେ ତାହାରି ସାହାଯ୍ୟରେ ଫଳଟି ସିଧା ହୋଇଯିବ । ଏହାର କାରଣ ହେଉଛି ଏହି ନାଦଗର୍ଦ୍ଦଣ କୋଷର ପରୋକ୍ଷ କ୍ରିୟା । ଲାଉ, କଖାରୁ ଆଦି ଲତା ଜାତୀୟ ଗଛ । ଏମାନେ ପ୍ରଥମ ଅବସ୍ଥାରେ ସିଧା ଭାବରେ ଉଠୁଥିଲେ ମଧ୍ୟ ବଢ଼ିବା ପାଇଁ ଯେକୌଣସି ଏକ କଠିନ ବସ୍ତୁ ଉପରେ ନିର୍ଭର କରୁଛନ୍ତି । କାରଣ କୌଣସି ମାଧ୍ୟମ ବିନା ଏମାନେ ବଞ୍ଚିପାରିବେ ନାହିଁ । ଏମାନଙ୍କୁ ଯଦି ଯତ୍ନ ନିଆ ନ ଯାଏ, ତେବେ ଏମାନେ କଦାପି ବଢ଼ିପାରିବେ ନାହିଁ କିମ୍ବା ନିଜର ଧର୍ମ ପାଳନ କରିବାକୁ ସକ୍ଷମ ହୋଇପାରିବେ ନାହିଁ । ମଣିଷ ଗଛଟିଏ ଲଗାଇ ତା'ର ଯତ୍ନ ନେଉଛି । ତାକୁ କ'ଣ ସେ ଗଛ ମୁହଁ ଖୋଲି ଅନୁରୋଧ କରୁଛି ? ନାଁ - ଏହା କେବଳ ଏହି ନାଦଗର୍ଦ୍ଦଣ କୋଷର ମାଧ୍ୟମରେ ପ୍ରେରଣା ପାଇ ସ୍ରଷ୍ଟାଙ୍କର ପରୋକ୍ଷ ଆଶୀର୍ବାଦକୁ ଗଛ ପର୍ଯ୍ୟନ୍ତ ବହନ କରି ନେଉଛି । ଯଦି ସେତିକି କରା ନ ଯାଆନ୍ତା ତେବେ ଗଛଟି ଅକାଳ ମୃତ୍ୟୁର ସମ୍ମୁଖୀନ ହୁଅନ୍ତା ।

**(ଗ) ଜୀବ, ଜନ୍ତୁ :-** ଜଙ୍ଗଲ ମଧ୍ୟରେ କେହି କାହାରି ଯତ୍ନ ନିଏ ନାହିଁ । ପ୍ରତ୍ୟେକ ନିଜ ନିଜର ଈଶ୍ୱର ପ୍ରଦତ୍ତ କୋଷଶକ୍ତି ସାହାଯ୍ୟରେ ବଂଚି ରହନ୍ତି । ପ୍ରତ୍ୟେକଙ୍କ ଭିତରେ ଏହି ନାଦଗର୍ଦ୍ଦଣ କୋଷ ଥିଲେ ମଧ୍ୟ ଏହାର ସ୍ଥିତି ଅନୁସାରେ କାର୍ଯ୍ୟାବଳୀ  ଭିନ୍ନ ଭିନ୍ନ ହୋଇଥାଏ । ଯଥା - ବାଘ ମାଂସ ବିନା ବଂଚି ପାରିବ ନାହିଁ । ସେ ଏକ ଜୀବନ୍ତ ପ୍ରାଣୀକୁ ବଧ କରି ଆହାର ରୂପରେ ଗ୍ରହଣ କରି ବଂଚି ରହୁଛି । ଖାଦ୍ୟ ହେଉଥିବା ପ୍ରାଣିଟି ଭିତରେ ମଧ୍ୟ ଏହି କୋଷ ଅଛି । କିନ୍ତୁ ନିଜକୁ ରକ୍ଷା କରିବାର ଶକ୍ତି ନାହିଁ । ବାଘ ତାକୁ ଖାଇବାକୁ ଆକ୍ରମଣ କରିବା ସମୟରେ ଯଦି କେହି ଉପସ୍ଥିତ ହୋଇ ବାଧା ଦିଏ, ତେବେ ସେ ପ୍ରାଣୀଟି ବଂଚି ଯାଉଛି ।

ଏହି କ୍ରମରେ ମଣିଷ ମଧ୍ୟ ଅନାୟାସରେ ପ୍ରତିମୁହୂର୍ତ୍ତରେ ଜୀବ ବଧ କରୁଛି । ନିଜର ଶରୀରରେ ମଶାଟିଏ ବସିଲେ ମାତ୍ର ଗୋଟିଏ ଚାପୁଡ଼ାରେ ମାରି ଦେଉଛି । ଅଥଚ ଗୋଟିଏ ଛେଳିକୁ ବା ଅନ୍ୟ ପ୍ରାଣୀକୁ ମାରିବାକୁ ତାକୁ ଅଧିକ ଶକ୍ତି ବା ମାଧ୍ୟମର ଆବଶ୍ୟକତା ହେଉଛି । କିନ୍ତୁ ଚେଷ୍ଟା କଲେ ଏବଂ ଘାତକ ନିଜେ ଚାହିଁଲେ ଏହି ମୃତ୍ୟୁକୁ ମଧ୍ୟ ପରିହାର କରିପାରନ୍ତା । ପୂର୍ବରୁ କୁହାଯାଇଛି, ଏହି କୋଷ ସତ୍ତ୍ୱଗୁଣକୁ ସତ୍ତ୍ୱର ଭାବ, ରଜଗୁଣକୁ ରଜର ଭାବ ଓ ତମଗୁଣକୁ ତମର ଭାବମାନ ପ୍ରଦାନ କରିଥାଏ । ଯେକୌଣସି ମାଧ୍ୟମ ହେଉ, ଅନ୍ୟକୁ ମୃତ୍ୟୁମୁଖକୁ ଠେଲିବା ହେଉଛି ତମଗୁଣର କ୍ରିୟା । ସେହି ଭାବ ପ୍ରଦାନ କରାଇ ସମସ୍ତ ଅପମୃତ୍ୟୁ ଓ ଅକାଳମୃତ୍ୟୁର କାରଣ ହେଉଛି ଏହି ନାଦଗର୍ଦ୍ଦଣ କୋଷ । ଜଣେ ଯୋଗୀ ସତ୍ତ୍ୱଗୁଣର ଅଧିକାରୀ ହୋଇଥିବାରୁ ଏହି କୋଷ ସର୍ବଦା ତାକୁ ସଦ୍‌ଭାବହିଁ ପ୍ରଦାନ କରିଥାଏ । ତେଣୁ ହଠାତ୍, ସେ (ଯୋଗୀ) କାହାରି ମୃତ୍ୟୁର କାରଣ ହୁଏ ନାହିଁ । ବରଂ ତାକୁ ବଂଚାଇବାକୁ ଉଦ୍ୟମ କରେ ।

ଏହି କୋଷ  ପଞ୍ଚତତ୍ତ୍ୱ ଓ ବ୍ରହ୍ମ ନିରୂପଣ କରାଇବାରେ ମଧ୍ୟ ପ୍ରଧାନ ଭୂମିକା ଗ୍ରହଣ କରେ । ଅନେକଙ୍କ ମନରେ ପ୍ରଶ୍ନ ଥାଏ ଯେ, ବ୍ରହ୍ମ ସଚରାଚର ପୂରିତ । କୀଟଠାରୁ ମାନବ ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ଶରୀରରେ ବ୍ରହ୍ମ ବିଦ୍ୟମାନ । ତେଣୁ ଜଣେ ଜଣକୁ ମାରିଲେ, ବ୍ରହ୍ମ ବ୍ରହ୍ମକୁ ହିଁ ମାରୁଛି ଏବଂ ବ୍ରହ୍ମହିଁ ମରୁଛି ବୋଲି ଆଲୋଚନା

କରାଯାଏ । କିନ୍ତୁ ଏହା ଏକ ଭ୍ରମାତ୍ମକ ଧାରଣା । ପ୍ରତ୍ୟେକ ଶରୀରରେ ବ୍ରହ୍ମ ବିଦ୍ୟମାନ ଏହା ସତ୍ୟ । କିନ୍ତୁ ସେଠାରେ ବ୍ରହ୍ମକେବଳ ସାକ୍ଷୀ ରୂପରେ ନିଷ୍କ୍ରିୟ ଅବସ୍ଥାରେ ଥାନ୍ତି । ବ୍ରହ୍ମର କେବେ ବିନାଶ ହୁଏ ନାହିଁ । ସେ ଅବିନାଶୀ । ସେ ସକ୍ରିୟ ହୋଇଥାନ୍ତି କେବଳ ବ୍ରହ୍ମ ସାୟୁଜ୍ୟ ଲାଭ କରିଥିବା ସିଦ୍ଧ, ସାଧକ ଯୋଗୀର ହୃଦୟରେ । ଯୋଗୀର ଏହି ନାଦଗର୍ଦ୍ଦଣକୋଷ ସିଦ୍ଧ ହୋଇଥାଏ । ତେଣୁ କୌଣସି କୁକର୍ମ କରିବାର ଭାବ ଏହି କୋଷ ପ୍ରଦାନ କରେ ନାହିଁ । ଅନ୍ୟମାନଙ୍କ ପକ୍ଷରେ ନିଜର କର୍ମ, ସାଧନ, ଆଚରଣ ବଳରେ ଏହି କୋଷଟି ତା'ର ଆଧିପତ୍ୟ ବିସ୍ତାର କରି ସ୍ଥାନ, କାଳ, ପାତ୍ରରେ ଜୀବକୁ ନିୟନ୍ତ୍ରଣ କରିଥାଏ । ଉଦାହରଣ ସ୍ୱରୂପ, ଜଣେ ହଠାତ୍ କ୍ରୋଧବଶତଃ ଅନ୍ୟକୁ ହତ୍ୟା କରୁଛି । ମୃତ୍ୟୁବରଣ କରିଥିବା ଲୋକଟିର କ'ଣ ଆୟୁଷ ସେଇଠି ପୂର୍ଣ୍ଣ ହେବାକୁ ଥିଲା ? ନା, ସେହି ସମୟରେ ଯଦି କେହି ଉପସ୍ଥିତ ହୋଇ ରକ୍ଷା କରେ ତେବେ କ୍ରୋଧିତ ବ୍ୟକ୍ତିଟି ନିକଟରୁ ସେ ବ୍ୟକ୍ତିଟି ବଞ୍ଚିଯାଇ ପାରିଥାନ୍ତା । ଏଠି ଉଭୟଙ୍କ ଶରୀରରେ ବ୍ରହ୍ମଥିଲେ ବି କେବଳ ମୂକସାକ୍ଷୀ ହୋଇ ନିଷ୍କ୍ରିୟ । କେବଳ ଭାବର ପ୍ରଭାବରେ ଏହି ନାଦଗର୍ଦ୍ଦଣ କୋଷ ସକ୍ରିୟ । ରାସ୍ତାରେ ଯାଉଥିବା ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣାର ସମ୍ମୁଖୀନ ହେଉଛି । ସେଥିରେ ଥିବା ଅନେକଯାତ୍ରୀ ଏକ ସମୟରେ ମୃତ୍ୟୁମୁଖରେ ପଡୁଛନ୍ତି । ସମସ୍ତଙ୍କର ଆୟୁ କ'ଣ ସେହି ମୁହୂର୍ତ୍ତରେ ପୂର୍ଣ୍ଣ ହୋଇଥିଲା ? କିନ୍ତୁ ଆଘାତପ୍ରାପ୍ତ ହୋଇଥିବା ଯାତ୍ରୀଙ୍କର ଉପଯୁକ୍ତ ଚିକିତ୍ସା କଲେ ସେମାନେ ବଂଚି ଯାଉଛନ୍ତି କିପରି ? ତେଣୁ ସବୁଠାରେ ପୂର୍ଣ୍ଣ ଭାବରେ ଥିଲେ ମଧ୍ୟ ସେ କୌଣସିରେ ଭାଗ ନିଅନ୍ତି ନାହିଁ । ଯଦି ପ୍ରଚଳିତ ମତାନୁସାରେ ବ୍ରହ୍ମ ସମସ୍ତଙ୍କ ଶରୀରରେ ସମଭାବରେ ତାଙ୍କ ଇଚ୍ଛାନୁଯାୟୀ ସକ୍ରିୟ ଥାନ୍ତେ,ତେବେ ସୃଷ୍ଟିରେ ଭିନ୍ନ ମତ, ଭିନ୍ନ ଆଚରଣ, ଭିନ୍ନ ଗୁଣ ତଥା ପୃଥକୀକରଣ ଅବସ୍ଥା ନ ଥାନ୍ତା । ମୃତ୍ୟୁ, ଜରା, ଶୋକ, ବ୍ୟାଧି, ରୋଗ, ବାର୍ଦ୍ଧକ୍ୟ କିଛି ବି ନ ଥାନ୍ତା । ସମସ୍ତେ ମୃତ୍ୟୁଞ୍ଜୟୀ, କାଳଜୟୀ ହୋଇ ଯାଇଥାନ୍ତେ । ତାହିଁଲେ ମଧ୍ୟ କେହି କାହାରି ଅନିଷ୍ଟ କରିପାରନ୍ତେ ନାହିଁ । କେହି କାହାରିକୁ ମାରିପାରନ୍ତେ ନାହିଁ । ସମସ୍ତେ ବିଦ୍ୱାନ, ପଣ୍ଡିତ, ଜ୍ଞାନୀ ହୋଇଥାନ୍ତେ'। ସମସ୍ତେ ଯୋଗୀ, ମୁନି, ଋଷି ହୋଇଥାନ୍ତେ । ପ୍ରକୃତ ତଥ୍ୟ ତା ନୁହେଁ । ଏହି ନାଦଗର୍ଦ୍ଦଣ କୋଷ ହିଁ ବ୍ରହ୍ମ ସ୍ଥିତି ନିରୂପଣ କରିଥାଏ । ଜୀବ ନିଜର ତପସ୍ୟା, ଆଚରଣ, ଚରିତ୍ର ସାଧନ କର୍ମରେ କଠୋର ଭାବରେ ବ୍ରତ ସଂକଳ୍ପ ହୋଇ ଆଗେଇଲେ ଏହି କୋଷ ଧୀରେ ଧୀରେ ତା'ର ଭାବ ପ୍ରଦାନକୁ ନିୟନ୍ତ୍ରଣ କରେ । ତମ ରଜ ଗୁଣ ପରିବର୍ତ୍ତେ କେବଳ ସତ୍ ଭାବକୁ ପ୍ରଦାନ କରେ । ସାଧକ କ୍ରମଶଃ ତମ, ରଜ ଗୁଣ ପ୍ରଭାବରୁ ମୁକ୍ତ ହୋଇ ସତ୍ତ୍ୱ ଗୁଣର ଅଧିକାରୀ ହୋଇ ନିଜ ଶରୀରରୁ ବ୍ରହ୍ମ ଦର୍ଶନ ଲାଭ କରିବାକୁ ସକ୍ଷମ ହୁଏ । ଏହାପରେ ଯାଇ ବ୍ରହ୍ମ ସେଠାରେ ସକ୍ରିୟ ହୋଇଥାନ୍ତି ଏବଂ ସେ ସାଧକ ଅଖଣ୍ଡ ଶକ୍ତିର ଅଧିକାରୀ ହୋଇ ସମଗ୍ର ଧରାପୃଷ୍ଠରେ ତା'ର ଇଚ୍ଛାନୁସାରେ ଆଧିପତ୍ୟ ବିସ୍ତାର କରିଥାଏ । (କ୍ରମଶଃ)

***

ବିଘ୍ନ ବୋଲି ଭାବୁଛୁ କିଆଁ, ବିଘ୍ନରାଜ ବରଣ କରି ?
ଗୁରୁସ୍ୱାମୀ ତୋ ପଛରେ ରହି ସକଳ ବିଘ୍ନ ନିଅନ୍ତି ହରି ।



# କଲ୍ୟାଣ ହେଉ ତୋତେ

"କଲ୍ୟାଣ କର ହେ କରୁଣା ସାଗର
ମାୟାପାଶ ଫିଟି ଯାଉ,
ତୁମରି ଆଶିଷେ ତୁମରି ଶ୍ରୀପଦେ
ଆତ୍ମା ମୋର ଲୀନ ହେଉ ॥"

***କାଳର ନିଷ୍ଠୁର ଚକ୍ରରେ ଆଜି ପ୍ରତ୍ୟେକ ମାନବ କ୍ଷତ, ବିକ୍ଷତ । କଙ୍କାଳ ଜର୍ଜରିତ ମନ, ପ୍ରାଣରେ ଯୁଗ ଯୁଗ ଧରି ଶାନ୍ତିର ଜଳ ସିଞ୍ଚନ କରି ଆସୁଥିବା ଗୁରୁକୁଳାଶ୍ରମ ଓ ତଦନ୍ତର୍ଗତ ସଂଘୀୟ ବ୍ୟବସ୍ଥା ବିପର୍ଯ୍ୟସ୍ତ ॥***

***ଏହି ଘଡ଼ି ସନ୍ଧି ମୁହୂର୍ତ୍ତରେ ବ୍ୟାକୁଳିତ ମାନବର ଆର୍ତ୍ତ ଚିତ୍କାର ସହ୍ୟ କରି ନ ପାରି ଭକ୍ତ ବତ୍ସଳ, ଭାବଗ୍ରାହୀ ନିଜେ ଗୁରୁଅଙ୍ଗରେ ଶାନ୍ତିର କପୋତ ସାଜି ମାନସ ପୁତ୍ର "ଚରମ"କୁ ସମ୍ବୋଧନ କରି ଉପଦେଶ ଛଳରେ ଅଜାଡ଼ି ଦେଇଛନ୍ତି ଅଜସ୍ର କଲ୍ୟାଣର ବାଣୀ ଏହି ସ୍ତମ୍ଭ ମାଧ୍ୟମରେ.....***

ଚରମରେ !

ଧନ ମୋର, ତୋତେ ଯେତେ ବୁଝାଇ କହିଲେ ବି ତୁ ଥକି ଯାଉଛୁ, ମନ ଊଣା କରୁଛୁ, ଭାଙ୍ଗି ପଡ଼ୁଛୁ । ମୁଁ ବୁଝୁଛି, ତୁ ଯେଉଁ ପରିବାରରୁ ଯାଇଛୁ ତା'ର ଚଳନି ସହିତ ତୁଳନା କରି ଏଠାରେ ତାହାହିଁ ଖୋଜୁଛୁ । କିନ୍ତୁ ପାଉଛୁ କିପରି ? ତୁ ନିଜେ ପରା ଏ ପର୍ଯ୍ୟନ୍ତ ନିଜକୁ ଠିକ୍ ଭାବରେ ସଜାଡ଼ି ପାରିନାହୁଁ । ତେଣୁ ବାପରେ ! ମୁଁ ସବୁବେଳେ ତୋତେ ଗୋଟିଏ କଥା କହିଛି, ଯାହା ମୋ ଠାରୁ ଶୁଣିବୁ, ଜାଣିବୁ, ପ୍ରଥମେ ନିଜେ ଅଭ୍ୟାସ କରି ତାକୁ ନିଜ କାମରେ ଲଗାଇବୁ । ତା ପରେ ନିଜର ଆଚରଣ ମାଧ୍ୟମରେ ଅନ୍ୟମାନଙ୍କୁ ଜଣାଇବୁ । ତା ହେଲେ ତୋ'ର କଥା ଓ ଆଚରଣର ପ୍ରଭାବ ସେମାନଙ୍କ ଉପରେ ପଡ଼ିବ । ତୁ ଧୀରେ ଧୀରେ ତୋର ମନର ସମାଜଟିଏ ପାଇଯିବୁ । ରେ ମୋର ନୟନମଣି ! ଗତଥର ପରିବାର ବିଷୟରେ ଯାହାସବୁ କହିଥିଲି ତାକୁ କାମରେ ଲଗାଇଲୁଣିଟି ? ଯଦି ନ ଲଗାଇଛୁ ତେବେ ଏବେଠାରୁ ଲାଗି ଯାଆ । ମନେ ରଖ, ତୁ ଯଦି ସତରେ ନିଜକୁ ସଜାଡ଼ି ଅନ୍ୟକୁ ସଜାଡ଼ିବାକୁ ଭାବିଛୁ, ତେବେ "ଆଜି" ବାଜିଗଲେ ବି "ଆସନ୍ତାକାଲି" ଅଛି ।

ପରିବାର ଅତିକ୍ରମ କରିଗଲେ ତୋର ନଜର ଆଜିର ସମାଜରେ ପ୍ରତିଷ୍ଠିତ ଧର୍ମସଂସ୍ଥା, ଗୁରୁଆଶ୍ରମ ଆଦିରେ ପଡ଼ିବ । ସେଠାରେ ବାଳିଥିବା ଘଟଣାବଳୀ ତୋତେ ବିବ୍ରତ କରିବ । ତେଣୁ ଆଗରୁ ମୁଁ ତତେ ସାବଧାନ କରି ଦେଉଛି । ମନ ଦେଇ ଶୁଣ୍ ।

ଯେ କୌଣସି ସଂସ୍ଥାକୁ ତୁ ଯିବୁ ଦେଖିବୁ, ସେଠାରେ ଭାଇ ଭାଇ ମଧ୍ୟରେ ଘୋର ବିବାଦ, ହିଂସା, ପରଶ୍ରୀକାତରତା, ଅସହିଷ୍ଣୁତା, ପଦବୀ ପାଇଁ ପ୍ରତିଦ୍ୱନ୍ଦିତା, ନିଜର ଶ୍ରେଷ୍ଠତ୍ୱ ପ୍ରକାଶ କରାଇବାର ହୀନ ପ୍ରଚେଷ୍ଟା ତଥା ଅର୍ଥ ଲାଳସାର ଛବି ଫୁଟି ଉଠିଛି । ସେଗୁଡ଼ିକ ଦେଖି ଡ଼ରି ଯିବୁନି । କାରଣ ବର୍ତ୍ତମାନର ଯୁଗକ୍ରିୟାର ପ୍ରଭାବରେ ସେ ସବୁ ଏକ ସ୍ୱାଭାବିକ ଚଳନିରେ ପରିଣତ ହୋଇଯାଇଛି । କାହିଁକି ଏପରି ହୋଇଛି କହୁଛି ମନେରଖ !

ଜଣେ ଯେତେବେଳେ ପ୍ରଥମେ ସେହି ଧର୍ମୀୟ ସଂସ୍ଥା ବା ଗୁରୁ ଆଶ୍ରମକୁ ଯାଉଛି, ସେତେବେଳେ ପବିତ୍ର ମନ, ଶୁଦ୍ଧ ଭାବ ନେଇ ଯାଉଛି । ତା'ର ମନ ପ୍ରାଣ ସବୁ ସେହି ସଂସ୍ଥାର ସ୍ରଷ୍ଟାଙ୍କ ନିକଟରେ ଅଜାଡ଼ି ଦେଉଛି । ଦୀକ୍ଷା ଗ୍ରହଣ କରି ପରମାର୍ଥ ଜୀବନ ଯାପନ କରିବାର ବ୍ୟାକୁଳତା ପ୍ରକାଶ କରୁଛି । କିନ୍ତୁ କିଛି ଦିନ ପରେ ସେ ପବିତ୍ରତା ସଂପୂର୍ଣ୍ଣ ନଷ୍ଟ ହୋଇ ଯାଉଛି । ଗୁରୁଙ୍କୁ ଏକ ଅତି ସାଧାରଣ ଲୋକ ଭାବରେ ଗ୍ରହଣ କରି ଯାବତୀୟ କୁଭାବନାର ଶିକାର ହୋଇ ନିଜର କ୍ଷତି କରୁଛି ଓ ଅନ୍ୟର ମଧ କ୍ଷତି କରୁଛି । ଏହାର ଅନେକ କାରଣ ମଧ୍ୟରୁ ମୁଖ୍ୟ ହେଉଛି - ଭାବର ଅବସ୍ଥା । ସାଧାରଣ ଭାବରେ, ଭାବକୁ ତିନି ପର୍ଯ୍ୟାୟରେ ଚିନ୍ତା କରାଯାଏ । ୧. ସାଧାରଣ ଭାବ, ୨. ମାନସ ଭାବ, ୩. ଅତିମାନସ ଭାବ ।

**ସାଧାରଣ ଭାବ :** ଏହି ଭାବ ପ୍ରତ୍ୟେକ ଜୀବର ଥାଏ । କୌଣସି ଏକ ଜଟିଳ ସମସ୍ୟାର ସମାଧାନ ହୋଇଗଲେ ସମାଧାନ କରିଥିବା ବ୍ୟକ୍ତିଟି ପ୍ରତି ମନରେ ହଠାତ୍ କୃତଜ୍ଞତା ଭରିଯାଏ । ତେଣୁ ଆଉ ଆଗପଛ ବିଚାର ନ କରି ନିଜର ସ୍ଥିତି ପ୍ରତି ନଜର ନ ରଖି ସେ ତାଙ୍କୁ ଗୁରୁ ରୂପରେ ବରଣ କରି ଦୀକ୍ଷା ନେବାକୁ ବ୍ୟାକୁଳ ହୁଏ । ପ୍ରଥମ ଅବସ୍ଥାରେ ଏକ ଅତି ଅନୁଗତ, ଶୃଙ୍ଖଳିତ ଓ ଆଜ୍ଞାଧୀନ ଶିଷ୍ୟରୂପରେ ନିଜର ପରିଚୟ ପ୍ରକାଶ କରେ । କିନ୍ତୁ ଏହି ଭାବ ସଂପୂର୍ଣ୍ଣ କ୍ଷଣସ୍ଥାୟୀ । କାରଣ ଶରୀର ଭିତରେ ଥିବା ଇନ୍ଦ୍ରିୟ ଶତ୍ରୁମାନେ ଦମନ ହୋଇ ନଥାନ୍ତି । ସମୟ, ସୁଯୋଗ ପାଇଲେ ସେମାନେ ଏହି ପବିତ୍ର ଭାବଟିକୁ ଛିନ୍‌ଭିନ୍ କରି ଶେଷ କରି ଦିଅନ୍ତି ଏବଂ ସେମାନଙ୍କର ରାଜତ୍ୱ ବିସ୍ତାର କରନ୍ତି । ଫଳ ସ୍ୱରୂପ ଶିଷ୍ୟଟିର ଉପର ଲିଖିତ ଦୁର୍ଗୁଣ ଫୁଟି ଉଠେ ।

**ମାନସ ଭାବ :** ଏହି ଭାବ ଜୀବର ସଂଗରେ ତା'ର ପୂର୍ବଜନ୍ମର ସଂସ୍କାର ଫଳ ଅନୁସାରେ ଆସିଥାଏ । ଏହି ଭାବ ନେଇ ଯଦି ଜଣେ ଗୁରୁ ଦ୍ୱାରକୁ ଯାଏ, ତେବେ ଗୁରୁଙ୍କର ଉପଦେଶ ଗ୍ରହଣ କରି ନିଜକୁ କେବଳ ସାଧନ କ୍ରିୟାରେ ବୁଡ଼ାଇ ରଖିବାକୁ ଭଲପାଏ । ତେବେ ବି ଏହି ଭାବର ସ୍ଥାୟିତ୍ୱ ସେତେ ବେଶୀ ହୋଇ ନ ଥାଏ । ସମୟେ ସମୟେ ଇନ୍ଦ୍ରିୟର ପ୍ରଭାବରେ ସେ ପଥଚ୍ୟୁତ ହୋଇଯାଏ । କିନ୍ତୁ ପରକ୍ଷଣରେ ନିଜକୁ ସଜାଡି ନେଇ ପୁଣି ତା'ର କର୍ମରେ ଲାଗିଯାଏ । ମୋଟାମୋଟି ଭାବରେ ଏହି ଭାବ ଥିବା ବ୍ୟକ୍ତି ହିଁ କ୍ରିୟାଯୋଗ କରିବାକୁ ସମର୍ଥ ହୋଇଥାଏ ।

**ଅତିମାନସ ଭାବ :** ଏହି ଅତିମାନସ ଭାବ ହିଁ ସ୍ଥାୟୀଚିରସ୍ଥାୟୀ ଭାବ । ଏହା ପୂର୍ବ ଜନ୍ମର ସାଧନ, ସଂସ୍କାର ଉପରେ ନିର୍ଭର କରିଥାଏ । ଜୀବ ମାତୃଗର୍ଭରୁ ଧରାଧାମକୁ ଆସିବାମାତ୍ରେ ତା'ର ଏହି ଭାବ ଜାଗ୍ରତ ହୋଇଥାଏ । ଏ ପର୍ଯ୍ୟାୟର ବ୍ୟକ୍ତି ଯଦି ଗୁରୁଦ୍ୱାରକୁ ଯାଏ, ତେବେ ଗୁରୁଙ୍କର ପ୍ରଥମ ଦର୍ଶନ ହିଁ ଯଥେଷ୍ଟ । ସେ ଆଉ ପଛକୁ ଫେରି ଚାହେଁନାହିଁ । କୌଣସି ବାଧା ତା'ର ଲକ୍ଷ୍ୟ ସ୍ଥଳରୁ ତାକୁ ଦୂରେଇ ରଖି ପାରେ ନାହିଁ ।

ସାଧାରଣ ଭାବ ବା ମାନସ ଭାବ ନେଇ ଯାଉଥିବା ବ୍ୟକ୍ତି ଜଣକ ଗୁରୁଙ୍କ ଉପରେ ଶ୍ରଦ୍ଧା, ନିଷ୍ଠା ଓ ବିଶ୍ୱାସ ସ୍ଥାପନ କରିଲେ, ତାଙ୍କର ଉପଦେଶ ଠିକ୍ ଭାବରେ ପାଳନ କଲେ, ଗୁରୁଙ୍କ ଆଶୀର୍ବାଦରୁ ସେ ଦିନେ ନା ଦିନେ ଏହି ଭାବରେ ପହଁଚିବ, ଏଥିରେ ସନ୍ଦେହ ନାହିଁ ।

ଚରମରେ ! ବାଉଳା ହାତୀ ମୋର ! ଆଜିକାଲି ତୁ ଯେଉଁଠାକୁ ଯିବୁ ବହୁ ସଂଖ୍ୟାରେ ଏହି ସାଧାରଣ ଭାବ ପର୍ଯ୍ୟାୟର ଲୋକ ଦେଖିବୁ । ପ୍ରତ୍ୟେକ ଗୃହସ୍ଥ ଏହି ଭାବର ଅଧିନ । କାରଣ ସେମାନଙ୍କର ସମସ୍ୟା ଅନେକ । ପାରିବାରିକ ଜଞ୍ଜାଳରେ ସବୁବେଳେ ସେମାନେ ହନ୍ତସନ୍ତ ହୋଇଥାନ୍ତି । ତେଣୁ ସେମାନଙ୍କର ଭାବ ଘନ ଘନ ପରିବର୍ତ୍ତନ ହୋଇଥାଏ । ତଥାପି କେବଳ ଏହିମାନେ ହିଁ ଅନୁଷ୍ଠାନ, ସଂଗଠନ, ଆଶ୍ରମ ଗଠନ କରିବାକୁ ସମର୍ଥ ହୋଇଥାନ୍ତି । କିନ୍ତୁ ମାନସ ବା ଅତିମାନସ ଭାବରେ ଲୋକମାନେ ସଂଗଠନ କାର୍ଯ୍ୟ ପାଇଁ ଉପଯୁକ୍ତ ନୁହଁନ୍ତି । କାରଣ ସେମାନେ ସର୍ବଦା ଏହି ବାହ୍ୟ କାର୍ଯ୍ୟରୁ ନିଜକୁ ଦୂରେଇ ରଖି ନିଜର ସାଧନ କ୍ରିୟାରେ ଲାଗିଥାନ୍ତି । ଏମାନେ ସନ୍ୟାସୀ ଶ୍ରେଣୀଭୁକ୍ତ, ଏମାନଙ୍କୁ ଅନେକ ନିଷ୍ଠା, ଅନେକ କଷ୍ଟର ସମ୍ମୁଖୀନ ହେବାକୁ ପଡ଼ିଥାଏ । ସାଧନ ସମୟରେ କଠୋର ପରୀକ୍ଷା ମଧ୍ୟ ଦେବାକୁ ହୁଏ । ସରଳ ଭାବରେ କହିବାକୁ ଗଲେ ଏମାନଙ୍କର ରାସ୍ତା କଣ୍ଟକିତ ଏବଂ ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ବହୁତ ପରିଶ୍ରମ କରିବାକୁ ପଡେ । କିନ୍ତୁ ସାଧାରଣ ଭାବର ଲୋକମାନେ କେବଳ ଗୁରୁଙ୍କ ଉପରେ ନିଷ୍ଠା, ଭରସା ରଖିଲେ ଖୁବ୍ ସହଜରେ ଲକ୍ଷ୍ୟସ୍ଥଳରେ ପହଁଚି ଯାଆନ୍ତି ।

ଗୋଟିଏ ଅନୁଷ୍ଠାନ କରିବାକୁ ହେଲେ ଉଭୟ ଗୃହସ୍ଥ ଶିଷ୍ୟ ଓ ସନ୍ୟାସୀ ଶିଷ୍ୟର ଆବଶ୍ୟକତା ଅଛି । ଧନରେ ! ଏଇଟି ଗୋଟିଏ କଥା ଭଲ କରି ମନେ ରଖିବୁ । ଶିଷ୍ୟର ଏହି ଯେଉଁ ଗୁଣ କିଏ ଗୃହସ୍ଥ ଶିଷ୍ୟ ହେବ ବା କିଂଏ ସନ୍ୟାସୀ ଶିଷ୍ୟ ହେବ, ତାକୁ କେବଳ ଗୁରୁ ହିଁ ନିର୍ଦ୍ଧାରଣ କରିବେ । ଶିଷ୍ୟ ଯଦି ନିଜେ ନିଜକୁ ଏହିପରି ଏକ ସ୍ଥିତିରେ କଳ୍ପନା କରି ବସିଲା, ତା ହେଲେ ସର୍ବନାଶ । ଆଜି ସେହି ବ୍ୟତିକ୍ରମ ସବୁଠାରେ । ଜଣେ ସନ୍ୟାସୀ ଗୃହସ୍ଥର ଆଚରଣ କରୁଛି, ଆଉ ଜଣେ ଗୃହସ୍ଥ ସନ୍ୟାସୀର ଆଚରଣ ଦେଖାଉଛି । ଫଳରେ ଉଭୟେ କେହି ଆଗେଇ ପାରୁ ନାହାନ୍ତି ।

ବାପରେ ! କହୁଥିଲି ପରା ଅନୁଷ୍ଠାନ କଥା - ସନ୍ୟାସୀ ଶିଷ୍ୟମାନେ ଗୃହତ୍ୟାଗୀ, ସଂସାର ତ୍ୟାଗୀ, ବିଷୟ ତ୍ୟାଗୀ ହୋଇ ଆଗେଇବାକୁ ସାଧନ କରନ୍ତି । ତେଣୁ ସେମାନଙ୍କ ପର୍ଯ୍ୟାୟ ସ୍ୱତନ୍ତ୍ର । ବର୍ତ୍ତମାନ ଗୃହସ୍ଥ ଶିଷ୍ୟମାନଙ୍କ ସଂପର୍କରେ ଯାହା କୁହାଯାଉଛି ମନେରଖିବୁ ଓ ଅନ୍ୟମାନଙ୍କୁ ବୁଝାଇଦେବୁ । ଏମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ହେଉଛି -

୧. ପ୍ରଥମେ ଦୀକ୍ଷା ଗ୍ରହଣ କରି ଶ୍ରୀଗୁରୁ ଦେବଙ୍କ ପାଦପଦ୍ମରେ ନିଜକୁ ସମର୍ପଣ କରିବା । ଜୀବନର ପ୍ରତିଟି ମୁହୂର୍ତ୍ତରେ ଯେଉଁ କର୍ମ କଲେ ବି ସବୁକୁ ଗୁରୁଙ୍କୁ ପ୍ରଥମେ ସମର୍ପଣ କରି ତା ପରେ କର୍ମରେ ନିଯୁକ୍ତ ହେବା । ଯେତେ ବାଧାବିଘ୍ନ ଆସିଲେ ବି ଶ୍ରୀଗୁରୁ ଦାନ କରିଥିବା ସାଧନ ପ୍ରଣାଳୀ (ଧାରା) ନିର୍ଦ୍ଧାରିତ ସମୟରେ ପାଳନ କରିବା । ଏହି କ୍ରିୟାର ଅଭ୍ୟାସ ବଳରେ ଭିତରେ ଥିବା ଇନ୍ଦ୍ରିୟମାନଙ୍କର ଗତିପଥ ପରିବର୍ତ୍ତନ ହୁଏ । ସେମାନେ ଆଉ ଅନିଷ୍ଟ ନ କରି ବନ୍ଧୁ ଭାବରେ ପରମାର୍ଥ ଜୀବନରେ ସହାୟ ହୁଅନ୍ତି ।

୨. ଶ୍ରୀଗୁରୁ ଆଶ୍ରମ ଅନୁଷ୍ଠାନର ଯତ୍ନ ଓ ଉନ୍ନତି ଲାଗି ନିଷ୍ଠାପର ଭାବରେ ନିଜର ଶ୍ରମ ଦାନ କରିବା । କାହିଁକି ଜାଣିଛୁ ? ଗୁରୁଦେବଙ୍କର ଆଶ୍ରମ ରହିଲେ କେତେ ନ ରହିଲେ କେତେ ସେଥିରେ ତାଙ୍କର କୌଣସି

ଆବଶ୍ୟକତା ନାହିଁ, ଯାଏ ଆସେ ନାହିଁ ବା ଲାଭ କ୍ଷତି ନାହିଁ । ଅନୁଷ୍ଠାନ ତୁମମାନଙ୍କର । ଏହି ଅନୁଷ୍ଠାନ ମାଧ୍ୟମରେ ତୁମେମାନେ ସଂଘୀୟ ଜୀବନର ଅଭ୍ୟାସ କରି ଧୀରେ ଧୀରେ ବିଶ୍ବ ସଂଘରେ ନିଜକୁ ସାମିଲ କରି ପାରିବ, ନିଜର ଭାବକୁ ଦୃଢ଼ରୁ ଦୃଢ଼ତର କରି ପରମାତ୍ମାଙ୍କ ସହ ଯୋଗ ହୋଇ ପାରିବ ।

୩. ସଂଘ ବା ଅନୁଷ୍ଠାନ ଭିତରକୁ ପ୍ରବେଶ କଲେ, ନିଜର ଇଚ୍ଛାକୁ କଦାପି ଅନ୍ୟ ଉପରେ ଚାପି ଦେବାକୁ ଚେଷ୍ଟା କରିବ ନାହିଁ । ଗୁରୁଙ୍କ ନିଷ୍ପତ୍ତି ଉପରେ ସର୍ବଦା ନିର୍ଭର କରିବ । କାରଣ ସେ ହିଁ ତୁମ ଭିତରକୁ, ବାହାରକୁ, ଅତୀତକୁ ଓ ଭବିଷ୍ୟତକୁ ଦେଖି ତୁମେ କେଉଁ କର୍ମ ପାଇଁ ଉପଯୁକ୍ତ ତାହା ସ୍ଥିର କରିବେ । ଏଥିରୁ ବ୍ୟତିକ୍ରମ ଘଟିଲେ ତୁମର ପତନ ନିଶ୍ଚିତ ହେବ ଏଥିରେ ସନ୍ଦେହ ନାହିଁ ।

୪. ମନରେ କୌଣସି ଭାବର ଉଦ୍ରେକ ହେଲେ ସଂଗେ ସଂଗେ ଗୁରୁଙ୍କ ଆଗରେ ପ୍ରକାଶ କରି ନିଷ୍ପତ୍ତି ଆଣିବ । କିନ୍ତୁ ତୁମର ନିଷ୍ପତ୍ତି ଯୋର ଯବରଦସ୍ତ ଭାବରେ ତାଙ୍କ ଉପରେ ଚାପି ଦେଇ ତାକୁ ହିଁ ଗ୍ରହଣ କରିବାକୁ ବାଧ୍ୟ କରିବ ନାହିଁ । କାରଣ କାଳଚକ୍ରକୁ ଆଖି ଆଗରେ ରଖି ସେ ନିଷ୍ପତ୍ତି ନେବେ, ଯେଉଁ କ୍ଷମତା ତୁମର ନାହିଁ ।

ଧନରେ ! ରଜାମାଝି ମୋର ! କହିଲୁ, ଗୁରୁଙ୍କ ଆସନରେ ମନ୍ତ୍ର ଗ୍ରହଣ ସମୟରେ ତୁ ଯେଉଁ ଶପଥ ନେଇଥିଲୁ ଯେ, ନିଜର ଅହଂଜ୍ଞାନକୁ ପ୍ରୟୋଗ କରିବୁ ନାହିଁ । ନିଜର ନିଷ୍ପତ୍ତି ତାଙ୍କ ଉପରେ ଚାପିଦେବା କ'ଣ ଏହି ଅହଂଜ୍ଞାନ ନୁହେଁ ? ନିଜର ମାନସିକ ବିକୃତିକୁ ଚରିତାର୍ଥ କରିବାକୁ ଗୁରୁଙ୍କୁ ବାଧ୍ୟ କରିବା କ'ଣ ଅହଂଜ୍ଞାନ ନୁହେଁ ? ଆଚ୍ଛା କହିଲୁ, ଯଦି ଗୋଟିଏ ଅନୁଷ୍ଠାନର ପ୍ରତ୍ୟେକ କର୍ମୀ ଏହିପରି ନିଜ ନିଜର ନିଷ୍ପତ୍ତିରେ ଅଟଳ ରହି ଗୁରୁଙ୍କୁ ବାଧ୍ୟ କରିବେ, ତେବେ ଗୁରୁ କାହା କଥା ଗ୍ରହଣ କରିବେ ? ଶେଷରେ ସେ ଅନୁଷ୍ଠାନ ରହିବ ତ ? ତେଣୁ ବାଉଳାରେ ! ସେଥିପାଇଁ ଗୁରୁ ନିର୍ଦ୍ଦେଶ ଦେଇଥାନ୍ତି ପ୍ରତିଦିନ ସକାଳେ ଓ ସଂଧ୍ୟାରେ ଏହି ଶପଥ କରିବା ପାଇଁ । ଫଳରେ ଇନ୍ଦ୍ରିୟଗଣରୁ ଭୁଲାଇ ଦେଲା ବେଳକୁ ଏହି ଶପଥ ପୁଣିଥରେ ସ୍ଥିତି ଫେରାଇ ଆଣିବ । ଏହିପରି ଧୀରେ ଧୀରେ ଅଭ୍ୟାସ କଲେ ଏହି ଦୁର୍ଗୁଣଟି ସଂପୂର୍ଣ୍ଣ ଚାଲିଯିବ ।

୫. କୌଣସି ଅବସ୍ଥାରେ ନିଜର ଗୁରୁଭାଇ, ପ୍ରତିବେଶୀ, ସହକର୍ମୀ ତଥା ଅନ୍ୟମାନଙ୍କର ନିନ୍ଦା, କୁତ୍ସା ରଟନା କରିବ ନାହିଁ । ଯଦି ସେମାନଙ୍କର ଆଚରଣରେ କିଛି ତ୍ରୁଟି ଲକ୍ଷ୍ୟ କରୁଛେ ତେବେ ଏକାନ୍ତ ଓ ଗୋପନ ଭାବରେ ଗୁରୁଙ୍କ ଆଗରେ ନମ୍ରତାର ସହ ପ୍ରକାଶ କରିବ ଓ ତୁମେ ସେହି ଭାବନାରୁ ମୁକ୍ତ ହୋଇଯିବ । ସେ ତାର ବିଚାର କରିବେ । କିନ୍ତୁ ତାକୁ ଆଳ କରି ଭାଇପ୍ରତି ବିମୁଖ ହୁଅ ନାହିଁ । ତା ହେଲେ ତୁମ ଭିତରେ କୁସଂସ୍କାର ଜମାଟ ବାନ୍ଧିଯିବ ଓ ଧୀରେ ଧୀରେ ପରସ୍ପର ବିରୋଧିଭାବ ବଢ଼ି ସଂଘ ଭୁଶୁଡ଼ି ପଡ଼ିବ ।

ମନେପକାରେ ଧନ ! ଗୁରୁ କ'ଣ ଏଥିପାଇଁ ସତର୍କ କରାଇ ନାହାନ୍ତି ? ପ୍ରତିଦିନ ପରା ତୁ ଗୁରୁଙ୍କ ଆଗରେ ଶପଥ କରୁଛୁ ''ଉଚ୍ଚନୀଚ ଭେଦ ରଖିବୁ ନାହିଁ, ବଡ଼ ଛୋଟ ବିଚାର କରିବୁ ନାହିଁ ।'' ଅନ୍ୟର ତ୍ରୁଟିପୂର୍ଣ୍ଣ ଆଚରଣ ଦେଖି ତାକୁ ଘୃଣା କରି ତା ବିରୁଦ୍ଧରେ ଅନ୍ୟର ଆଗରେ ସମାଲୋଚନା କରିବାର ଅର୍ଥ କ'ଣ ? ନିଜକୁ ଆଚରଣ ସିଦ୍ଧ ଭାବି ଅନ୍ୟଠାରୁ ନିଜକୁ ଶ୍ରେଷ୍ଠ ବିବେଚନା ନ କଲେ ଘୃଣା ଭାବ ଆସିବ କେଉଁଠୁ କହିଲୁ ? ତେଣୁ ଗମ୍ଭୀର ଭାବରେ ବିଚାର କରି ଦେଖିଲୁ, ତୋ ଭିତରେ କେତେ ଦୃଢ଼ ଭାବରେ ଏଭ ବଡ଼ ଛୋଟ ବିଚାର ଜମାଟ ବାନ୍ଧି ଗଲାଣି । ଏହାର ପରବର୍ତ୍ତୀ ଅବସ୍ଥା କ'ଣ ଜାଣିଛୁ ? କ୍ରମଶଃ ଏହି ଭାବ ଯେତେବେଳେ ଅତି ପ୍ରବଳ ହେବ,

ସେତେବେଳେ ଗୁରୁଙ୍କୁ ମଧ୍ୟ ତୁ ଘୃଣା କରିବୁ । ଗୁରୁଙ୍କର କାର୍ଯ୍ୟ ମଧ୍ୟ ତୋତେ ତ୍ରୁଟିପୂର୍ଣ୍ଣ ଦେଖାଯିବ । ଶେଷରେ ବିକାରଗ୍ରସ୍ତ ହୋଇ ତୁ ଆପେ ଆପେ ସଂଘ ବର୍ଜନ କରି ଚାଲିଯିବୁ ଏବଂ ଆଉ ଏକ ଶପଥ ଭାଙ୍ଗି ଦେବୁ ।

୬. ଗୁରୁଙ୍କ ପାଖରେ, ଗୁରୁଭାଇଙ୍କ ପାଖରେ କେବେ ବି ଛଳନା କରିବା ଉଚିତ ନୁହେଁ । ଛଳନା କହିଲେ କ'ଣ ବୁଝିବୁଟି ? ବୁଝାଇ ଦେଉଛି ଶୁଣ୍ ।

ଜଣେ ଶିଷ୍ୟ ତା ଗୁରୁଙ୍କ ଆଗରେ ଶପଥ କରି ଅଡି କରି କହୁଛି ''ପ୍ରଭୁ ! ମୋର ସଂଘରେ କୌଣସି ପଦ, ପଦବୀ ଆବଶ୍ୟକ ନାହିଁ । ମୁଁ କେବଳ ଆପଣଙ୍କର ଓ ମୋର ପ୍ରିୟ ଭାଇ ଭଉଣୀ ମାନଙ୍କର ସେବା କରି ଚାଲିଯିବି ।'' ଏହି କଥା ସେ ପୂଜା କଲାବେଳେ କହୁଛି ଓ ଅନ୍ୟମାନଙ୍କ ଆଗରେ କହୁଛି । ତେଣୁ ସମସ୍ତେ ତା'ର ଏହି ମହାନ ଗୁଣକୁ ଗ୍ରହଣ କରି ଶ୍ରଦ୍ଧା କରୁଛନ୍ତି । କିନ୍ତୁ ପଦବୀର ଭୟଙ୍କର ମୋହ ତାକୁ ଗ୍ରାସ କରିଛି । ତା ନ ହେଲେ ତାକୁ ଯେତେବେଳେ କୌଣସି ପଦବୀ ଯଚା ଯାଉନାହିଁ ସେ ତ୍ୟାଗ କରିବାକୁ ଅଡି କାହିଁକି କରୁଛି ? ଦ୍ୱିତୀୟରେ, ପଦବୀରେ ଥିବା ବ୍ୟକ୍ତିର ପ୍ରତିଟି ଦୋଷ, ତ୍ରୁଟିକୁ ଲକ୍ଷ୍ୟ କରି ତାକୁ ମାର୍ଜିତ କରିବା ପରିବର୍ତ୍ତେ ତାକୁ ସେଥିରୁ ବିତାଡ଼ିତ କରିବାକୁ ଗୁରୁଙ୍କୁ ବାଧ୍ୟ କରୁଛି । ଭିତରେ ବାସନା ରହୁଛି ''ମୁଁ ଶ୍ରେଷ୍ଠ ମୋର ହିଁ ଏ ପଦବୀ ପାଇବାର ଯୋଗ୍ୟତା ଅଛି ।'' କିନ୍ତୁ ପ୍ରତ୍ୟକ୍ଷ ଭାବରେ ନିଜର ଇଚ୍ଛା ପ୍ରକାଶ ନ କରି ଆଚରଣ ମାଧ୍ୟମରେ ଅନ୍ୟମାନଙ୍କ ମାଧ୍ୟମରେ ପଦବୀରେ ଥିବା ଲୋକଟିକୁ ବହିଷ୍କାର କରି ନିଜକୁ ସେଇ ଆସନରେ ବସାଇବାକୁ ପ୍ରୟାସ କରୁଛି । ଏହା କ'ଣ ଛଳନା ନୁହେଁ ? ଯାହେ ପରମାର୍ଥ ସଂପଦ ଲାଭ କରି ସନ୍ୟାସ ପଥରେ ଗତି କରିବାକୁ ଇଚ୍ଛା, ସେପଟେ ଗୃହସ୍ଥର ଆଚରଣ ରଖି ଶ୍ରେଷ୍ଠ ପଦବୀରେ ବସି ଅନ୍ୟ ଉପରେ ପ୍ରଭୁତ୍ୱ ଜାହିର କରିବାର ଚେଷ୍ଟା ପରସ୍ପର ବିରୋଧିଭାବ ନୁହେଁ କି ?

ଚରମରେ ! ଅନୁଷ୍ଠାନଟିଏ ସୃଷ୍ଟି ହେଲେ ପଦ, ପଦବୀ ନିଶ୍ଚୟ ରହିବ । ପଦ, ପଦବୀ ନ ରହିଲେ ଅନୁଷ୍ଠାନ ଚାଲିପାରିବ ନାହିଁ । କିନ୍ତୁ ସଂଘର ସ୍ରଷ୍ଟା ପ୍ରତ୍ୟେକଙ୍କର ଯୋଗ୍ୟତା, ସମସ୍ୟା, ଜଞ୍ଜାଳକୁ ଲକ୍ଷ୍ୟରଖି ତାଙ୍କ ବିବେଚନାରେ ଉପଯୁକ୍ତ ବ୍ୟକ୍ତିଟିକୁ ଯଦି ପଦବୀ ଦାନ କରନ୍ତି, ତେବେ ତାଙ୍କର ଆଶୀର୍ବାଦରେ ସଂଘ ସୁପରିଚାଳିତ ହେବ ଏବଂ ସେହି ମାଧ୍ୟମରେ ସଂଘର ଉନ୍ନତି ହେବ । କିନ୍ତୁ ସ୍ରଷ୍ଟାଙ୍କ ଇଚ୍ଛାକୁ ସମ୍ମାନ ନ ଦେଇ ପଦବୀ ପାଇଁ ବିଭିନ୍ନ ମିଥ୍ୟା ଆଳ ଦେଖାଇ ଯଦି ପରସ୍ପର ମଧ୍ୟରେ ପ୍ରତିଯୋଗିତା ଲାଗିରହେ ତେବେ ସଂଘ ନିଶ୍ଚୟ ଭୁଶୁଡ଼ି ପଡ଼ିବ । ଇତେ ଆହୁରି ସରଳ କରି ବୁଝାଇ ଦେଉଛି ଶୁଣ, ଆଜି ତୁ ତୋର ଅନ୍ୟ କେତେକ ଭାଇମାନଙ୍କୁ ଏକଜୁଟ କରି ଜଣଙ୍କ ବିରୁଦ୍ଧରେ ଅଭିଯୋଗ ଆଣିଲୁ ଏବଂ ତାକୁ ପଦବୀରୁ ହେଉ ବା ସଂଘରୁ ହେଉ ବିତାଡ଼ିତ କରିବାକୁ ଜିଦ୍ ଧରି ବସିଲୁ । ଗୁରୁ ତୋ କଥା ଗ୍ରହଣ କଲେ । ଫଳରେ ଯେଉଁ ବ୍ୟକ୍ତିଟି ବିତାଡ଼ିତ ହେଲା ତା'ର ଶତ୍ରୁ ଭାବ ତୋ ଉପରେ ରହିଲା । ସୁବିଧା ସୁଯୋଗ ଦେଖି ସେ ତା'ର ଆଉ କେତେଜଣ ସମର୍ଥକ ଭାଇମାନଙ୍କୁ ଧରି ତୋ ବିରୁଦ୍ଧରେ ଜଲ୍ପନା କଲା । ଏହିପରି ଗୋଟିକ ପରେ ଗୋଟିଏ ଚାଲିଲା । ଆଚ୍ଛା କହିଲୁ ବାପ ! ଏହାରି ନାମ କ'ଣ ଧର୍ମୀୟ ସଂଘ ? ଏହାରି ନାମ କ'ଣ ଆଧ୍ୟାତ୍ମିକ ଅନୁଷ୍ଠାନ ? ଏହାକୁ କି କହନ୍ତି ଗୁରୁକୁଳାଶ୍ରମ ? ଯେଉଁଠି ଗୁରୁଙ୍କର ଗୁରୁତ୍ୱ କେହି ବୁଝିବାକୁ ଚାହିଁନୁହେଁ । ପ୍ରତ୍ୟେକ ପ୍ରତ୍ୟେକଙ୍କର ଅହଂକାର ଓ ଚିନ୍ତାଧାରାରେ ବୁଡ଼ିବାକୁ ଇଚ୍ଛା ।

ଧନରେ ! ପୂର୍ବରୁ କହିଛି ସାଧାରଣ ଭାବରେ ବଶବର୍ତ୍ତୀ ହୋଇ ଆସୁଥିବା ବ୍ୟକ୍ତିମାନଙ୍କଠାରେ ଏହି ଲକ୍ଷଣ ନିଶ୍ଚୟ ରହିବ । ଯାହାର ପରିଣତି ତୁ ଆଜି ପ୍ରତ୍ୟେକ ଅନୁଷ୍ଠାନରେ ପାଇବୁ । କୌଣସି ସ୍ଥାନରେ ଗୁରୁଙ୍କ ପ୍ରଭାବ,

ପ୍ରତିଷ୍ଠା ଆଉ ନାହିଁ । ତେଣୁ ଏହାର ପରିଣତି କ'ଣ ଯାଣିଛୁ ? ଯେତେବେଳେ ଗୁରୁ ଲକ୍ଷ୍ୟ କରିବେ ଯେ, ତାଙ୍କର ସମସ୍ତ ଚେଷ୍ଟା ସତ୍ତ୍ୱେ କେହି ଏହି ସାଧାରଣ ଭାବର ଉପରକୁ ଉଠିବାକୁ ରାଜି ନୁହଁନ୍ତି, ସେତେବେଳେ ସେ ନିଜେ ନିଜକୁ ସମସ୍ତଙ୍କର ନିକଟରୁ ଦୂରେଇ ନେବେ ବହୁତ ଦୂରକୁ - ଯେଉଁଠିକୁ କାହାରି ହାତ ପାଏ ନାହିଁ, କିମ୍ବା ସ୍ପର୍ଶ କରିପାରେ ନାହିଁ, ଭକ୍ତି, ଅର୍ଚ୍ଚନା, ପ୍ରାର୍ଥନା ପହଞ୍ଚି ପାରେନାହିଁ ।

ବାବୁରେ ! ଶେଷ ନିଷ୍ପତ୍ତି ନେବା ପୂର୍ବରୁ ଆଜି ପୁଣିଥରେ ତତେ କହୁଛି ବାଟକୁ ଫେରି ଆ, ମତେ ଲକ୍ଷ୍ୟ କର । ମୁଁ ତୋର ସବୁ କଥା ବୁଝିଦେବି । ଖାଲି ଟିକେ ମୋ ଉପରେ ନିର୍ଭର କର । ନିଜର ଆଚରଣ ମାର୍ଜିତ କରିଦେ-ତା ପରେ ଦେଖିବୁ, ତୋର ଚଲାପଥରେ କୌଣସି କଣ୍ଟା ରହିବ ନହିଁ । ମୋର ଆଶିଷ ତୋ ଉପରେ ଅଜାଡ଼ି ହୋଇ ପଡ଼ିବ ।

ଏଥରକ ଏତିକିରୁ ରହୁଛି । ଆସନ୍ତା ଥରକୁ ଏଇଠାରୁ ଆରମ୍ଭ କରୁଛି ।

କଲ୍ୟାଣ କରୁଛି, ବିଜୟୀ ହୁଅ ॥

ତୋର ଚିରମଙ୍ଗଳାକାଂକ୍ଷୀ
ପିତା

***

# କେଶବ କୈବଲ୍ୟ କଣିକା

*ପରମପ୍ରେମମୟ ଶ୍ରୀଶ୍ରୀଶ୍ରୀ ଠାକୁର ବିଭିନ୍ନ ଅବସରରେ ନାନା ପ୍ରସଂଗରେ ଉପସ୍ଥିତ ଗୁରୁଭାଇଭଉଣୀଙ୍କର ସମସ୍ୟାବଳୀ ସମାଧାନ କାଳରେ ବହୁ ଉପାଦେୟ ବାଣୀ ଦେଇଥାଆନ୍ତି । ପ୍ରଭୁପାଦ ଗୁରୁସ୍ୱାମୀ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କର ଶ୍ରୀମୁଖ ନିଃସୃତ ବାଣୀଗୁଚ୍ଛହିଁ କୈବଲ୍ୟ କଣିକା । ଏହି ବାଣୀ ସମୂହକୁ ସଂଗ୍ରହ କରାଯାଇ ବହୁ ଯତ୍ନ ଓ ପ୍ରୟାସରେ ପାଠକ/ପାଠିକାମାନଙ୍କର ଅବଗତି ନିମନ୍ତେ ଚରମ ପୃଷ୍ଠାରେ ଏହି ସ୍ତମ୍ଭରେ ନିୟମିତ ପତ୍ରସ୍ଥ କରାଯାଉଛି । ଏହି ବାଣୀ ସକଳର ଉପାଦେୟତା ସମ୍ପ୍ରତି ଅବଶ୍ୟ ଅନସ୍ୱୀକାର୍ଯ୍ୟ ।*

(୧) ଗୁରୁଙ୍କ ନିକଟରେ କପଟଭାବ ପୋଷଣ କରନାହିଁ । ସେ କିଛିଜାଣିପାରୁନାହାନ୍ତି ଭାବି ତାଙ୍କଠାରେ ଚାଲାକି ଦେଖାଅ ନାହିଁ । ଗୁରୁ ଅନ୍ତର୍ଯ୍ୟାମୀ, ତୁମର ସଂଚିତ ଭାବ ଅନୁସାରେ ତମକୁ ଠିକ୍‌ଫଳ ଦେଉଛନ୍ତି ଓ ଦେବେ ମଧ୍ୟ । ତୁସିଆର ହୁଅ, ଅହଂଜ୍ଞାନ ଭିତରେ ରହିଯିବ, ଚରମପ୍ରାପ୍ତି ହେବ ନାହିଁ ।

(୨) ଅନ୍ତରରେ କୌଣସି ଦୁର୍ବଳତାର ପ୍ରଶ୍ନ ଗୋପନ କରି ରଖ ନାହିଁ । ହୃଦୟ ଖୋଲି ସବୁକଥା ଗୁରୁଙ୍କ ନିକଟରେ ସ୍ଥୂଳରେ ପ୍ରକାଶ କର । ହୃଦୟ ତୁମର ନିର୍ମଳ ହୋଇଯିବ, ଆଉ ଅହଂଜ୍ଞାନର ପ୍ରଭାବ ରହିବ ନାହିଁ ।

(୩) ସ୍ପଷ୍ଟବାଦୀ ହୁଅ, ସତ୍ୟବାଦୀହୁଅ, ଅହଂଜ୍ଞାନ ହୃଦୟକୁ ସ୍ପର୍ଶ କରିପାରିବ ନାହିଁ ।

(୪) ସବୁରି କଥା କାନରେ ଶୁଣି ମନରୁ ତାହା ଦିଅ ପାଶୋରି ।
ହୃଦକନ୍ଦରେ ନିରେଖି ଦେଖ ବିରାଜିଛନ୍ତି ପ୍ରଭୁ ତୁମରି ।

(୫) ଗୋଟିଏ ସଂସ୍କାର ଗଠନ କରିବାକୁ ହେଲେ ତା'ର ଭାବକୁ ବହୁବାର ଚିନ୍ତନ, ମନନ ଓ ଅନୁଶୀଳନ କରିବାକୁ ହୁଏ । ତଦ୍ୱାରା ଭାବ ଘନୀଭୂତ ହୋଇ ସଂସ୍କାରରେ ପରିଣତ ହୁଏ । ସେହିପରି ଗୋଟିଏ କୁସଂସ୍କାରକୁ ନଷ୍ଟ କରିବା ପାଇଁ ବହୁବାର ସେହି ସଂସ୍କାରର ଭାବର ବିରୁଦ୍ଧାଚରଣ କରିବାକୁ ହୋଇଥାଏ ।

(୬) କୌଣସି ଦର୍ଶନ ତତ୍ତ୍ୱକୁ ଜାଣିବାକୁ ହେଲେ, ଧିରେ ଧିରେ ତାହାର ଅନୁଶୀଳନ କରି ସମସ୍ତ କାର୍ଯ୍ୟ ବାସ୍ତବରେ ଧୈର୍ଯ୍ୟର ସହିତ କରିବା ଉଚିତ୍ । ଜନ୍ମଜନ୍ମାନ୍ତର ପାଇଁ ଉଦ୍ଦିଷ୍ଟ ସାଧନାକୁ ଗୋଟିଏ ଜନ୍ମରେ ଶେଷ କରିବାକୁ ବ୍ୟାକୁଳ ହେବା ଠିକ୍ ନୁହେଁ । ଏପରି ମନୋଭାବ ପୋଷଣ କଲେ, ଜୁଆଜୁଆ କଥା ସବୁ ଜାଣିପାରିବ ନାହିଁ କି ଆମେ ମଧ୍ୟ ସବୁ ଜଣାଇବୁ ନାହିଁ । ଏହାଦ୍ୱାରା ନାନା ସମସ୍ୟା ଉପୁଜିବ ।

(୭) ଈଶ୍ୱରଙ୍କୁ ଝୁରିଲେ, ଏହି ଝୁରିବା ପ୍ରକ୍ରିୟା ମଧ୍ୟଦେଇ ସଂସ୍କାର ଗଠନ ହୁଏ ଓ ଦର୍ଶନ ମଧ୍ୟ ହୁଏ । ଏହାକୁ ହିଁ ଆର୍ବିଭାବ କୁହାଯାଏ ।

(୮) ମୌନବ୍ରତ ତାକୁହିଁ କହ, ଆନ କଥାରେ ସ୍ଥିର ଯା' ମତି ।
ପରମତତ୍ତ୍ୱ ଶୁଣି ଅସ୍ଥିର ହେଲେହେଁ ସ୍ଥିର ହୋଇବ ଗତି ।

(୯) ଗୁରୁଙ୍କର ସୂକ୍ଷ୍ମ ମନକୁ ଆକର୍ଷଣ ନ କରିବା ପର୍ଯ୍ୟନ୍ତ କୌଣସି ପ୍ରକାରର ଫଳ ମିଳେ ନାହିଁ । ଆଉ ତାଙ୍କର ସ୍ଥୂଳ ମନକୁ ଆକର୍ଷଣ କରିବାର କୌଣସି ଉପାଦାନ ଜଗତରେ ନାହିଁ । କାରଣ, ସେ ସ୍ଥୂଳ ଜଗତରେ ରହନ୍ତି ନାହିଁ, ସ୍ଥୂଳ ଚିନ୍ତା ମଧ୍ୟ କରନ୍ତି ନାହିଁ । ତାଙ୍କର ସୂକ୍ଷ୍ମମନକୁ ଆକର୍ଷଣ କରିବାର ଏକମାତ୍ର ଉପାୟ ହେଉଛି ଗୁରୁଙ୍କ ଆଜ୍ଞାବାହୀ ହେବା ।

(୧୦)ଯଦି ଦୃଢ଼ ସଂକଳ୍ପ ଅଛି ତ ସାଧନା ପଥରେ ପାଦ ଦିଅ, ନଚେତ୍ ସାଧନା କରି ଶେଷ ପର୍ଯ୍ୟାୟରେ ପହଞ୍ଚି ପାରିବ ନାହିଁ କି ପ୍ରାପ୍ତି ମଧ୍ୟ କିଛିହିଁ ହେବ ନାହିଁ ।

(୧୧)ମୁଁ ବା ମୋର ଉପଯୁକ୍ତ ଜ୍ଞାନୀପୁତ୍ରମାନେ ଧରାପୃଷ୍ଠକୁ ଗଲେ, ଦୁଃଖ ଭୋଗିବାକୁ ହିଁ ପଡ଼େ, ପଡୁଛି ମଧ୍ୟ । ନରଦେହ ଧରିଲେ ହିଁ ଦୁଃଖଯନ୍ତ୍ରଣା ଭୋଗ କରିବାକୁ ହୁଏ, ହେଉଛି । ଦୁଃଖର ବନ୍ଧନରୁ ମୁକ୍ତିର ପଥ ମଧ୍ୟ ଅଛି, ସେ ପଥରେ ଆଗେଇଲେ, ଧିରେ ଧିରେ ଦୁଃଖ କବଳରୁ ତ୍ରାହି ମିଳେ ॥

(୧୨)ମୁଁ ଜୀବର ଅଧୀନ, ଜୀବ ମୋର ଅଧୀନ ନୁହେଁ, କାରଣ ଈଶ୍ୱର ସମସ୍ତ ଜୀବ ମଧ୍ୟରେ ଅଛନ୍ତି, କିନ୍ତୁ ପ୍ରକୃତି ବଶୀଭୂତ ଜୀବ ନିଜର ଇଚ୍ଛାଶକ୍ତି ପ୍ରୟୋଗ କରି ଯେଉଁ ଦିଗକୁ ଗତିକରେ, ଈଶ୍ୱର ସେହି ଦିଗରେ ଜୀବକୁ ଅନୁସରଣ କରନ୍ତି । ଏଣୁ ଜୀବ ନିଜର ଇଚ୍ଛାଧୀନ ହୋଇ କାର୍ଯ୍ୟକରେ । ଈଶ୍ୱର ଜୀବ ଭିତରେ ଥିବାରୁ ଜୀବର ଇଚ୍ଛାଧୀନ ହୋଇ କାର୍ଯ୍ୟ କରନ୍ତି । ପୁଣି, ଈଶ୍ୱରଙ୍କର ଏକ ସ୍ୱତନ୍ତ୍ର ଇଚ୍ଛା ମଧ୍ୟ ଅଛି । ଏହା ଜୀବ ଇଚ୍ଛାର ବିପରୀତ ଅଟେ । ଜୀବ ସ୍ୱଭାବ ବଶରୁ ଚୋରି କରିବା, ମିଛକହିବା, ହିଂସାକରିବା, ଲମ୍ପଟୀ ହେବାର ଇଚ୍ଛା ପୋଷଣ କରିଥାଏ, କିନ୍ତୁ ଈଶ୍ୱରଙ୍କ ଇଚ୍ଛାରେ ସତ୍ୟ, ଶାନ୍ତି, ଦୟା, କ୍ଷମା, ସ୍ନେହ, ମୈତ୍ରି, ଆତ୍ମବୋଧ, ଜଗତ୍‌କଲ୍ୟାଣକର ଭାବ ପୋଷଣ କରିଥାଏ ।

(୧୩)ନିଜେ ପ୍ରତିଷ୍ଠିତ ହୁଅ, କ୍ଷତି ନାହିଁ । କିନ୍ତୁ, ଅନ୍ୟର ପ୍ରତିଷ୍ଠାରେ ବାଧା ସୃଷ୍ଟି କରନାହିଁ ।

(୧୪)ନିଜେ ଆତ୍ମ ସମୀକ୍ଷା କର ଓ ଅନ୍ୟକୁ ଆତ୍ମ ସମୀକ୍ଷା କରିବାରେ ସାହାଯ୍ୟ କର ।

(୧୫)ଅନ୍ୟାୟ କର ନାହିଁ, ଅନ୍ୟାୟର ପ୍ରତିରୋଧ ମଧ୍ୟ କରନାହିଁ, କିନ୍ତୁ ଅନ୍ୟାୟକୁ ତିଳେମାତ୍ର ସମର୍ଥନ କରନାହିଁ । ଏହାରନାମ ଅସହଯୋଗ ।

(୧୬)ବିଷୟର ଆସକ୍ତିରୁ ସ୍ୱାର୍ଥବୁଦ୍ଧିବଶତଃ ଯେଉଁ ଭୋଗଚର୍ଯ୍ୟାମାନ କରାଯାଏ, ତହିଁରୁ ନିବୃତ୍ତ ରହିବାର ନାମହିଁ ଆଚରଣ ।

(୧୭)ଯାହା ଜଗତକଲ୍ୟାଣ ଓ ଜୀବର ଜୀବନ ସାର୍ଥକତାରେ ବିନିଯୋଗ କରାଯାଏ, ତାହା ହେଉଛି ଦାନ ।

(୧୮)ଦାନ ତ୍ରିଗୁଣଯୁକ୍ତ ହୋଇ ତ୍ରିବିଧ (ତିନିପ୍ରକାର) । ସତ୍ତ୍ୱ ଗୁଣର ଦାନ - ଦାନଦେବା ପରେ ସ୍ମରଣରେ ରହେ ନାହିଁ । ରଜଗୁଣର ଦାନ-ଦାନ ଖୋଲାମନରେ ଦେଇଚାଲେ, ବିପଦ ପଡ଼ିଲେ (ଜୀବର ଗତି ପଥରେ ବାଧା ପଡ଼ିଲେ) ପଛକୁ ଫେରି, ମନେପକାଇ ଦାନର ପରିମାଣକୁ ମାପିବସେ । ତମଗୁଣରଦାନ- ଦିଲିଗିଲି ହୋଇ ଦିଏ ଓ ଦେଇସାରି ଆନନ୍ଦିତ ହୁଏ, ତେଣୁ, ଦାନ ଦେଇଥିବା କଥା ଲୋକଙ୍କ ଆଗରେ କହିବୁଲେ । ଏହା ଆତ୍ମପ୍ରଚାରଧର୍ମୀ ।

(୧୯)କୌଣସି ବିଷୟର ମୂଳକାରଣକୁ ଜାଣିବାକୁ ହେଲେ, ପଞ୍ଚସୂତ୍ରୀ ସୂତ୍ର ଅବଲମ୍ବନ କରିବାକୁ ହୁଏ । ଏହି ପଞ୍ଚସୂତ୍ର ହଲା - ଭିତ୍ତି, ସ୍ଥିତି, ହେତି, ଫଳ ଓ ମିମାଂସା । ଏହି ପଞ୍ଚସୂତ୍ରରେ ଜ୍ଞାତବ୍ୟ ବିଷୟର ବିଚାର କରିବାକୁ ହୁଏ ।

(୨୦)ଶାସ୍ତ୍ର ଆଲୋଚନା ଏବଂ ସତ୍‌ସଂଗ ହେଉଛି କର୍ମଯୋଗର ପ୍ରଥମ ସୋପାନ । ଏହା ମାଧ୍ୟମରେ ମାୟା ବା ପ୍ରକୃତିକୁ ନିୟନ୍ତ୍ରଣ କରାଯାଏ ଓ ପରେ ନାମ ଭଜନ କରାଯାଏ । ଏହି ନାମ ଭଜନ ଜୀବର ମୋକ୍ଷପ୍ରାପ୍ତି ପର୍ଯ୍ୟନ୍ତ ଚାଲୁ ରହିବା ଆବଶ୍ୟକ ।

***

# ଜିଜ୍ଞାସା : ଜିଜ୍ଞାସୁ

*ଶ୍ରୀ ଠାକୁରଙ୍କ ସହିତ ପୂର୍ଣ୍ଣକ୍ଷେତ୍ରସ୍ଥ 'ଝିଟିଜ୍ୟୋତି ଆଶ୍ରମ'ର ପ୍ରଥମ ପ୍ରାଧାନାଚାର୍ଯ୍ୟ ଦିବଂଗତ ଯତୀଶଦା'ଙ୍କର ବିଭିନ୍ନ ପ୍ରସଂଗରେ ବହୁ ଅବସର ମୁହୂର୍ତ୍ତରେ ଆଲୋଚନା ହୋଇଯାଇଛି । ଯତୀଶଦା'ଙ୍କର ଡାଇରିରେ ସେସବୁ ଲିପିବଦ୍ଧ ହୋଇରହିଛି । ସେ ସକଳ ଆଲୋଚନା ସଂଗୃହୀତ ହୋଇ ସଯତ୍ନ ପର୍ଯ୍ୟାୟକ୍ରମରେ 'ଚରମ' ପୃଷ୍ଠାରେ ପତ୍ରସ୍ଥ ହେଉଛି । 'ଚରମ' ତୃତୀୟ ପୁଷ୍ପ, ଦ୍ୱିତୀୟ ପାଖୁଡ଼ା (ନବମ ସଂଖ୍ୟା)ରୁ ଏହି ସ୍ତମ୍ଭରେ ଦଣ୍ଡମୋଦକର 'ଉଚ୍ଚ ନୀଚ ଭେଦଭାବ' ସମ୍ବନ୍ଧରେ ପ୍ରଶ୍ନୋତ୍ତରୀ (ଏକାଦଶ ସଂଖ୍ୟା) ତୃତୀୟ ପୁଷ୍ପ : ଚତୁର୍ଥ ପାଖୁଡ଼ା ପର୍ଯ୍ୟନ୍ତ ଦିଆଯାଇଛି । ଏହି ସଂଖ୍ୟାରୁ ଦଣ୍ଡମୋଦକର 'ଶିକ୍ଷାଗତ ଯୋଗ୍ୟତା' ସଂପର୍କରେ ଆଲୋଚନା ପତ୍ରସ୍ଥ ହୋଇଛି ।*

*ଆଧ୍ୟାତ୍ମିକ ଶିକ୍ଷାରେ ଏହି ପ୍ରଶ୍ନୋତ୍ତରୀ ଆଲୋଚନା ଲୁକ୍କାୟିତ ଏବଂ ଜିଜ୍ଞାସୁ ଭକ୍ତମାନଙ୍କର ଆଧ୍ୟାତ୍ମିକ ଜୀବନ ଓ ସାଧନାପଥରେ ବହୁ ସଂଶୟ ଓ ସନ୍ଦେହ ମୋଚନର ସହାୟକ । ଏହା 'ଚରମ'ର ଏକ ସୁଖପାଠ୍ୟ, ଶିକ୍ଷଣୀୟ ଓ ଆଚରଣୀୟ ବିଭାଗ । ଅନେକ ବ୍ରହ୍ମଜିଜ୍ଞାସୁ ଓ ସଂସ୍କାରଧର୍ମୀ ପାଠକ/ପାଠିକାମାନଙ୍କର ମନକୁ ଛୁଇଁ ପାରିଛି ଏହି ବିଭାଗ । ଏଥିପାଇଁ ସେମାନଙ୍କୁ ଅନୁଷ୍ଠାନ ତରଫରୁ ହାର୍ଦ୍ଦିକ କୃତଜ୍ଞତା ଜଣାଉଛୁ ॥*

ଶ୍ରୀଗୁରୁସ୍ୱାମୀଙ୍କ ସହିତ ନାନାପ୍ରସଂଗେ

ଯତୀଶଦା' : (ସ୍ମିତ ହସି) ଠାକୁରେ, ଉଚ୍ଚନୀଚ ଭେଦଭାବ ଏବଂ ନିର୍ବିକାର ତତ୍ତ୍ୱ କଥା ତ କହିଲେ, ବୁଝିଲୁ, ଏବେ ଶିକ୍ଷାର ମାନ କ'ଣ ସେ ବିଷୟରେ ଦୟାକରି ବୁଝାଇ ଦେବାକୁ ପ୍ରାର୍ଥନା କରୁଛୁ ।

ଶ୍ରୀଶ୍ରୀଠାକୁର : (ଅଳ୍ପ ହସି) ଶିକ୍ଷାର ମାନ ଆଉ କ'ଣ ? ଶିକ୍ଷାରୁ ଯାହା ମିଳେ ଓ ଶିକ୍ଷା ଭିତରେ ଯେଉଁ କରଣି ନିହିତ ଅଛି, ତାହା ହେଉଛି ଶିକ୍ଷାର ମାନ ।

ଯତୀଶଦା' : ତା'ହେଲେ ଶିକ୍ଷାରୁ କ'ଣ ମିଳେ ଖୋଲି କହୁ ନାହାନ୍ତି ।

ଶ୍ରୀଶ୍ରୀଠାକୁର : ପାଠଶାଠ ପଢ଼ିଛ ତ ଏଠାକୁ ଆସିଛ । ତମେ କହନ ଶିକ୍ଷାରୁ କ'ଣ ମିଳେ ।

ଯତୀଶଦା' : କ'ଣ ଆଉ ମିଳେ ? (ଟିକିଏ ନୀରବ ରହି ଭାବିଚିନ୍ତି କହିଲେ) ଗୋଟିଏ ପ୍ରମାଣପତ୍ର ମିଳେ । ଆମେ ସମସ୍ତେ ତାକୁ ସାର୍ଟିଫିକେଟ୍ ବୋଲି କହୁଁପରା !!

ଶ୍ରୀଶ୍ରୀଠାକୁର : (ସ୍ମିତ ହସି) ତମମାନଙ୍କୁ ମିଳିଥିବା ପ୍ରମାଣ ପତ୍ରରେ କ'ଣ ଥାଏ ? କେବଳ ଶବ୍ଦ ଜ୍ଞାନର ଡ଼ିଗ୍ରୀ ନା ??

ଯତୀଶଦା' : ଆଜ୍ଞା, ହଁ । ତା'ନୁହେଁତ ଆଉ କ'ଣ ??

ଶ୍ରୀଶ୍ରୀଠାକୁର : ଏହି ଡ଼ିଗ୍ରୀଗତ ଯୋଗ୍ୟତାରୁ କ'ଣ ସୃଷ୍ଟି ହୁଏ ଜାଣିଛତ ? ଏଥିରୁ ସୃଷ୍ଟି ହୁଏ ଅହଂ, ମାନ ଓ ପରଶ୍ରୀକାତରତାରଭାବ । ଏହିଭାବ ତମମାନଙ୍କ ଅନ୍ତଃକରଣରେ ଦାନାବାନ୍ଧି ରହିଥାଏ । ପୁଣି ଶିକ୍ଷାଗତ ଯୋଗ୍ୟତା ବଳରେ ତମେ ଧନଅର୍ଜ୍ଜନ କରି ନିଜନିଜର ପେଟ ପୋଷ, ପରିବାର ପ୍ରତିପୋଷଣ କର । ନୁହେଁ କି ??

ଯତୀଶଦା' : ଏହି ଯେଉଁ କହିଲେ ଅହଂ, ମାନ ଓ ପରଶ୍ରୀକାତରତା - ଏମାନେ ତ ମନୁଷ୍ୟର ପରମ ଶତ୍ରୁ, ଏସବୁକୁ ତ୍ୟାଗ କରିବା ପାଇଁ ଶାସ୍ତ୍ର ଉପଦେଶ ଦେଇଛି । ସମସ୍ତେ ତ ଜାଣନ୍ତି, ଶିକ୍ଷାଦ୍ୱାରା ମଣିଷର ଚରିତ୍ର ସଂଶୋଧନ ଓ ନୂତନ ଚରିତ୍ର ଗଠନ ହୁଏ ବୋଲି । ଶିକ୍ଷା ମନୁଷ୍ୟ ଜୀବନର ଗତିପଥକୁ ସସଂଯତ ଓ ସୁନିୟନ୍ତ୍ରିତ କରିଥାଏ । କିନ୍ତୁ, ଆପଣ ଯେ କହୁଛନ୍ତି, ଶିକ୍ଷାର ମାନରୁ ଅହଂ, ମାନ, ପରଶ୍ରୀକାତରତା ଭଳି ମହାକଳଙ୍କ ସୃଷ୍ଟିହୁଏ ବୋଲି । ଭଲଭାବରେ ଟିକିଏ ବୁଝାଇ ଦିଅନ୍ତୁ ।

ଶ୍ରୀଶ୍ରୀଠାକୁର : ଆଚ୍ଛା, କହୁଛି ଶୁଣ, ଶିକ୍ଷାର ମାନ ଦ୍ୱିବିଧ । ଶବ୍ଦଜ୍ଞାନ ଓ ବୋଧଜ୍ଞାନ । ଏହାର ଗୋଟିଏ ସ୍ତର ବ୍ୟକ୍ତିର ମାନସରେ ଫଳ ଦିଏ । ଏହାକୁ ଶବ୍ଦଜ୍ଞାନ କୁହାଯାଏ । ଅନ୍ୟ ସ୍ତରଟି ହେଉଛି ବୋଧଜ୍ଞାନ । ଏହାର ପ୍ରଭାବ ବ୍ୟକ୍ତିର ଶରୀର ଉପରେ ପଡ଼ି ଶାରୀରିକ ଓ ମାନସିକ ସଂଯମତା ଆଣି ବୋଧରୂପକ ମହାଧୃତି ସୃଷ୍ଟି କରିଥାଏ । ଶବ୍ଦଜ୍ଞାନରୁ ଅହଂ, ମାନ ଓ ପରଶ୍ରୀକାତରତା ଭଳି ହାନୀକାର ଭାବର ସୃଷ୍ଟି ହୁଏ । ଏହା ଶରୀରର ସୃଜନଶୀଳ ଗ୍ରନ୍ଥିମାନଙ୍କରୁ ସୃଷ୍ଟି ହୋଇଥାଏ । ଏହା ମାନସଫଳକରୁ ଭାବ ଯୋଗାଇଥାଏ । ଏହି ଭାବର ବଶବର୍ତ୍ତୀ ହୋଇ ବ୍ୟକ୍ତି ବିବେକଜ୍ଞାନ ରୂପକ ମହାସଂପଦ ହରାଇଥାଏ । ଶିକ୍ଷାର ମାନ ଏହି ଭଳି ଦ୍ୱିବିଧ ହୋଇଥିବାରୁ ଶିକ୍ଷାର କର୍ଷଣ ମଧ ଦ୍ୱିବିଧ । ଗୋଟିଏ ହେଉଛି ବୈଷୟିକ ଶିକ୍ଷାର କର୍ଷଣ ଏବଂ ଅନ୍ୟଟି ହେଉଛି ଅଧ୍ୟାତ୍ମ ବା ଆତ୍ମବୋଧର କର୍ଷଣ । ବୈଷୟିକ ଶିକ୍ଷାର କର୍ଷଣରେ ଚଳନି, କରଣି, ଉପାର୍ଜନ, ପ୍ରତିପୋଷଣ, ଧାରଣ, ବାରଣ, ମାରଣ, ତାଡ଼ନ, ମାନ, ଗର୍ବ, ଅହଂକାର, ଈର୍ଷା, ପରଶ୍ରୀକାତରତା ଆଦି ବୃତ୍ତିସକଳ ମାନସଫଳକରେ ପ୍ରତିଫଳିତ ହୋଇଥାଏ । ଫଳତଃ ମନ ଓ ଶରୀରରେ ସୃଜନ ଗ୍ରନ୍ଥିମାନ ସୃଷ୍ଟିହୋଇ ଭୌତିକ ବିଷୟସମୂହ ସଂଗ୍ରହରେ ସଦାତତ୍ପରତା ଯୋଗାଇ ଭବିଷ୍ୟତ ସୃଷ୍ଟି କରିଥାଏ । ସେହିପରି ଅଧ୍ୟାତ୍ମ ବା ଆତ୍ମବୋଧର କର୍ଷଣରୁ ବୋଧଜ୍ଞାନ, ଅହିଂସା, ଆଦର୍ଶ, ଦକ୍ଷତା, ଅନୁଚିନ୍ତା, ଅନୁରାଗ, ନିୟନ୍ତ୍ରଣ ବୃତ୍ତି, ଧୃତି, ସର୍ବଭକ୍ଷନୀତି, ସଂହତି, ସହାନୁଭୂତି, ଶକ୍ତି, ବିଭୂତି, କୈବଲ୍ୟ, ଚୈତନ୍ୟମୟବୃତ୍ତି ଆଦି ପ୍ରତିଫଳିତ ହୋଇ ଜୀବନକୁ ଈଶ୍ୱରଉପଲବ୍ଧି ପଥରେ ଆଗେଇ ନେଇଯାଏ । ଆଧ୍ୟାତ୍ମଶିକ୍ଷାର କର୍ଷଣରୁ ବ୍ୟକ୍ତିର ଶରୀରରେ ତଦନୁରୂପ ସୃଜନ କୋଷମାନ ଉତ୍ପନ୍ନ ହୋଇ ବ୍ୟକ୍ତିର ସ୍ୱରୂପରେ ନୂତନ ରୂପ ଦେଇ ବ୍ୟକ୍ତି ଚରିତ୍ର ଓ ଆଚରଣକୁ ରୂପାନ୍ତରିତ କରିଥାଏ । ବୈଷୟିକଜ୍ଞାନ ପରିମାପକ ଡ଼ିଗ୍ରୀ ବା ତଜ୍ଜନିତ ପଦପଦବୀ ଲାଭ ସହିତ ଆଧ୍ୟାତ୍ମିକ ଶିକ୍ଷାର ଆତ୍ମବୋଧଜ୍ଞାନ ସଂଯୁକ୍ତ ହେଲେ, ଜୀବନର ଜୀବନତ୍ୱ ଓ ମହାନତାକୁ ଉପଲବ୍ଧି କରିହୁଏ । ମାତ୍ର, ବୈଷୟିକଜ୍ଞାନ ସହିତ ଆତ୍ମଜ୍ଞାନ ଯୋଗ ନ ହେବାରୁ ଆଜି ସକଳ ପ୍ରାପ୍ତି ମଧ୍ୟରେ ସବୁ ଅପ୍ରାପ୍ତ, ଅସାର ଓ ଅନ୍ତଃସାରଶୂନ୍ୟ ହୋଇପଡ଼ିଛି ।

ଯତୀଶଦା' : କେଉଁ ମାନଙ୍କ ସହଯୋଗରେ ଓ କେଉଁଠି ମାନର କର୍ଷଣ କରାଯାଏ ??

ଶ୍ରୀଶ୍ରୀଠାକୁର : ଶବ୍ଦଜ୍ଞାନ ବା ବୈଷୟିକ ଜ୍ଞାନର କର୍ଷଣ ବାପା ମାଆଙ୍କଠାରୁ ଆରମ୍ଭ କରି କୁଳଗୁରୁ, ଶିକ୍ଷାଗୁରୁ ଓ ଉପଦେଷ୍ଟା ଗୁରୁମାନଙ୍କ ଦ୍ୱାରା ବିଭିନ୍ନ ଶିକ୍ଷାନୁଷ୍ଠାନରେ ଓ ଗୃହ, ସମାଜର ବିଭିନ୍ନ କ୍ଷେତ୍ରାଦିରେ ପ୍ରାୟ କରାଯାଇଥାଏ । ବାପା ମାଆଙ୍କର ଶିକ୍ଷାନୁଷ୍ଠାନହିଁ ଗୃହ ଓ ପରିବାର । ଏଠାରୁ ବଂଶର ମର୍ଯ୍ୟାଦା, ସ୍ୱାଭିମାନ, ଗୃହ ଓ ପରିବାରର ନିୟମ ଓ ଆଚାର ଆଚରଣ ଆଦି ଶିକ୍ଷା କରାଯାଏ । କୁଳଗୁରୁଙ୍କର ଶିକ୍ଷାନୁଷ୍ଠାନ ଇଷ୍ଟଦେବଙ୍କର ପୂଜାମନ୍ଦିର ଏବଂ ଏଠାରୁ ଇଷ୍ଟଦେବ ଓ ସର୍ବଦେବଦେବୀଙ୍କର ପରିଚୟ ଓ ଭକ୍ତି ଇତ୍ୟାଦି ଶିକ୍ଷା କରାଯାଏ । ସେହିପରି ଶିକ୍ଷାଗୁରୁଙ୍କର ଶିକ୍ଷାନୁଷ୍ଠାନ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଇତ୍ୟାଦି । ଏଠାରୁ ଉପାର୍ଜନ କ୍ଷମତା ଓ ବୈଷୟିକ ଜ୍ଞାନର ପଦବୀ ଲାଭ କରାଯାଏ । ଉପଦେଷ୍ଟା ଗୁରୁମାନଙ୍କର ଶିକ୍ଷାନୁଷ୍ଠାନ ସାମାଜିକ ସଂପ୍ରଦାୟ, ଗୋଷ୍ଠି ବା ଦଳ । ଏଠାରୁ ଧର୍ମ ମାର୍ଗର ନୀତି ଉପଦେଶ, ନୀତିନିୟମ ଇତ୍ୟାଦି ଶିକ୍ଷା କରାଯାଏ । ଧର୍ମମାର୍ଗର ଶିକ୍ଷା ପରେ ମଧ ପଦବୀ ମିଳିଥାଏ । ଏଥିପାଇଁ ଦର୍ଶନଶାସ୍ତ୍ର ସକଳ ଅଧ୍ୟୟନ, ମଖସ୍ଥ କରି ସ୍ମରଣ କରି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ହୁଏ । ଏହି ଶବ୍ଦଜ୍ଞାନ

ଶିକ୍ଷାର କର୍ଷଣରୁ ଶିକ୍ଷାଗୁରୁମାନଙ୍କଠାରୁ ଧନ, ମାନ, ନୀତି, ନିୟମ, ବୈଷୟିକ ଐଶ୍ୱର୍ଯ୍ୟର ପଦପଦବୀମାନ ମିଳିଥାଏ । ଏହା ବ୍ୟକ୍ତିର ଅନ୍ତଃର୍ଜଗତରେ ନାନାଦି ଯୁକ୍ତି, ତର୍କ, ବାଦ, ବିସମ୍ବାଦ, ସଂଶୟ, ସନ୍ଦେହ ଓ ପ୍ରମାଣ ରୂପକ ଅନ୍ତର୍ବୃତ୍ତି ସୃଷ୍ଟି କରି ଅନ୍ତଃକରଣକୁ ଦୋଳାୟିତ ଓ ଦୋଦୁଲ୍ୟମାନ କରିଥାଏ ।

ଯତୀଶଦା' : ଆଧାତ୍ମିକ ଶିକ୍ଷାର କର୍ଷଣ କିପରି ଓ କେଉଁଠାରେ କରାଯାଏ, କହୁନାହାନ୍ତି ??

ଶ୍ରୀଶ୍ରୀଠାକୁର : ଏହି ଶିକ୍ଷାର କର୍ଷଣ ପାଇଁ ପ୍ରଥମେ ଗୁରୁ ବରଣ କରିବାକୁ ହୁଏ । ଗୁରୁଙ୍କର ଶିଷ୍ୟ ହୋଇ ସେବା, ଆନୁଗତ୍ୟ ଓ ଭକ୍ତି ଦ୍ୱାରା ଗୁରୁଙ୍କୁ ସନ୍ତୁଷ୍ଟ କରିବାକୁ ହୁଏ । ପ୍ରତ୍ୟକ୍ଷଗୁରୁ ଗୁରୁକୁଳ ଆଶ୍ରମରେ ଶିଷ୍ୟକୁ ଦୀକ୍ଷାଦେଇ ଆଧାତ୍ମ ଶିକ୍ଷା କର୍ଷଣର ଅଭ୍ୟାସ କରାଇଥାଆନ୍ତି । ଆଧାତ୍ମଶିକ୍ଷା ମୁଖ୍ୟତଃ ଶରୀର ସାଧନ ପାଇଁ ଅଭ୍ୟାସଯୋଗ ଦ୍ୱାରା ସାଧନ କରିବାରୁ ଲାଭ ହୋଇଥାଏ । ଏ ପ୍ରକାର ସାଧନା ଦ୍ୱାରା ଅସଂଯତ ଦେହ ଓ ଅସଂଯତ ମନ ସଂଯତ ଓ ସୁନିୟନ୍ତ୍ରିତ ହୋଇଥାଏ । ଯେପରି ଗାଡ଼ିର ଇଂଜିନ୍ ଶକ୍ତିପ୍ରାପ୍ତ ହୋଇ ଚକ ଦ୍ୱାରା ଗାଡ଼ିକୁ ଦ୍ରୁତଗତିରେ ଆଗକୁ ଗଡ଼ାଇ ନିଏ, ଗଡ଼ିଯାଉଥିବା ଗାଡ଼ିକୁ ଅଟକାଇବା ବଡ଼ କଷ୍ଟ, ପୁଣି ଅତି ସହଜ ମଧ୍ୟ । ସୂତ୍ରଧରି ଯଦି ବ୍ରେକ୍ ଦିଆଯାଏ, ଗାଡ଼ି ଅତି ସହଜରେ ସୁକ୍ଷ୍ମ ଭାବରେ ନିୟନ୍ତ୍ରିତ ହୋଇଯାଏ । ସୂତ୍ର ନ ଧରି ବ୍ରେକ୍ ନ କଷି ଗାଡ଼ି ଆଗରେ ବଡ଼ ପଥର ଖଣ୍ଡେ ପକାଇ ଗାଡ଼ିର ଗତିରୋଧର ଚେଷ୍ଟାକଲେ, ଫଳ କ'ଣ ହୁଏ ? ନିୟନ୍ତ୍ରଣ ହରାଇ ଗାଡ଼ି ଓଲଟି ପଡ଼େ ଓ ଅସତର୍କତା ଓ ଅସାବଧାନତାରୁ ଦୁର୍ଘଟଣା ଘଟେ । ସେହିପରି ଆତ୍ମଜ୍ଞାନ ଅଭାବରୁ ଅନିୟନ୍ତ୍ରିତ ଓ ଅସଂଯତ ଦେହ ଓ ମନ ବୈଷୟିକ ଜ୍ଞାନର ବଶବର୍ତ୍ତୀ ହୋଇ ବିଷୟପ୍ରାପ୍ତି ଦିଗରେ ଦ୍ରୁତଗତିରେ ପ୍ରଧାବିତ ହେଉଥିବାରୁ ବିପର୍ଯ୍ୟସ୍ତ ଓ ବିପଦଗ୍ରସ୍ତ ହେଉଅଛି । ଫଳରେ ବିକାର, ଅଶାନ୍ତି, ଅବସାଦ, ବିଷାଦ ଦ୍ୱାରା ଗ୍ରସ୍ତ ହୋଇ ଜୀବନର ମୂଲ୍ୟବୋଧ ହରାଇବସୁଛି । ସାରକୁ ଅସାର କରୁଅଛି । ତେଣୁ, ବୈଷୟିକଶିକ୍ଷା ସହ ଅଧାତ୍ମଶିକ୍ଷାକୁ ସଂଯୁକ୍ତ କରି ଶିକ୍ଷାଦାନ/ଶିକ୍ଷାଗ୍ରହଣ କରାଗଲେ, ବିଷୟଉନ୍ମୁଖୀ ଦେହକୁ ସୂତ୍ରଧରି ବ୍ରେକ୍ ଦେଇ ନିଜ ଆୟତରେ ରଖିହୁଏ ।

ଯତୀଶଦା' : ଅଧାତ୍ମଶିକ୍ଷାର ଆତ୍ମବୋଧ ଆଣିବା ପାଇଁ ଯେଉଁ ସାଧନା କରାଯାଏ ତାହା କ'ଣ କେବଳ ଦେହ ଉପରେ ପର୍ଯ୍ୟବସିତ ??

ଶ୍ରୀଶ୍ରୀଠାକୁର : ଅଧାତ୍ମଶିକ୍ଷାର ଦୁଇଟି ଦିଗ ଅଛି । ଗୋଟିଏ ଦେହ ଅନ୍ୟଟି ମନ । ଦେହସ୍ତରର ସାଧନାରେ ଆସନ, ମୁଦ୍ରା, ଲୟ, ଧେୟ, ଆଚରଣ, ଶୌଚ, ସଦାଚାର ଇତ୍ୟାଦିକୁ ସାଧନ କରିବାକୁ ହୁଏ । ସେହିଭଳି ମାନସସ୍ତରରେ ବିବେକ, ଧୃତି, ସହନଶୀଳତା, ବିଚାର, ଯୁକ୍ତି, ଅର୍ଥ ଅଧ୍ୟୟନ, ମନ୍ତ୍ର, ଧାରଣା, ଧ୍ୟାନ ଓ ସମାଧି ଆଦିକୁ ଅଭ୍ୟାସ କରି ସାଧନ କରିବାକୁ ହୁଏ । ବୈଷୟିକ ଶିକ୍ଷାରୁ ସୃଷ୍ଟି ହେଉଥିବା ସନ୍ଦେହ, ଅବିଶ୍ୱାସ, ସ୍ୱାର୍ଥ, ଦ୍ୱନ୍ଦ୍ୱ, କପଟ, ଭ୍ରଷ୍ଟାଚାର, ମାନ, ଅଭିମାନ ରୂପକ ବୈକାରୀୟ ଭାବସକଳ ମାନସସ୍ତରରେ ଠୁଳ ହୋଇ ଅନ୍ତର୍ଦାହ ସୃଷ୍ଟି କରିଥାଏ । ମାତ୍ର ଅଧାତ୍ମଶିକ୍ଷା ଦ୍ୱାରା ସେ ସବୁର ଦହନରୁ ମୁକ୍ତି ମିଳିଥାଏ ଓ ଫଳଶ୍ରୁତି ସ୍ୱରୂପ ଶାନ୍ତି, ସନ୍ତୋଷ, ପ୍ରଜ୍ଞା ଓ ଐଶ୍ୱର୍ଯ୍ୟମାନ ପ୍ରାପ୍ତ ହୁଏ ।

ଯତୀଶଦା' : ଦେହକୁ ସାଧନ କରିବା ଦ୍ୱାରା ସାଧକର କ'ଣ ପ୍ରାପ୍ତ ହୁଏ ??

ଶ୍ରୀଶ୍ରୀଠାକୁର : ଦେହ ସ୍ତରର ସାଧନ ମାର୍ଗରେ ପରିଚାଳିତ ହୋଇ ଦେହକୁ ସାଧନ କରିବା ଦ୍ୱାରା ଆହାର,

ସଂସ୍କାର, କୋଷ, ସ୍ନାୟୁ, ପ୍ରକୃତି, ଇନ୍ଦ୍ରିୟ, ପ୍ରବୃତ୍ତି ଇତ୍ୟାଦିଙ୍କର କ୍ଷୁଧା, ତୃଷ୍ଣା ଓ ଶରୀରରେ ସୃଷ୍ଟି ହେଉଥିବା ସ୍ନାୟବିକ, ଆଣବିକ କମ୍ପନ ଏବଂ ଭାବତରଙ୍ଗର ଶିହରଣ ସକଳ ନିରୁଦ୍ଧ ହୋଇ ଦେହ ହାଲୁକା ହୋଇଯାଏ । ସତ୍ତ୍ୱଗୁଣ ପ୍ରଭାବଶାଳୀ ହୋଇ ଅନ୍ୟ ଦୁଇଗୁଣ ଯଥା - ରଜ ଓ ତମ ଗୁଣକୁ ବଶୀଭୂତ କରି ଦେହକୁ ଶୁଷ୍କ ଓ ଅମୀୟରସଯୁକ୍ତ ହାଲୁକା କରିଦିଏ । ଫଳରେ ଆହାର, ମୈଥୁନ ଇତ୍ୟାଦି ଦୈହିକ ବିଷୟଗୁଡ଼ିକ ସୁନିୟନ୍ତ୍ରିତ ହୋଇ ରୋଗ, ବ୍ୟାଧି, ଜରା, ଜ୍ୱଳା, ଯନ୍ତ୍ରଣାର ଉପଶମ ଓ ସମାଧାନ କରିଥାଏ ।

ଯତୀଶଦା' : ପ୍ରଭୁ, ଦେହ ଓ ମନ ଏହି ଦୁଇ ସାଧନାରୁ ପ୍ରଥମେ କେଉଁ ଗୋଟିକ ଅନୁଷ୍ଠାନ କରି ସାଧନ କରିବା ଉଚିତ୍ ??

ଶ୍ରୀଶ୍ରୀଠାକୁର : (ଅଳ୍ପଅଳ୍ପହସି) ଶରୀର ସାଧନ ଓ ମାନସ ସାଧନ ଉଭୟ ପରସ୍ପର ସହଯୋଗୀ, ଅନୁପୂରକ । ମନେକର, ଯଦି ଦେହ ସାଧନ ଉପରେ ପ୍ରଥମେ ଗୁରୁତ୍ୱ ଦିଆଯାଏ, ତେବେ ଦେହ ସାଧନ ହେବା ସଂଗେ ସଂଗେ ମନ ମଧ୍ୟ ଆପଣା ଆପେ ଦେହ ସହିତ ସାଧନକୁ ଆସିଯାଏ । ସେହିପରି, ଯଦି ମାନସ ସାଧନ ପ୍ରଥମେ ଅନୁଷ୍ଠାନ କରାଯାଏ, ତେବେ ମନ ସାଧନ ହେବା ସଂଗେ ସଂଗେ ଦେହ ମଧ୍ୟ ସ୍ୱତଃ ସାଧନକୁ ଆସିଯାଏ । ଦେହ ଓ ମନ ଗୋଟିଏ ସାଧନ ସୂତ୍ରର ଦୁଇମୁଣ୍ଡ । ସୂତାର ଯେକୌଣସି ଗୋଟିଏ ମୁଣ୍ଡ ଧରି ଟାଣିଲେ, ଅପରମୁଣ୍ଡଟି ଆପେ ଟାଣି ହୋଇଆସେ । ସେହିପରି ଦେହକୁ ସାଧିଲେ ମନସାଧି ହୁଏ ଓ ମନକୁ ସାଧିଲେ ଦେହ ଆପେଆପେ ସାଧନ ଭିତରକୁ ଆସିଯାଏ । ସୁତରାଂ ଦୁଇଟି ସାଧନ ପରସ୍ପରର ସହଯୋଗୀ ହୋଇଥିବାରୁ ଯେକୌଣସି ଗୋଟିକର ସାଧନରେ ଅନ୍ୟଟି ସାଧିତ ହୁଏ । ଏହି ଉଭୟ ସାଧନ ଏକ ସଂଗରେ ଚାଲେ ଓ କାର୍ଯ୍ୟକାରୀ ମଧ୍ୟ ହୁଏ ।

ଯତୀଶଦା' : କେହିକେହି ମନକୁ ସାଧିବା ପାଇଁ ପ୍ରଥମେ ଯତ୍ନ କରନ୍ତି, ପୁଣି କେହିକେହି ଦେହକୁ ସାଧିବା ପାଇଁ ଆଗେ ଯତ୍ନ କରନ୍ତି ଏବଂ ଏହି ଦୁଇଧାରାର ପରସ୍ପର ସପକ୍ଷବିପକ୍ଷ ଯୁକ୍ତି ମଧ୍ୟ ବାଢ଼ନ୍ତି । କଥା କଟାକଟି ହୋଇ, ଯୁକ୍ତିତର୍କ କରି ପରସ୍ପର ପରସ୍ପରକୁ ବିରୋଧି ଦୃଷ୍ଟିରେ ଦେଖନ୍ତି । ଏହା କ'ଣ ଠିକ୍ ? ଏପରି ଦେଖିବାର କାରଣ କ'ଣ ??

ଶ୍ରୀଶ୍ରୀଠାକୁର : ଯେଉଁମାନେ ଯୁକ୍ତିତର୍କ କରି କଥା ଓ ମତବାଦ କଟାକଟି କରନ୍ତି ସେମାନେ ଉପଯୁକ୍ତ ପ୍ରତ୍ୟକ୍ଷ ଗୁରୁଙ୍କର ହାତୁଡ଼ ଖାଇ ନ ଥାନ୍ତି । ବୈଷୟିକ ଶିକ୍ଷାରୁ ପ୍ରାପ୍ତ ଶିକ୍ଷାଗତ ଯୋଗ୍ୟତାରୁ ଗର୍ବ, ମାନ, ଅହଂକାରର ବଶୀଭୂତ ହୋଇ ପାଷାଣ ମତରେ ଯୁକ୍ତିକରି ଭୂଷପଣ୍ଡିତ ବୋଲାନ୍ତି । (ଅର୍ଥାତ୍: ଅଜ୍ଞାନତା ବଶତଃ ଜୀବ ନିଜ ମାନ ଅଭିମାନକୁ ରକ୍ଷା କରିବା ପାଇଁ ପରସ୍ପର ମଧ୍ୟରେ ଭୁଷାଭୁଷି ହୋଇ କଳହ କରନ୍ତି ବୋଲି ଏମାନଙ୍କୁ ଭୂଷପଣ୍ଡିତ ବୋଲାଯାଏ ।) କିନ୍ତୁ ପ୍ରକୃତ ପଣ୍ଡିତ ବା ପ୍ରତ୍ୟକ୍ଷଗୁରୁଙ୍କର ହାତୁଡ଼ରେ ପଡ଼ିଲେ, ଠିକଣା ସମୟରେ ଠୋକର୍ ଖାଇ ଠିକ୍ ତତ୍ତ୍ୱ ପାଇଯାଆନ୍ତି । ଆଉ ଠକ ହାତୁଡ଼ରେ ପଡ଼ିଲେ, ଅଭିଶପ୍ତ ହୋଇ ଠକି ଯାଆନ୍ତି ।

ଏକ ଈଶ୍ୱର, ଅନେକ ସୃଷ୍ଟି । ପ୍ରତ୍ୟେକ ସୃଷ୍ଟି ପରସ୍ପରର ସହଯୋଗୀ ହୋଇଥିବାରୁ ସମଗ୍ର ସୃଷ୍ଟି ତିଷ୍ଠି ରହିପାରିଛି । ସେହିପରି ପ୍ରତ୍ୟେକ ସୃଷ୍ଟି ପରସ୍ପର ଅସହଯୋଗୀ ହୋଇ ବିପର୍ଯ୍ୟସ୍ତ ଓ ବିଧ୍ୱସ୍ତ ହେଉଅଛି । ସାମାଜିକ ଜୀବନରେ ଏହି ଅସହଯୋଗିତାରୁ ସାମ୍ପ୍ରତିକ ସାମ୍ପ୍ରଦାୟିକ ଦଙ୍ଗା, ଦ୍ୱନ୍ଦ୍ୱ, କଳହ, ବିରୋଧାଭାଷ, କଟୁ ମନ୍ତବ୍ୟ, କଟୂକ୍ତି, ସଂଘର୍ଷ ଆଦି ପ୍ରକାଶ

ପାଉଛି । ଫଳତଃ ପ୍ରକୃତ ଧର୍ମ, ନୀତି ଓ ଆଦର୍ଶ କଳୁଷିତ ହୋଇ ମାନବଧର୍ମ, ମାନବସେବା, ମାନବ କଲ୍ୟାଣ ଆଦି ଅକଲ୍ୟାଣରେ ପରିଣତ ହେଉଛି । ପ୍ରକୃତ ଜଗତକଲ୍ୟାଣ ଓ ମାନବଧର୍ମର ପ୍ରତିଷ୍ଠା ପାଇଁ ଠିକଣା ସମୟରେ ଠିକ୍ ଗୁରୁ ସୃଷ୍ଟିକୁ ଆସି ଠକି ଯାଇଥିବା ମଣିଷକୁ ଠିକଣା ତତ୍ତ୍ୱଦେଇ ସର୍ବଧର୍ମର ସମନ୍ୱୟ ଓ ସମୀକରଣ କରିଥାଆନ୍ତି ।

ଯତୀଶଦା' : ଠାକୁରେ, ଶାସ୍ତ୍ରରେ ପରସ୍ପର ବିରୋଧୀ ଓ ମତବାଦ କଟାକଟିର ପଦ ବା ଶ୍ଳୋକମାନ ରହିଛି, ଯେପରି :

*'ଗୋଷ୍ଠୀ କରିବ ବହୁମେଳି । ମୋ ଗୃହେ ଦେଇ ଦୀପାବଳୀ ।।'*

ପୁଣି :

*'ଅନେକ ଜନଙ୍କହିଁ ମିଳି । ଅବଶ୍ୟ ଉପୁଜଇ କଳି ।।'*

ଭାଗବତରେ ଏପରି ଦୁଇଟି ବିଷୟ ଓ ମତ କଟାକଟି ପଦ ଅଛି । କେହି ପ୍ରଥମ ପଦକୁ ଦୃଢ଼ କରୁଛିତ କେହି ଦ୍ୱିତୀୟ ପଦକୁ ଦୃଢ଼କରି ଏକାନ୍ତ ହୋଇଯାଉଛି । ଏହିଭଳି ଉଭୟ ପଦକୁ ନେଇ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଯୁକ୍ତିତର୍କ ହେବା କ'ଣ ସ୍ୱାଭାବିକ ନୁହେଁ ? ଯାହା ପୂର୍ବରୁ ଶାସ୍ତ୍ରରେ ଲେଖା ହୋଇରହିଛି, ତାକୁ ନେଇ ଯୁକ୍ତି କରିବା କ'ଣ ଭୂଷପଣ୍ଡିତ ପଣିଆ ??

ଶ୍ରୀଶ୍ରୀଠାକୁର : ବୁଝିଲ, ବୈଷୟିକ ଶିକ୍ଷାର ଯୋଗ୍ୟତାରୁ ବୁଦ୍ଧିଦ୍ୱାରା ଅଧ୍ୟାତ୍ମଶାସ୍ତ୍ର ଅଧ୍ୟୟନ କରି ବୈଷୟିକ ଅଧ୍ୟାତ୍ମଜ୍ଞାନ ଅର୍ଜନ କରାଯାଏ । ଏହି ବୈଷୟିକ ଶାସ୍ତ୍ର ଅଧ୍ୟୟନରେ ଅଧ୍ୟାତ୍ମଜ୍ଞାନ ଦ୍ୱାରା ସର୍ବଧର୍ମ ସମନ୍ୱୟ କରିହେବ ନାହିଁ । କାରଣ, ଗଣିତ ବହିରେ ପ୍ରଶ୍ନ ଅଛି, ଉତ୍ତର ଅଛି, ଉଦାହରଣ ମଧ୍ୟ ଅଛି । କିନ୍ତୁ ଜଣେ ଛାତ୍ରକୁ ଗଣିତ ବହିଟିଏ ଧରାଇଦେଲେ, ସେ ବହିରୁ ପ୍ରଶ୍ନ, ଉତ୍ତର ଓ ଉଦାହରଣ ଦେଖି ଅଂକ କଷିପାରିବ କି ? ଆଉ ଯଦି କଷିବ, ତେବେ କି ପ୍ରକାର ଉତ୍ତର ବାହାରିବ ? ଠିକ୍ ସେହିପରି ବୈଷୟିକ ଯୋଗ୍ୟତାକୁ ନେଇ ଅଧ୍ୟାତ୍ମଶାସ୍ତ୍ରରୁ ନିର୍ଯ୍ୟାସ ଓ ଉତ୍ତର (ସମାଧାନ) ପାଇବା ବଡ଼ କଠିନ । ଏଣୁ ବିନା ଗୁରୁରେ ନିଜର ବୋଧରୁ ଶାସ୍ତ୍ରରୁ ଉତ୍ତର ନେଇ ଅଧ୍ୟାତ୍ମ ମାର୍ଗରେ ପାଦ ପକାଇଲେ କଚଡ଼ା ଖାଇଯିବା ଅସମ୍ଭବ ବା ଅସ୍ୱାଭାବିକ ନୁହେଁ ।

ସହୃଦୟ ଆଗ୍ରହୀ ଅଧ୍ୟାତ୍ମ ସାହିତ୍ୟ ପାଠକ/ପାଠିକାମାନେଁ ଆମଠାରେ ସଞ୍ଚିତ ନିମ୍ନଲିଖିତ ପତ୍ରିକା/ପୁସ୍ତିକା ଯଥାଶୀଘ୍ର ସଂଗ୍ରହ କରିନିଅନ୍ତୁ :

- ତରମର ପୁରାତନ ସଂଖ୍ୟାମାନଙ୍କର କପି
- ଚିନ୍ତନ (୧) ଓ ଚିନ୍ତନ (୨)
- ଅଧର ପୀୟୂଷ
- ଅନିର୍ବାଣ ଦୀପଶିଖା

ନିକଟ ଭବିଷ୍ୟତରେ ପ୍ରକାଶ ପାଇବାକୁ ଯାଉଛି :

'ମୁହୂର୍ତ୍ତ ମହୁରା'ର ନବ କଳେବର ।।

କେଶବ କୈବଲ୍ୟ କଣିକା ।।

ଚିନ୍ତନ (୩) - ତ୍ୟାଗବ୍ରତ ।।

*ଯାହାକୁ ତୁମେ ଯାତନା ବୋଲି ଭାବୁଛ ତାହା କଲ୍ୟାଣ କର ।*
*ଜୀବନପତି ଜୀବନସ୍ୱାମୀ ଜୀବନେ ଥରେ ବରଣ କର ।।*

*ଯାହାକୁ ଯାହା ଲାଗୁଛି ଭଲ, କରୁ ସେ ତାହା, ତାହା ସେ କରୁ ।*
*ତୁ ଅବା କିଆଁ ବାଇଳା ହୋଇ କରମୁ ତୋର ବିରତ ରହୁ ??*




ଆଧ୍ୟାତ୍ମିକ ଜୀବନଯାତ୍ରାରେ କିମ୍ବା ଗୁରୁ କ୍ଷେତ୍ରରେ କୌଣସି ପ୍ରକାର କୌଶଳ, କୁଟନୀତି, କପଟାଚାର ଚଳିନି, ଚଳିବନି । କେବଳ ନୀତି, ନିଷ୍ଠା, ସେବା, ତ୍ୟାଗ, ଭକ୍ତି, ଆନୁଗତ୍ୟ, ପ୍ରେମ, ମାନବିକତା, ସମ୍ବେଦନଶୀଳତା, ଶୁଦ୍ଧଚରିତ୍ରବତ୍ତା ହିଁ ଆଧ୍ୟାତ୍ମିକ ଜୀବନ ଯାପନ ଓ କ୍ଷେତ୍ରପରିଚାଳନା ନିମନ୍ତେ ସର୍ବାଦୌ ମୌଳିକ ଆବଶ୍ୟକତା ।

ଆପଣାକୁ ଆପେ ଧୂପ ଓ ଦୀପର ସଳିତା ପରି ଜାଳିଦେଇ ବିଶ୍ୱର କଲ୍ୟାଣ ନିମନ୍ତେ ନୀତିନିଷ୍ଠ ଉତ୍ସର୍ଗୀକୃତ କର୍ମ ସମ୍ପାଦନ ପାଇଁ ସବୁମନ୍ତେ ସର୍ବଦା ଓ ସର୍ବଥା ନିଜକୁ ପ୍ରସ୍ତୁତ ରଖିପାରିବାହିଁ ସର୍ବପ୍ରଧାନ ସାଧନା । ଏତାଦୃଶ ସାଧନା ପ୍ରକ୍ରିୟାରେ ଅଭ୍ୟସ୍ତ ଓ ଅଗ୍ରଣୀମାନେ ବ୍ୟକ୍ତିଗତ କ୍ଷୁଦ୍ରସ୍ୱାର୍ଥକୁ ସବୁପ୍ରକାରେ ପରିତ୍ୟାଗ କରି ସାମୂହିକ ସ୍ୱାର୍ଥରେ ବ୍ରତୀ ହେଲେହେଁ ଯାଇ ସଂଘ ବା ପରିଷଦ୍ ଦାୟିତ୍ୱପୂର୍ଣ୍ଣ ପଦପଦବୀରେ ଅଧିଷ୍ଠିତ ହୋଇ ଶ୍ରୀ ଗୁରୁସ୍ୱାମୀଙ୍କର ଆଦେଶ, ଆଜ୍ଞା ଓ ଆଶୀର୍ବାଦ ଶିରୋଧାର୍ଯ୍ୟ କରି କର୍ତ୍ତବ୍ୟ ତୁଲାଇ ପାରିବେ, ନତୁବା ନାହିଁ ।

ଅକର୍ମା ଅକର୍ମୀମାନଙ୍କୁ କର୍ମ ସଂପାଦନର ଦାୟିତ୍ୱ ଦେଲେ ବା ଅଯୋଗ୍ୟମାନଙ୍କୁ ଯୋଗ୍ୟତା ପ୍ରଦାନ କଲେ, ତାହା ତୁଚ୍ଛା ମିଥ୍ୟାଚାର, ଭ୍ରଷ୍ଟାଚାର ଓ କପଟାଚାରରେ ହିଁ ପର୍ଯ୍ୟବସିତ ହେବ ହିଁ ହେବ । ଉଦ୍ଦେଶ୍ୟ ମୂଳକ ଭାବରେ ସ୍ୱାର୍ଥସିଦ୍ଧି ଉପଲକ୍ଷ୍ୟରେ କାର୍ଯ୍ୟସଂପାଦନର ବାହାନା କରି ଛଳନାପୂର୍ଣ୍ଣ ଜୀବନ ଯାପନ କରୁଥିବା ବ୍ୟକ୍ତି ବିଶେଷଙ୍କର ସଂଘ ବା ପରିଷଦରେ ଦାୟିତ୍ୱପୂର୍ଣ୍ଣ ଭୂମିକା ଗ୍ରହଣର ସମୟ ମଧ୍ୟ ଅତିବାହିତ ହୋଇଯାଇଛି । ଏଭଳି ସ୍ୱାର୍ଥନ୍ୱେଷୀ ବ୍ୟକ୍ତି ବିଶେଷଙ୍କୁ ଯେକୌଣସି କାରଣରୁ ଯେକୌଣସି ପରିସ୍ଥିତିରେ ଗୁରୁକ୍ଷେତ୍ରରେ ଗୁରୁତ୍ୱ ଦେବା ଆଦୌ ସମୀଚିନ ନୁହେଁ ।

ସେହିପରି ମୋଟା ଅଙ୍କରେ ମହତ ଅନୁଦାନ, ଅଞ୍ଜଳି ବା ପ୍ରଣାମି ବିନିମୟରେ କ୍ଷେତ୍ରରେ, ସଂଘରେ, ପରିଷଦ୍‌ରେ ଉଚ୍ଚଆସନ, ପଦପଦବୀ, ଗୁରୁତ୍ୱପୂର୍ଣ୍ଣ ଦାୟୀତ୍ୱ ଆଶା କରିବା ମଧ୍ୟ ଭକ୍ତ, ଶିଷ୍ୟ, ଅନୁଗତମାନଙ୍କ ପକ୍ଷରେ ଆଦୌ ଉଚିତ ନୁହେଁ । ଶ୍ରୀଶ୍ରୀଶ୍ରୀ ଠାକୁରଙ୍କର ଇଚ୍ଛାରେ ଶିଷ୍ୟ/ଶିଷ୍ୟା କୌଣସି ଗୁରୁତ୍ୱପୂର୍ଣ୍ଣ କର୍ମରେ ନିଯୁକ୍ତ ବୋଲି ଯେ, ସଂଘ, ପରିଷଦ୍, କ୍ଷେତ୍ରରେ ତାଙ୍କର ଗୁରୁତ୍ୱ ଦାବି କରିବେ, ତାହା ନୁହେଁ, ଦାବୀକଲେ ମଧ୍ୟ ତାହା ମିଳିନପାରେ । ତଥାପି ଗୁରୁଙ୍କର ଆଦେଶ ଅନୁଜ୍ଞା ଅବଶ୍ୟ ପାଳନ କରିବାକୁ ହୁଏ, ହେବ । ସକଳ ଗୁରୁଭାଇଭଉଣୀଙ୍କର ମନୋରାଜ୍ୟରେ ଆସନ ପାତି ପାରିଲେ, ଗୁରୁତ୍ୱ ସ୍ୱତଃ ହିଁ ପ୍ରାପ୍ତ ହୁଏ, ଏହାହିଁ ଐଶୀ ଶକ୍ତିର ଓ ଗୁରୁକୃପାର ବାସ୍ତବ ଫଳଶ୍ରୁତି । ଧନସମ୍ପତ୍ତି ବା ମୂଲ୍ୟବାନ ଉପଢୌକନ/ଉପହାର ବିନିମୟରେ ଆଧ୍ୟାତ୍ମିକ କ୍ଷେତ୍ରରେ ବ୍ୟକ୍ତିତ୍ୱ/ଗୁରୁତ୍ୱ

ଜାହିର/ସାବ୍ୟସ୍ତ କରିବା ସ୍ପୃହଣୀୟ ନୁହେଁ । ସେମାନଙ୍କୁ ଗୁରୁତ୍ୱ ଦେଇ ପଦପଦବୀ ବା ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେବା ମଧ୍ୟ ବାଞ୍ଛନୀୟ ନୁହେଁ ।

ସ୍ୱାଭାବିକ ଭାବରେ ଆପଣାର ସାମର୍ଥ୍ୟ ଅନୁସାରେ କ୍ଷେତ୍ର, ସଂଘ ପରିଷଦ୍ ନିମନ୍ତେ ସ୍ୱେଚ୍ଛାକୃତ ଭାବରେ ଅର୍ଘ୍ୟାଞ୍ଜଳି ଦେବା ପ୍ରତ୍ୟେକ ଅନୁଗତ, ଶିଷ୍ୟ ଓ ଭକ୍ତଙ୍କର ପ୍ରଥମ କର୍ତ୍ତବ୍ୟ । ଗୁରୁ ଗ୍ରହଣ ପରେ ଗୁରୁକ୍ଷେତ୍ର ନିମନ୍ତେ ଏହି ପ୍ରାଥମିକ କର୍ତ୍ତବ୍ୟ ପାଳନରେ ନିଷ୍ଠାହିଁ ସାଧନ ଜୀବନର ପ୍ରଧାନ ସାଧନା । ଏଥି ନିମନ୍ତେ ପ୍ରତ୍ୟେକ ସଚେତନ ରହିବା ଓ ଅନ୍ୟକୁ ସଚେତନ କରିବା ଉଚିତ୍ । ସେହିପରି ଶ୍ରଦ୍ଧା, ଆଗ୍ରହ ଓ ସେବା ମନୋବୃତ୍ତିର ସହିତ କ୍ଷେତ୍ର ପରିଚାଳନା, ଆଶ୍ରମ ସଂଗଠନ, ଶାଖା ସଂଗଠନ ସଂଘୀୟ କାର୍ଯ୍ୟକ୍ରମ ଓ ପରିଷଦ କାର୍ଯ୍ୟରେ ପ୍ରତ୍ୟେକ ଗୁରୁ ଭାଇଭଉଣୀଙ୍କ ନିଷ୍ଠା ଓ ତ୍ୟାଗର ସହିତ ପୂର୍ଣ୍ଣପ୍ରାଣରେ ସହଯୋଗ କରିବା ବାଞ୍ଛନୀୟ । ଦିନକୁଦିନ ସନ୍ଦେଶ ପତ୍ର ଧାରୀ ଗୁରୁ ଭାଇଭଉଣୀଙ୍କ ସଂଖ୍ୟା ବଢ଼ିବାରେ ଚାଲିଛି । ଆଶ୍ରମଗତ ଭାଇଭଉଣୀମାନଙ୍କର ରହିବାଦି ନାନା ଅସୁବିଧା ପରିଲକ୍ଷିତ ହେଉଛି । ଏପରି ସ୍ଥଳେ ଆମ୍ଭମାନଙ୍କର ପ୍ରତ୍ୟେକଙ୍କର ଗୁରୁ ଦାୟିତ୍ୱ ରହିଛି । ଏହାକୁ ଉପଲବ୍ଧି କର ଅନୁଭବରେ ଆଣି ଶ୍ରୀଗୁରୁସ୍ୱାମୀଙ୍କର ପରାମର୍ଶ ଲୋଡ଼ି ତାଙ୍କରି ନିର୍ଦ୍ଦେଶିତ ମାର୍ଗରେ ସମସ୍ୟାର ସମାଧାନ କରିବା ଉଚିତ୍ ।

ହିଂସା, ଦ୍ୱେଷ, ପରଶ୍ରୀକାତରତା, ଈର୍ଷା, ସ୍ୱାର୍ଥପରତା, ଛଳନା, କପଟଚାରିତା ଅସମାଜିକତା ଆଦିରାକ୍ଷସୀ ଶକ୍ତିର କରାଳ କବଳରୁ ସୁନୀତି ଏବଂ ସୁନୈତିକତା ଜୀବକୁଳକୁ ସୁରକ୍ଷା ପ୍ରଦାନ କରିଥାଏ । ସୁନିତୀ ଓ ସୁନୈତିକତା ପ୍ରାପ୍ତି ନିମନ୍ତେ ସାଧକମାନଙ୍କୁ ଆଧାତ୍ମିକ ସାଧନାପଥରେ ଅଖଣ୍ଡ ନିରବତା ପାଳନ କରି ମାନସ ଜପ, ପାଦପଦ୍ମରେ ଲୟ, ସଂଜ ସକାଳେ ଯଥାରୀତି ପ୍ରାର୍ଥନା, ଧ୍ୟାନ ସାଷ୍ଟାଙ୍ଗ ପ୍ରଣାମ ଆଦି ବିଧି ପାଳନ କରିବାକୁ ହୁଏ । ଏହ ସାଧନ ପ୍ରକ୍ରିୟାରେ ସାଧକମାନେ ସାଧନା ପଥରେ ସୁନୀତି ଓ ସୁନୈତିକତାର ଅଧିକାରୀ ହୋଇ ବିଶ୍ୱକଲ୍ୟାଣ ବ୍ରତରେ ବ୍ରତୀ ହୋଇ ଥାଆନ୍ତି ।

ଆତ୍ମବିଶ୍ୱାସ ବେତିରେକେ କୌଣସି ବ୍ୟକ୍ତି ବିଶେଷ କୌଣସି ବ୍ରତରେ ବ୍ରତୀ ହେବା ସଂପୂର୍ଣ୍ଣ ଅସମ୍ଭବ । ବ୍ରତ ମାତ୍ରେ ହିଁ ତ୍ୟାଗ, ବ୍ରତ ମାନେ ମଧ୍ୟ ତ୍ୟାଗ । ତ୍ୟାଗନିଷ୍ଠାରେ ଏକନିଷ୍ଠତା ବ୍ୟତିତ କୌଣସି ବ୍ରତରେ ନୀତିବନ୍ତ ହୋଇ ତିଷ୍ଠି ରହିବା ଆଦୌ ସମ୍ଭବ ନୁହେଁ । ବ୍ୟକ୍ତିର ଅନ୍ତକରଣରେ ତ୍ୟାଗ ଦାନାବାନ୍ଧି ଠୁଳ ହେଲେ, ସେ ତ୍ୟାଗ ବ୍ରତରେ ବ୍ରତୀ ହୋଇଥାଏ । ସେତେବେଳେ ଆତ୍ମକେନ୍ଦ୍ରିକ ସ୍ୱାର୍ଥବୁଦ୍ଧି ତା'ର ଅନ୍ତଃସ୍ଥଳରେ ଲେଶମାତ୍ର ନ ଥାଏ । ସାଧନା ପଥରେ ଦ୍ୱିତୀୟ ସୋପାନରେ ରହି ସେ ଈଶ୍ୱର ସମ୍ବନ୍ଧୀୟ ଜ୍ଞାନାଲୋକ ପ୍ରାପ୍ତି ନିମନ୍ତେ ଉନ୍ମୁଖ ହୋଇ ରହିଥାଏ । ବିଷୟାବିଷର ବନ୍ଧନରୁ ମୁକ୍ତି ପାଇଁ ସେ ଆର୍ତ୍ତହୋଇଉଠେ । ଆର୍ତ୍ତଭକ୍ତର ନିକଟତର ହୁଅନ୍ତି ଆର୍ତ୍ତତ୍ରାଣ ଭଗବାନ । ସାଧନାର ପଥରେ ସାଧକ ବହୁମୂଲ୍ୟ ଅନୁଭୂତି ଲାଭକରେ ଏବଂ ସେହି ଅନୁଭୂତି ସକଳ ତା'ର ଅନ୍ତରରେ ଆତ୍ମବିଶ୍ୱାସର ବୀଜ ଅଙ୍କୁରିତ କରେ । ଆତ୍ମବିଶ୍ୱାସ ଆଧାତ୍ମିକ ସାଧନାପଥର ସର୍ବୋତ୍ତମ ପାଥେୟ ।

ନୀତି, ନୈତିକତା ଏବଂ ଆତ୍ମବିଶ୍ୱାସରୁ ଆଧାତ୍ମିକ ଚେତନାର ସ୍ଫୁରଣ ହୋଇ କ୍ରମଶଃ ତାହା ଗାଢ଼ ହୁଏ । ପ୍ରଗାଢ଼ ଆଧାତ୍ମିକ ଚେତନା ଜୀବକୁଳକୁ ଆକୁଳତାରୁ ରକ୍ଷାକରେ । ଆର୍ତ୍ତଭକ୍ତ ଭଗବଦ୍ ଜିଜ୍ଞାସାର ଅନୁବର୍ତ୍ତୀ ହୋଇ ଆତ୍ମଜ୍ଞାନ ଓ ଆତ୍ମଦର୍ଶନ ନିମନ୍ତେ ସମଗ୍ର ଧରାକୁ ବିଷବତ୍ ଜ୍ଞାନ କରେ । ଅନିତ୍ୟର ବନ୍ଧନରୁ ମୁକ୍ତ ହୋଇ ନିତ୍ୟ ସତ୍ୟ ସନାତନ ପ୍ରାପ୍ତି ପଥରେ ଝଡ଼ ଭଳି ଛୁଟି ଯାଏ । ହୀନ ବୁଦ୍ଧି, ଦୁଷ୍ଟବୁଦ୍ଧି ଓ ଦୁର୍ବୁଦ୍ଧିର କବଳରୁ ମୁକ୍ତହୋଇ ବୁଦ୍ଧିହୀନ ଭଳି ସରଳ, ସୁନ୍ଦର, ନିଷ୍ପାପ ହୋଇଯାଏ । ଏହାହିଁ ସାଧନା ପଥର ତୃତୀୟ ସୋପାନ । ଏହି

ସୋପାନରେ ଉପନୀତ ହୋଇ ଜିଜ୍ଞାସୁ ଭକ୍ତ ଈଶ୍ୱରୋପଲବ୍ଧି କରେ । ଈଶ୍ୱରୋପଲବ୍ଧିକୁ ବିଶ୍ୱକଲ୍ୟାଣରେ ବିନିଯୋଗ କରେ । ସେ ମୁକ୍ତି ଚାହେଁନା, ମୋକ୍ଷ ଲୋଡ଼େନା, ନିର୍ବାଣ ଖୋଜେନା କିମ୍ବା ଚରମ ପ୍ରାପ୍ତି ତା'ର ଲକ୍ଷ୍ୟ ହୁଏନା । ସଦା ପ୍ରେମିକ ହୋଇ ସେ ସେହି ପ୍ରେମାସ୍ପଦ ପୁରୁଷଙ୍କର ମହିମା ଓ ମହତ୍ତ୍ୱ ଉପଲବ୍ଧିରେ ତଲ୍ଲୀନ ଅବସ୍ଥାରେ ସଦାନନ୍ଦ ଉପଭୋଗ କରେ । ଏହି ଅବସ୍ଥାରେ ସମଗ୍ର ଧରା ତା'କୁ ଅମୃତବୋଧ ହୁଏ । ସେ ଅମୃତର ସନ୍ତାନ ହୋଇଯାଏ ।

ଅମୃତର ସନ୍ତାନ ବିଶ୍ୱ ନିମ୍ନସ୍ତରର ଜୀବକୁଳର ଉଦ୍ଧାର ନିମନ୍ତେ ଆପଣା ଜୀବନ ଉତ୍ସର୍ଗ କରେ । ଆପଣାର କ୍ଷୁଦ୍ର ସ୍ୱାର୍ଥବୁଦ୍ଧି ସର୍ବାଦୌ ପରିତ୍ୟାଗ କରି ନିଖିଳ ବିଶ୍ୱକଲ୍ୟାଣ ନିମନ୍ତେ ବୃହତ୍ତର ସ୍ୱାର୍ଥ ପାଇଁ ସେ ପ୍ରୟାସ କରେ । ଏହା ଏକ ମହତ୍ତର ସ୍ୱାର୍ଥସାଧନ ନିମନ୍ତେ କଠୋର ସାଧନାର ପଥ । ଏହି ପଥରେ ବାଧା ବନ୍ଧ ଦେଖାଦେଲେ, ସେଆଗ୍ନେୟ ଝଡ଼ତୁଲ୍ୟ ପ୍ରଳୟ ସୃଷ୍ଟି କରିବାରେ ପଶ୍ଚାତ୍‌ପଦ ହୁଏ ନାହିଁ । ପ୍ରଳୟଙ୍କାରୀ ସଂଗ୍ରାମ କରିବାରେ ପରାଙ୍ମୁଖ ହୁଏ ନାହିଁ । ସେତେବେଳେ ତା ପଶ୍ଚାତ୍‌ରେ ବିଭୁକୃପା ଏବଂ ଦୈବୀ ଆଶୀର୍ବାଦ ପୂର୍ଣ୍ଣମାତ୍ରାରେ କାର୍ଯ୍ୟ କରୁଥାଏ । ସେ ଆଧ୍ୟାତ୍ମିକ ବଳ ଏବଂ ନୈତିକ ଶକ୍ତିରେ ବଳଶାଳୀ ଓ ଶକ୍ତିଶାଳୀ ହୋଇଥାଏ । ବିଶ୍ୱର କୌଣସି ଶକ୍ତି ତା'ର ଗତିରୋଧ କରିବାକୁ ସମର୍ଥ ହୋଇପାରେ ନାହିଁ । ଆଧ୍ୟାତ୍ମିକତା, ନୈତିକତା, ନିଷ୍ଠା, ତ୍ୟାଗ, ସେବା ଓ ମାନବିକ ସମ୍ବେଦନଶୀଳତାର ଜୟ ହୁଏ ।

ଏଣିକି ସେ ଲକ୍ଷ୍ୟସ୍ଥିର କରିପାରେ । ସ୍ଥିରଲକ୍ଷ୍ୟରେ ନିର୍ଭର ନିର୍ଭୀକ ହୋଇ ସେ ଜୀବକୁଳର ଉଦ୍ଧାର ନିମନ୍ତେ ଅବାଧ ଗତିରେ ଅଗ୍ରସର ହୁଏ । ଆଧ୍ୟାତ୍ମବାଦୀ, ଈଶ୍ୱରପ୍ରେମୀ, ନୀତିନିଷ୍ଠ, ସେବାଧର୍ମୀ, ସହକର୍ମୀ, ସହଯୋଗୀ, ସହଯାତ୍ରୀ, ସହାନୁଭବୀ ହୋଇ ତାଙ୍କର ଇଚ୍ଛା ଏବଂ ଲକ୍ଷ୍ୟପୂରଣ ନିମନ୍ତେ ନିରଳସ ଉଦ୍ୟମ ଜାରି ରଖନ୍ତି । ଏତାଦୃଶ କର୍ମୀ, ସାଧକମାନଙ୍କ ସହମତି ଓ ସହଯୋଗରେ ଆଧ୍ୟାତ୍ମିକ କ୍ଷେତ୍ରରେ ସଂଘ, ପରିଷଦ୍ ଆଦି ବିଭିନ୍ନ ଧର୍ମ ଅନୁଷ୍ଠାନ ଓ ପ୍ରତିଷ୍ଠାନ ପ୍ରାଣପ୍ରାଚୁର୍ଯ୍ୟରେ ଆହ୍ଲାଦିତ ହୁଏ ।

ତେଣ୍ଣ, କ୍ଷେତ୍ର, ସଂଘ, ପରିଷଦ୍ ଇତ୍ୟାଦି ଯାବତୀୟ ଆଧ୍ୟାତ୍ମିକ ପରିକଳ୍ପନା ଓ ପରିଚାଳନା ନିମନ୍ତେ ଅମ୍ଳାନ ନୈତିକତା, ଗଭୀର ଆତ୍ମବିଶ୍ୱାସ, ଆଧ୍ୟାତ୍ମିକ ସଚେତନତା, ମହତ୍ତର ସ୍ୱାର୍ଥ ଏବଂ ସ୍ଥିରଲକ୍ଷ୍ୟ ଏକାନ୍ତ ବାଞ୍ଛନୀୟ । ଏହି ପାଞ୍ଚଗୋଟି ସ୍ତମ୍ଭ ଉପରେ ବିଶ୍ୱକଲ୍ୟାଣ, ସମାଜ ସେବା, ବିଶ୍ୱଭ୍ରାତୃତ୍ୱ, ବିଶ୍ୱଶାନ୍ତି ଏକାନ୍ତ ଭାବରେ ସଂପୂର୍ଣ୍ଣରୂପେ ନିର୍ଭରଶୀଳ । ସାଧକ କର୍ମୀମାନଙ୍କର ଦୈନନ୍ଦିନ ଜୀବନଚର୍ଯ୍ୟାରେ ଏହି ପାଞ୍ଚଗୋଟି ସ୍ତମ୍ଭ ଭୁଷୁଡ଼ି ପଡ଼ିଲେ, ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍, ଅଚ୍ୟୁତ ଗୁପ୍ତବ୍ରହ୍ମ ସଂଘ, କ୍ଷେତ୍ର ପରିଚାଳନା, ସଂଗୀତ ମହାବିଦ୍ୟାଳୟ, ମାତୃବନ୍ଦନା ସଂଗଠନ, ସେବାଶ୍ରମ ସଂଗଠନ, ସାହିତ୍ୟ ସଂସଦ, ସନାତନ ଆଧ୍ୟାତ୍ମିକ ବିଦ୍ୟାନିକେତନ, ବାପୁଜୀ ଶିଶୁମନ୍ଦିର (ଅନାଥ ଆଶ୍ରମ) ବା ଏହିପରି ଅନ୍ୟସବୁ ଆଧ୍ୟାତ୍ମିକ ସେବା ଅନୁଷ୍ଠାନ ବା ପ୍ରତିଷ୍ଠାନ ତିଷ୍ଠିବ କିପରି ??

ଅର୍ଥ ବା ମୂଲ୍ୟବାନ ବସ୍ତୁ (ଅଂଜଳି/ଉପହାର/ଉପଢୌକନ) ବିନିମୟରେ ଆଧ୍ୟାତ୍ମିକତା ବା ଦୈବୀକୃପା କସ୍ମିନ୍ କାଳେ କ୍ରୟ କରାଯାଏ ନାହିଁ କି ଏତାଦୃଶ ସୂକ୍ଷ୍ମଲକ୍ଷ୍ୟ ହାସଲ କରାଯାଇପାରେ ନାହିଁ । ଅନିତ୍ୟ ସ୍ଥୂଳ ବସ୍ତୁ ବିନିମୟରେ ନିତ୍ୟ ସନାତନ ଭକ୍ତି ସୂକ୍ଷ୍ମତର ସୂକ୍ଷ୍ମାତିସୂକ୍ଷ୍ମ ବା ସୂକ୍ଷ୍ମତମ ଭାବ ମିଳିପାରେନା । ଏଥି ନିମନ୍ତେ ସର୍ବାଗ୍ରେ ସର୍ବାଦୌ ଆବଶ୍ୟକ ସୂକ୍ଷ୍ମ ସ୍ତରର ସାଧନା ପ୍ରକ୍ରିୟାରେ ସୂକ୍ଷ୍ମ ଭାବ ବିନିମୟ । ଏହି ସୂକ୍ଷ୍ମ ଭାବ ବିନିମୟ ନିମନ୍ତେ ସରଳ ମନ, ପବିତ୍ର ହୃଦୟ, ନିଷ୍କପଟ ଆଚାର ଆଚରଣ, ସୁନ୍ଦର ସୌଷ୍ଠବ ବିଚାର ଅବଶ୍ୟ ଆବଶ୍ୟକ

ଏବଂ ଏସବୁ ଗୁଣ ପାଇବା ପାଇଁ ନିଃସ୍ୱାର୍ଥ ସେବା ମନୋବୃତ୍ତି, ମାନବିକ ସମ୍ବେଦନଶୀଳତା, ମାନବ ପ୍ରୀତି ଓ ସର୍ବୋପରି ସର୍ତ୍ତବିହୀନ, ଅପ୍ରତ୍ୟାଶୀ, ତ୍ୟାଗନିଷ୍ଠ, ବଦାନ୍ୟଭାବପୂର୍ଣ୍ଣ ଆଧ୍ୟାତ୍ମିକ ଜୀବନ ଚଳନି ଏକାନ୍ତ ଅପରିହାର୍ଯ୍ୟ ।

ଉଦାର ହୃଦୟ, ପ୍ରଶସ୍ତପ୍ରାଣ, ଉତ୍ସର୍ଗୀକୃତ ଜୀବନ ପ୍ରାପ୍ତ ହେଲେ ହିଁ ଆଧ୍ୟାତ୍ମିକ ଅନୁଷ୍ଠାନ ବା ପ୍ରତିଷ୍ଠାନର କର୍ମୀ ଓ ପଦବୀଧାରୀ ହେବା ସାଜେ । କାମ, କ୍ରୋଧ, ଲୋଭ, ମୋହାଦିର ବଶବର୍ତ୍ତୀ ହୋଇ ହୀନପ୍ରଭ ଇନ୍ଦ୍ରିୟପରାୟଣ ବ୍ୟକ୍ତି ବିଶେଷଙ୍କ ପକ୍ଷରେ ଗୁରୁକ୍ଷେତ୍ରରେ, ଆଧ୍ୟାତ୍ମିକ ପ୍ରତିଷ୍ଠାନରେ ଏବଂ ଧର୍ମ ଅନୁଷ୍ଠାନରେ ଦାୟିତ୍ୱବାହୀ ହେବାର ଆଶା ପୋଷଣ କରିବା ବା ପଦପଦବୀ ଦାବି କରିବା ନିଶ୍ଚିତ ଭାବରେ ଅବାଞ୍ଛନୀୟ, ନିନ୍ଦନୀୟ ଏବଂ ଘୃଣ୍ୟ ନୀଚଅଭିଳାଷ ମାତ୍ର । ଏ ପ୍ରକାର ନୀଚ ଅଭିଳାଷକୁ ପ୍ରତ୍ୟେକ ଧର୍ମାର୍ଥୀ ସର୍ବାଗ୍ରେ ପରିତ୍ୟାଗ କରିବା ଅବଶ୍ୟ ଉଚିତ୍ ।

ଆମର ବହୁ କର୍ମୀ ଆବଶ୍ୟକ । କେବଳ କର୍ମୀ ତାଲିକାରେ ନାମ ଲେଖାଇଦେଲେ ହୁଏ ନାହିଁ । ନିଷ୍ଠାର ସହିତ, ଶୃଙ୍ଖଳାର ସହିତ, ସହନଶକ୍ତିର ସହିତ, ଆତ୍ମବିଶ୍ୱାସର ସହିତ କାର୍ଯ୍ୟ ବାହିନେବା ପାଇଁ ସତତ ତତ୍ପର ରହିବା ଆବଶ୍ୟକ । ନାନାଦି ଆଳରେ ନାନା ସମସ୍ୟା ଦର୍ଶାଇ ନ୍ୟସ୍ତକର୍ମ ସମ୍ପାଦନରେ ଅବହେଳା ନ କରିବା ଏକାନ୍ତ ଆବଶ୍ୟକ । ଆମେ ଏ ବର୍ଷ କେବଳ ଏତିକି ଲକ୍ଷ୍ୟ ରଖିଛୁ । ତମମାନଙ୍କ ଉପରେ ଆମର ପ୍ରଗାଢ଼ ବିଶ୍ୱାସ ମଧ୍ୟ ରହିଛି । ଆଗେଇ ଆସ ।

❀❀❀



ସାଷ୍ଟାଙ୍ଗେ ଅଷ୍ଟାଙ୍ଗ ଯୋଗ ନିରେଖ । ଅର୍ଘ୍ୟରେ ଗୃହୀତ ଫଳକୁ ଯୋଖ ॥<br>
ପଞ୍ଚପ୍ରାଣେ ପଞ୍ଚ ପ୍ରଣାମ କରି । ସନ୍ଦେଶ ମୋଦକ ଗର୍ଭରେ ଧରି ॥<br>
ଭାବର ଝୁଲାକୁ ନଉକା କର । ଦୃଢ଼ ଆହୁଲାରେ ହୁଅରେ ପାର ॥

# ଆଶ୍ରମ ସନ୍ଦେଶ

ତା୨୩।୩।୧୯ରିଖ (ଶନିବାର) : ଗୁରୁଭଗ୍ନୀ ୰ଭାନୁମତୀ ଯେନା (ମାଣ୍ଡୁକା)ଙ୍କର ଦେହାନ୍ତ ।

ତା୨୪।୩।୧୯ରିଖ (ରବିବାର) : ମାଳିହତା ପ୍ରସ୍ତାବିତ ଶାଖାର ବାର୍ଷିକ ଉତ୍ସବ ପାଳନ ସର୍ବ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି ।

ତା୨୮।୩।୧୯ରିଖ (ଗୁରୁବାର) : ଉଦୟପୁର ପ୍ରସ୍ତାବିତ ଶାଖାର ବାର୍ଷିକୋତ୍ସବ ସର୍ବସାଫଲ୍ୟରେ ପାଳନ କରଯାଇଛି ।

ତା୨।୪।୧୯ରିଖ (ମଙ୍ଗଳବାର) : ମାଣ୍ଡୁକାର ଗୁରୁଭଗ୍ନୀ ୰ ଭାନୁମତୀ ଯେନାଙ୍କର ଦେହାନ୍ତ ଉପଲକ୍ଷେ ସ୍ୱର୍ଗତ ଆତ୍ମାର ଶାନ୍ତି ବିଧାନ ନିମନ୍ତେ ଭାବଗମ୍ଭୀର ପରିବେଶରେ ତିଳତର୍ପଣ ଅନୁଷ୍ଠିତ ହୋଇଯାଇଛି ।

ତା୪।୪।୧୯ରିଖ (ଗୁରୁବାର) : ଚୈତ୍ର ପୂର୍ଣ୍ଣିମା ଠାକୁବା'ଙ୍କର ଶ୍ରାଦ୍ଧତିଥି ଉପଲକ୍ଷ୍ୟରେ ଆଶ୍ରମରେ ସତ୍‌ସଙ୍ଗ ଅନୁଷ୍ଠାନ ଓ ଶ୍ରାଦ୍ଧ ପାଳିତ ହୋଇଯାଇଛି ।

ତା୫।୪।୧୯ରିଖ (ଶୁକ୍ରବାର) : ସ୍ୱର୍ଣ୍ଣକ୍ଷେତ୍ରର କ୍ଷିତିଜ୍ୟୋତି ଆଶ୍ରମ ପରିସରରେ ମନୋରମ ପରିବେଶରେ ଅଷ୍ଟମ ପ୍ରହର ମହାମନ୍ତ୍ର ସଂକୀର୍ତ୍ତନ ଓ ମହାନାମଯଜ୍ଞ ମନୋଜ୍ଞ ଓ ସୁନ୍ଦର ଭାବରେ ଉଦ୍‌ଯାପିତ ହୋଇଯାଇଛି ।

ତା୧୨।୪।୧୯ରିଖ (ଶୁକ୍ରବାର) : ହଳଧରପୁରରେ ଗୁରୁଭ୍ରାତା କୈଳାସ ଚନ୍ଦ୍ର ସ୍ୱାଇଁଙ୍କ ଉଦ୍‌ଯୋଗରେ ଏକ ପାରିବାରିକ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଯାଇଛି ।

ତା୧୩।୪।୧୯ରିଖ (ଶନିବାର) : ଠାକୁମା' ସୁକାନ୍ତି ଦେବୀଙ୍କର ଜନ୍ମୋତ୍ସବ ସ୍ୱର୍ଣ୍ଣକ୍ଷେତ୍ରରେ କ୍ଷିତିଜ୍ୟୋତି ଆଶ୍ରମ ପରିସରରେ ଏକ ମନୋଜ୍ଞ ଉତ୍ସବ ମୁଖର ପରିବେଶରେ ପାଳିତ ହୋଇଛି ।

ତା୧୮।୪।୧୯ରିଖ (ଗୁରୁବାର) : ଜଳିଶାଖାର ବାର୍ଷିକ ଉତ୍ସବ ପାଳନ ସର୍ବ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି ।

ତା୨୦।୪।୧୯ରିଖ (ଶନିବାର) : ଅକ୍ଷୟ ତୃତୀୟା ଆଜିର ଏହି ପୂଣ୍ୟତିଥିରେ କ୍ଷିତିଜ୍ୟୋତି ଆଶ୍ରମର ପ୍ରତ୍ୟେକ ଶାଖାରେ, ପ୍ରସ୍ତାବିତ ଶାଖାରେ, ଆଞ୍ଚଳିକ ଭାବରେ ଅବ୍ୟୁତଗୁପ୍ତବ୍ରହ୍ମସଂଘର ସ୍ୱନକ୍ଷତ୍ର ଏବଂ ସନାତନୀ କେତନର ବାର୍ଷିକ ଉତ୍ସବ ଦିବସବ୍ୟାପୀ କାର୍ଯ୍ୟକ୍ରମ ମାଧ୍ୟମରେ ପବିତ୍ର ବାତାବରଣ ଓ ସୁସଂହତ ପରିବେଶରେ ଆନନ୍ଦମୁଖର ଭାବରେ ସର୍ବ ସଫଳତାର ସହିତ ପାଳିତ ହୋଇଅଛି ।

: ଆଜିର ଏହି ପବିତ୍ର ଦିବସରେ ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍‌ର ବାର୍ଷିକ ଉତ୍ସବ ମୟୁରଭଞ୍ଜ ଜିଲ୍ଲାର ଶୁକୁଳିଠାରେ ସନାତନ କେତନ ଉତ୍ତୋଳନ ଏବଂ ସାଂଧ୍ୟ ସତ୍‌ସଙ୍ଗ ସର୍ବ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି ।

: ଅଦ୍ୟ କୁଳିଆ ଶାଖାର ଓ ବରାହୀପୁର ଶାଖାର ବାର୍ଷିକ ଉତ୍ସବ ମଧ୍ୟ ଯଥାବିଧି ହୋଇ ସନାତନୀ କେତନ ଉତ୍ତୋଳନ, ସତ୍‌ସଙ୍ଗ, ଆନନ୍ଦ ବଜାର, ମହାମନ୍ତ୍ର ସଂକୀର୍ତ୍ତନ ଆଦି ଦିବସବ୍ୟାପୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି ।

ତା୨୨।୪।୧୯ରିଖ (ସୋମବାର): ଗୁରୁଭାଇ ମଥୁରା ନନ୍ଦନ ନାୟକଙ୍କ ଉଦ୍ୟମରେ ସ୍ଥାନୀୟ ଗୁରୁଭାଇଭଉଣୀ ଏବଂ ସତ୍‌ସଙ୍ଗ ପ୍ରେମୀ ଜନସାଧାରଣଙ୍କର ସହଯୋଗରେ ଅବ୍ୟୁତଗୁପ୍ତବ୍ରହ୍ମ ସଂଘ ଆନୁକୂଲ୍ୟରେ ଏକ ଆଞ୍ଚଳିକ ସତ୍‌ସଙ୍ଗ ମାହାଳଠାରେ ଅନୁଷ୍ଠିତ ହୋଇଯାଇଛି ।

ତା୩।୫।୧୯ରିଖ (ଶୁକ୍ରବାର) : ଚନ୍ଦନ ପୂର୍ଣ୍ଣିମା : ଷଠିଲୋ ଶାଖାର ବାର୍ଷିକ ଉତ୍ସବ ପାଳନ ଯଥା ରୀତିରେ ଅନୁଷ୍ଠିତ ହୋଇଯାଇଛି ।

: ଚନ୍ଦନ ପୂର୍ଣ୍ଣିମାର ପୂଣ୍ୟ ତିଥିରେ ଚାନ୍ଦୋଳଶାଖାର ବାର୍ଷିକ ଉତ୍ସବ ସକଳ ସଫଳତାର ସହିତ ଉତ୍ସବ ମୁଖର ପରିବେଶରେ ଅନୁଷ୍ଠିତ ହୋଇଯାଇଛି ।

ତା୧୦।୫।୯୬ରିଖ (ଶୁକ୍ରବାର) : କଟକ (ଜଗତପୁର) ଶାଖାର ଗୁରୁଭ୍ରାତା ଦୁର୍ଯ୍ୟୋଧନ ସାହୁଙ୍କର ଦେହାନ୍ତ ।

ତା୧୩।୫।୯୬ରିଖ (ସୋମବାର): ଜଳେଶ୍ୱରପୁର ପ୍ରସ୍ତାବିତ ଶାଖାର ଗୁରୁଭଉଣୀ ରଙ୍ଗ ସାହୁଙ୍କର ଦେହାନ୍ତ ।

ତା୧୪।୫।୯୬ରିଖ (ମଙ୍ଗଳବାର): କାଳିକାପୁର ପ୍ରସ୍ତାବିତ ଶାଖାର ଗୁରୁଭାଇଭଉଣୀ ଏବଂ ସ୍ଥାନୀୟ ସତ୍‌ସଂଗ ପ୍ରେମୀ ଜନସାଧାରଣଙ୍କ ସହଯୋଗରେ ଏକ ଆଞ୍ଚଳିକ ସତ୍‌ସଂଗ ଅନୁଷ୍ଠିତ ହୋଇଯାଇଛି ।

: ଆଜି କେନ୍ଦୁଝର ଶାଖାର ଗୁରୁଭ୍ରାତା ୰ ଗିରିଜା ଲାଲ୍‌ଙ୍କ ତିଳ ତର୍ପଣ ଅନୁଷ୍ଠିତ ହୋଇ ସ୍ୱର୍ଗତ ଆତ୍ମାର ଶାନ୍ତି ବିଧାନ ଯଥାବିଧି କରାଯାଇଅଛି ।

ତା୧୯।୫।୯୬ରିଖ (ରବିବାର) : କାଳିଅନ୍ତି ଶାଖାର ବାର୍ଷିକ ଉତ୍ସବ ପାଳନ ସର୍ବ ସଫଳତାର ସହିତ ମନୋଜ୍ଞ ଉତ୍ସବମୁଖର ପରିବେଶରେ ଅନୁଷ୍ଠିତ ହୋଇଯାଇଛି ।

: ଆଜି କେନ୍ଦୁପାଟଣା ଶାଖାରଗୁରୁଭଗ୍ନୀ କୁନି ସାମଲଙ୍କ ଦେହାନ୍ତ ।

ତା୨୦।୫।୯୬ରିଖ (ସୋମବାର): କଟକ (ଜଗତପୁର) ଶାଖାର ସ୍ୱର୍ଗତ ଗୁରୁଭାଇ ୰ ଦୁର୍ଯ୍ୟୋଧନ ସାହୁଙ୍କର ତିଳତର୍ପଣ ଯଥା ବିଧି ଅନୁଷ୍ଠିତ ହୋଇ ସ୍ୱର୍ଗତ ଆତ୍ମାର ଶାନ୍ତି ସନ୍ତୋଷ ବିଧାନ କରାଯାଇଅଛି ।

ତା୨୩।୫।୯୬ରିଖ (ଗୁରୁବାର) : ଜଳେଶ୍ୱରପୁର ପ୍ରସ୍ତାବିତ ଶାଖାର ଗୁରୁଭଗ୍ନୀ ୰ ରଙ୍ଗ ସାହୁଙ୍କର ଆତ୍ମାର ଶାନ୍ତି ସାଧନ ନିମନ୍ତେ ଯଥାବିଧି ତିଳତର୍ପଣ ଅନୁଷ୍ଠିତ ହୋଇଅଛି ।

ତା୨୭।୫।୯୬ରିଖ (ସୋମବାର): ଢେଙ୍କାନାଳ ଜିଲ୍ଲାର ଗୋବିନ୍ଦପୁର (ସିନିଂମିକ୍) ଶାଖାର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି ।

ତା୩୧।୫।୯୬ରିଖ (ଶୁକ୍ରବାର) : ପାଳଦାର ଗୁରୁଭାଇ ଚନ୍ଦ୍ରମଣି ସାମଲଙ୍କ ଉଦ୍‌ଯୋଗରେ ଏକ ପାରିବାରିକ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଯଥାବିଧି ଅନୁଷ୍ଠିତ ହୋଇଯାଇଛି ।

ତା୧।୬।୯୬ରିଖ (ଶନିବାର) : ଦେବସ୍ଥାନ ପୂର୍ଣ୍ଣିମାଧିବାସରେ ସଂଘ ସହଯୋଗରେ ଗୀତାଯଜ୍ଞ କଟକ, ଯୋବ୍ରାସ୍ଥ ଗୁରୁଭ୍ରାତା ଶ୍ରୀ ପ୍ରଫୁଲ କୁମାର ମାଝୀ (ବୁଲୁଭାଇ)ଙ୍କ ବାସଭବନରେ ପାରମ୍ପାରିକରୀତିରେ ଅନୁଷ୍ଠିତ ହୋଇଯାଇଛି ।

ତା୮।୬।୯୬ରିଖ (ଶନିବାର) : ଗତ ତା ୨୭।୪।୯୬ରିଖ, ଶନିବାର ଶୃତିପୁର ମଧୁବନିଆ ଗ୍ରାମରେ ଆୟୋଜିତ ଆଞ୍ଚଳିକ ସତ୍‌ସଙ୍ଗ ପ୍ରତିକୂଳ ପାଗ ପାଇଁ ବାତିଲ୍ ହୋଇଯାଇଥିଲା । ମାତ୍ର ସତ୍‌ସଙ୍ଗ ପ୍ରେମୀ ଆଗ୍ରହୀ ଜନସାଧାରଣ ଓ ସ୍ଥାନୀୟ ଗୁରୁଭାଇଭଉଣୀମାନଙ୍କର ଉଦ୍ୟମ ଓ ସହଯୋଗକ୍ରମେ ଆଜି ପୁଣି ଥରେ ସେଠାରେ ଏକ ଆଞ୍ଚଳିକ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଯାଇଛି ।

ତା୧୦।୬।୯୬ରିଖ (ସୋମବାର): ପୁରୀ ଜିଲ୍ଲାର ସାକ୍ଷୀଗୋପାଳ ପ୍ରସ୍ତାବିତ ଶାଖାର ବାର୍ଷିକ ଉତ୍ସବ ଯଥାରୀତିରେ ପାଳିତ ହୋଇଯାଇଛି ।

ତା୧୩।୬।୯୬ରିଖ (ଗୁରୁବାର) : ମଲ୍ଲୀପୁରା ଶାଖାର ବାର୍ଷିକୋତ୍ସବ ଯଥାବିଧି ପାଳିତ ହୋଇଯାଇଛି ।

ତା୧୬।୬।୯୬ରିଖ (ରବିବାର) : ଗୁରୁପାଦ ବିଜୟାନନ୍ଦ ଗୋସ୍ୱାମୀଙ୍କର ଜନ୍ମତିଥି ବାରିପଦା ବାଘଡ଼ା ରୋଡ଼ସ୍ଥିତ ତାଙ୍କ ବାସଭବନରେ ଯଥାବିଧି ପାଳିତ ହୋଇଯାଇଛି ।

: ବାଲେଶ୍ୱର ଶାଖାର ବାର୍ଷିକୋତ୍ସବ ଯଥାରୀତି ପାଳନ କରାଯାଇଛି ।

ତା୨୫।୬।୯୬ରିଖ (ମଙ୍ଗଳବାର): ଓଡ଼ାସିଂ ପତ୍ରିନିଧି ଗୁରୁଭ୍ରାତା ରବିନ୍ଦ୍ର ସାମଲଙ୍କର ଗତ ତା ୧୫।୬।୯୬ରିଖ ଶନିବାରରେ ଦେହାନ୍ତ ହୋଇଛି । ଆଜି ସ୍ୱର୍ଗତ ଗୁରୁଭ୍ରାତା ୰ ରବିନ୍ଦ୍ର ସାମଲଙ୍କ ଆତ୍ମାର ଶାନ୍ତି ବିଧାନ ନିମନ୍ତେ ଓଡ଼ାସିଂଠାରେ ଯଥାବିଧି ତିଳତର୍ପଣ କାର୍ଯ୍ୟାନୁଷ୍ଠାନ କରାଯାଇଛି ।

***

# ଜଣାଣ

*(ଶଙ୍କରାଭରଣ ବୃତ୍ତେନ ଗୀୟତେ)*

ମାଟିରେ ମିଶୁଏ ମାଟି ଘାଟ, ଜଳେ ଜଳ ।
ବାୟୁରେ ମିଶୁହେ ବାୟୁ, ଅନଳେ ଅନଳ ।
ଶୂନ୍ୟେ ଶୂନ୍ୟକର ପ୍ରଭୁ,
ପଞ୍ଚଭୂତ ପଞ୍ଚଭୂତେ ମିଶୁ ତରେ ଭବୁ ॥୧॥
ଦେହ ଥାଇ ଦେହାତୀତ ଭାବେ କର ରୁଦ୍ଧ ।
ତମେ ହେ ସଚ୍ଚିଦାନନ୍ଦ, ତମେ ଜ୍ଞାନବୁଦ୍ଧ ।
ତମେ ପ୍ରାଣର କେଶବ,
ତମ ବିନୁ ସ୍ଥୂଳ ତନୁ ପାଲଟଇ ଶବ ॥୨॥
ହୃଦ ସ୍ଥଳେ ସୂକ୍ଷ୍ମରୂପେ ତମେ ବିଦ୍ୟମାନ ।
ତ୍ରିକୂଟେ କାରଣ ରୂପେ ତମେ ଜ୍ୟୋତିଷ୍ମାନ ।
ସ୍ଥୂଳ, ସୂକ୍ଷ୍ମ ଓ କାରଣ,
ତମେ ହିଁ ଜୀବଜୀବନ, ମରଣ ବାରଣ ॥୩॥
ତମେ ଆଶା ତମେ ଭାଷା ତମେ ହିଁ ଭରସା ।
ନିରାଶା ତମସା ମଧ୍ୟେ କରୁଣା ବରଷା ।
କରି କରାଅ ସରସା,
ଦୁର୍ଲଭ ମାନବ-ଜନ୍ମ-ନିଶା ଅନ୍ତେ ଉଷା ॥୪॥
ପ୍ରତିକ୍ଷଣେ ପାଶେ ରହି ଚଲା ପଥ ମୋର ।
କରୁଛ ସହଜ ପୁଣି ସରସ ସୁନ୍ଦର ।
ପଦେ କୃତଜ୍ଞତାଞ୍ଜଳି,
ନତଶିରେ ଲୟ ରଖି ଢାଳୁଛି ଅଞ୍ଜଳି ॥୫॥
ମୋ ଜୀବନ ପୂଜା ଫୁଲ ଘେନ ଦୟାବହି ।
ଭାବକୁ ନିକଟ ପରା ତମେ ଭାବଗ୍ରାହୀ ।
ଭାବେ ଅଭାବ ହୋଇଲେ,
ଅଭାବକୁ ନାବ ଦେବ ଡ଼ାକିଲେ ପହିଲେ ॥୬॥
ସୂକ୍ଷ୍ମସତ୍ତା ସୂକ୍ଷ୍ମରେ ହେ ଦେଉଛ ଆଶିଷ ।
ପ୍ରତିକ୍ଷଣେ ପ୍ରତିପ୍ରାଣେ ଭରୁଛ ସନ୍ତୋଷ ।
ତମେ କରୁଣାନିଧାନ,
ତମେ ହିଁ ମୋ ପ୍ରାଣନାଥ, ମୋ ଜୀବଜୀବନ ॥୭॥
ତମେ ପ୍ରଭୁପାଦ ମୋର, ତମେ ଗୁରୁସ୍ୱାମୀ ।
ପିତାମାତା ବନ୍ଧୁ ସଖା ଆହେ ଅନ୍ତର୍ଯ୍ୟାମୀ ।
ପ୍ରେମମୟ ସୁପୁରୁଷ,
ଭକତ ବତ୍ସଳ ପ୍ରଭୁ, ଆହେ ପୀତବାସ ॥୮॥

❋❋❋

ଆମର ଲକ୍ଷ୍ୟ : ଚରମପ୍ରାପ୍ତି